ଆନନ୍ଦ-ଲହରୀ ଉପନ୍ୟାସମାଳା·····ସପ୍ତବିଂଶ ଖଣ୍ଡ

# ବନ୍ଦୀର ମାୟା

odia.org

ପ୍ରକାଶକ

ସାରସ୍ୱତ ପ୍ରେସ

କଟକ

ମୂଲ୍ୟ—ଛଅ ଅଣା

ଏହି ଗଳ୍ପଟି ଏକ ସୁଖ୍ୟାତ
ଇଂଲିଶ୍ ଗଳ୍ପର ଅବଲମ୍ବନରେ
ଲେଖାଯାଇଛି ।

# ନଦୀର ମାୟା

—ଏକ—

ଦିନରେ ତଳେ ସୂର୍ଯ୍ୟକିରଣ ପଡ଼େ ନାହିଁ, ରାତିରେ ଜନ-ମାନବର ସ୍ୱର ଶବ୍ଦ ଶୁଣାଯାଏ ନାହିଁ; ଏହିପରି ଭୟଙ୍କର ଜଙ୍ଗଲ ! ପୃଥିବୀ ଉପରେ କେତେ କୋଶ ଯେ ଏହି ଜଙ୍ଗଲ ବ୍ୟାପିରହିଛି, ଜାଣି ହୁଏ ନାହିଁ । ବୃଦ୍ଧା ଧରଣୀର ଶୁଭ୍ର-ଶୈଶବରେ ଯେତେବେଳେ ଗଗନର ଚନ୍ଦ୍ରସୂର୍ଯ୍ୟ ଗ୍ରହନକ୍ଷତ୍ର ଆନନ୍ଦରେ ଆଲୋକ ଢାଳୁଥିଲେ, ଯେତେବେଳେ ଦକ୍ଷିଣର ମଳୟାନିଳ, ଉତ୍ତରର ଝଡ଼ତୋଫାନ, ଈଶାନ କୋଣର ଝଞ୍ଜା ଯେ ଯାହାର ଅଭିନୟ ଦେଖାଇ ଚାଲିଥିଲେ, ସେହି ଅନାଦି ଯୁଗର ଆଦି ଉତ୍ସବ ମୂହୂର୍ତ୍ତରେ ଗୋଟିଏ ଅଳସ ଜଳଧାରା କ୍ଷୀଣ ବକ୍ରଗତିରେ ଏହି ନିବିଡ଼ ଜଙ୍ଗଲ ଭିତରେ ବହିଯାଇ ତାର ଅପୂର୍ବ ଲୀଳାମୟ ସଙ୍ଗୀତ ତଟ-ବାସୀ ଜୀବଜନ୍ତୁଙ୍କୁ ଶୁଣାଇ ଚକିତ କରିଦେଉଥିଲା । ସେତେବେଳେ ଏହି ଜଳଧାରାର ନାମକରଣ ହୋଇ ନ ଥିଲା । ଦିନକୁ ଦିନ, ମାସକୁ ମାସ, ବର୍ଷକୁ ବର୍ଷ, ଯୁଗକୁ ଯୁଗ ତାର ଗତି ସହିତ ପ୍ରଶସ୍ତି ବଢ଼ିବାକୁ ଲାଗିଲା । ଅନନ୍ତ କାଳର ଏହି ଗୀତିମୟ ଜଳଧାରାକୁ ଅନନ୍ତ ଯୁଗ ପରେ ଲୋକେ କହିଲେ ମହାନଦୀ !!

ସେହି ଆଦି ଯୁଗରୁ ପୃଥିବୀର ବୁକୁ ଚିରିଲା ପରି ଏହି ମହାନଦୀ ସେହି ନିବିଡ଼ ଜଙ୍ଗଲ ଭିତରେ ବହି ଚାଲିଛି । ତାର ଗତିର ବିରାମ ନାହିଁ । ଦୂର ଗଗନମାର୍ଗକୁ ସ୍ପର୍ଶ କରି ଦୁଇ କୂଳର ତରୁଶ୍ରେଣୀ ପରସ୍ପର ଛନ୍ଦାଛନ୍ଦି ହୋଇ ତପୋରତ ମୌନ ମୁନି ପରି ଠିଆ ହୋଇଛନ୍ତି । ସେହି ତରୁ–ପ୍ରାଚୀରକୁ ଭାଙ୍ଗିବା ପାଇଁ କେବେ କିଏ ଚେଷ୍ଟା କରି ନାହିଁ । କେବେ କିପରି ଅବା ହିଂସ୍ର ଜନ୍ତୁଟାଏ ସେହି ଜଙ୍ଗଲ ଭିତରେ ନିଃଶଙ୍କ ବିହାର କଲାବେଳେ ସେହି ପ୍ରାଚୀରର ଏକ ପାଖରେ ଠିଆ ହୋଇ, ଭୟ ବିସ୍ମୟରେ ଅନ୍ୟ ପାଖକୁ ଚାହିଁ ପାଣି ମନ୍ଦାଏ ପିଇ ଫେରିଯାଏ । ତାହା ଲଙ୍ଘି ଅନ୍ୟ ପାଖକୁ ଯିବାକୁ ତାର ସାହସ ହୁଏ ନାହିଁ । କେବେ କେବେ ବା ଏହିପରି ଦୃଶ୍ୟ ଦେଖି ଦେଖି ଦୁଇ ଚାରିଟା ଡଙ୍ଗା ଜିନିଷପତ୍ର ବୋଝେଇ କରି ସେହି ସ୍ରୋତରେ ତଳକୁ ଭାସିଯାଏ ବା ସ୍ରୋତକୁ କାଟି କାଟି ଧୀର ଅଳସ ଗତିରେ ଉପରକୁ ଚାଲିଯାଏ । ସେହି ଜଙ୍ଗଲ ଭିତର ପାରି ହେଲା ବେଳେ ନାଉରିମାନଙ୍କୁ ବୋଧ ହୁଏ, ସତେ ଯେପରି ସେମାନେ ଜୀବନର ଏକ ଦୁର୍ଦ୍ଦଶାମୟ ଭୀଷଣ ଘାଟ ପାରି ହେଉଛନ୍ତି !

ବହୁ ଯୁଗ ଗଲା । ତାପରେ କେବେ ମାନବର ସର୍ବଗ୍ରାସୀ ଲୋଭର ଛାୟା ସେହିଠାରେ ଯାଇ ପଡ଼ିଲା । ସେତେବେଳ ପର୍ଯ୍ୟନ୍ତ ସେହି ବିରାଟ ଶିଳାଖଣ୍ଡ, ତୁଙ୍ଗ ତରୁଶ୍ରେଣୀ ଥିଲେ ସ୍ୱାଧୀନ ; ସେଠାର ବନଜନ୍ତୁ ଥିଲେ ନିଶ୍ଚିନ୍ତ ! କିଶୋରୀ ଧରଣୀର ଆସନ୍ନ ଯୌବନ ଶୋଭାରାଶି ଦିନରାତି ସେଠାରେ ହସି ଉଠୁଥିଲା । ଦିନେ ସେଠାକୁ ରାଜା ଆସିଲେ । ରାଜ୍ୟ ଅଧିକାର କରିବା ତାଙ୍କର ଥିଲା ଲକ୍ଷ୍ୟ ! କାଠୁରିଆ ଆସି କାଠ କାଟିଲା, ପଥୁରିଆ ପଥର

ଗଡ଼ାଇ ଭୂମିଖଣ୍ଡ ସମତଳ କଲା, ଶିକାରୀ ଚିର ସ୍ୱାଧୀନ ବନ-ରାଜ୍ୟରେ ପରାଧୀନତାର ନାଗପାଶ ଛନ୍ଦିଲା । କେତେ ଦିନ ପରେ ସେଠାରେ ଅବାଧରେ ମାନବ-ରାଜତ୍ୱ ଚାଲିଲା ।

ସେହି ବିଶାଳ ବନରାଜ୍ୟରେ ମାନବର ରାଜତ୍ୱ ଚାଲିବା ସଙ୍ଗେ ସଙ୍ଗେ ସେହି ରାଜତ୍ୱରେ ଶନିର କ୍ରୂରଦୃଷ୍ଟି ମଧ୍ୟ ପଡ଼ିଲା । ଜଣକର ତରବାରୀ ଅନ୍ୟର ରକ୍ତପାନ ପାଇଁ ଥରି ଉଠିଲା । ଜଣକର ବାହୁବିକ୍ରମ ଅନ୍ୟର ପରାଜୟରେ ଶାନ୍ତି ଲଭିବ ବୋଲି ହୁଙ୍କାର ଉଠିଲା । ଜଣକର ସର୍ବଗ୍ରାସୀ କାମନା ଅନ୍ୟର ଶତଲକ୍ଷ ପୁଞ୍ଜିତ କାମନାକୁ ସମୂଳେ ଧ୍ୱଂସ କରିବାକୁ ଉଦ୍ୟତ ହେଲା ।

କେତେଦିନ ଗଲା ନାହିଁ; କେତେ ଯୁଗ ବିତିଗଲା । ତାହୁଁ ତାହୁଁ ପ୍ରକୃତିର ସେହି ଲୀଳାଭୂମିରେ ମାନବର ଜୟ ପରାଜୟର ଲୀଳା ଆରମ୍ଭ ହେଲା—ଭବିଷ୍ୟତ୍ ମାନବ ପାଇଁ ସେଠାରେ ଇତିହାସର ସୂତ୍ରପାତ ହେଲା । ମାତ୍ର କିଏ ଜିଣିଲା, କିଏ ହାରିଲା, ସେଥିର ଇତିହାସ ଏ ପର୍ଯ୍ୟନ୍ତ ମାନବ-ସମାଜ ରଖିପାରି ନାହିଁ । ରାଜା ଆସିଲେ, ରାଜା ଗଲେ, ରାଜ୍ୟ ଉଠିଲା, ରାଜ୍ୟ ଧ୍ୱଂସ ହେଲା; ତଥାପି ଏତେ ଲୀଳାଖେଳା ମଧ୍ୟରେ ମହାନଦୀର କିଛି ପରିବର୍ତ୍ତନ ହେଲା ନାହିଁ ; ମହାନଦୀର ମହାପ୍ରବାହକୁ କେହି ରୋଧ କରି ପାରିଲେ ନାହିଁ । ସେ ସେହିପରି ଉଦ୍ଦାମ ଉଚ୍ଛୃଙ୍ଖଳ ଗତିରେ ପ୍ରତି ମୂହୂର୍ତ୍ତରେ ବହିବାରେ ଲଗିଲା । ଜଙ୍ଗଲ ସେହିପରି ମୁଣ୍ଡ ଟେକି ଗଗନବାସୀ ଗ୍ରହନକ୍ଷତ୍ରଙ୍କ ଆଲୋକ-ଧାରା ତଳେ ପଡ଼ି-ବାରେ ବାଧା ଦେଲା !

ପୁଣି କେତେ ଯୁଗ ଗଲା । କେତେ ଯୁଗ ପରେ, ମାନବ-ଖେଳର ସେହି ସ୍ମୃତି-ମଣ୍ଡପ ଭୂମିରେ ମହାନଦୀର ଠିକ୍

ଜଙ୍ଗଲରେ ବିଜୟଗଡ଼ ବୋଲି ଏକ ପ୍ରକାଣ୍ଡ ଜନ-ଅଧିବାସ ମଣ୍ଡି ଉଠିଲା । ମାନବ ନିର୍ଦ୍ଦୟ ହସ୍ତ ପ୍ରସାରଣ କରି ପୁରି ପରେ ପୁରି, ପ୍ରାସାଦ ପରେ ପ୍ରାସାଦ ନିର୍ମାଣ କରିବାରେ ଲାଗିଲା । ସେଠି ପ୍ରକୃତିର ଆରାଧନା ଯାଇ ମାନବ ଦ୍ୱାରା ମାନବର ଆରା-ଧନା ଚାଲିଲା ।

ବିଜୟଗଡ଼ ହେଲା ମହାନଦୀଚାରୀ ନାବିକମାନଙ୍କର ଏକ ବାଣିଜ୍ୟ କେନ୍ଦ୍ର । —ବିଶ୍ରାମ ସ୍ଥଳୀ ! ସମ୍ବଲପୁରର ନାବିକ କଟକ ଫେରିଲା ବେଳେ ବା କଟକର ନାବିକ ମଧ୍ୟ ପ୍ରଦେଶକୁ ବାଣିଜ୍ୟ କରି ଗଲାବେଳେ ବିଜୟଗଡ଼ହିଁ ହେଲା ସେମାନଙ୍କର ବେପାର ବାଣିଜ୍ୟର ଏକମାତ୍ର ବିଶ୍ରାମସ୍ଥଳୀ ।

## —ଦୁଇ—

ବିଜୟଗଡ଼ ଯେ ମାନବ ଜାତିର ଜୟପରାଜୟର ଏକ ଲୀଳା ନିକେତନ ଥିଲା, ଏହି ନାମରୁହିଁ ତାହା ଅନୁମାନ କରାଯାଇ ପାରେ । କାହାର ଜୟ ହେଲା, କାହାର ପତନ ହେଲା, ସେ ଇତିହାସ ଏଠାରେ କୁହାଯାଉ ନାହିଁ । ଏତିକି ମାତ୍ର କୁହାଯାଇ ପାରେ ଯେ, ଗଡ଼ର ଦୁଇକୋଶ ଦକ୍ଷିଣକୁ ଦୁଇଟା ପାହାଡ଼ ମଝିରେ ଏକ ପ୍ରକାଣ୍ଡ ପ୍ରାନ୍ତର । ସେହି ସ୍ଥାନଟାର ନାଁ ହେଉଛି ବରିପଡ଼ିଆ । ଏହି ବରିପଡ଼ିଆର ଇତିହାସ ଅଛି । ଯାଜପୁର କ୍ଷେତ୍ରରେ ଓଡ଼ିଶାର ଗୌରବ-ରବି ଅସ୍ତ ହେଲାବେଳେ ବାରବାଟିର କନକ-ସୌଧ ଭୂମିସାତ୍ ହେଲା । ତାହାରି ସଙ୍ଗେ ସଙ୍ଗେ ଦେଶର ଅଗଣିତ ଗିରିଦୁର୍ଗ କେବଳ 'ଗିରିଦୁର୍ଗ' ନାମରେ ରହିଲା । ଲୋକେ ଅସ୍ତ୍ରଶସ୍ତ୍ର ତ୍ୟାଗିଲେ; ତହିଁ ସଙ୍ଗେ ସଙ୍ଗେ ଯେଉଁ କ୍ଷେତ୍ରରେ

ଶତ ଶତ ସମରଯାତ୍ରାରେ ମାଟି ରକ୍ତ-ରଞ୍ଜିତ ହୋଇ ପଡିଥିଲା, ତାର ନାମକୁ ବିକୃତ ମଧ୍ୟ କରି ପକାଇଲେ। ଏହି ବରପଡିଆ ଉତ୍କଳର ଗୌରବମୟ ଯୁଗର ଏକ ବିକୃତ ନାମ ମାତ୍ର!

୧୭୬୦ ମସିହା ସମୟକୁ ଗଜପତିଙ୍କ ରାଜସିଂହାସନ ଯେତେବେଳେ ମରହଟ୍ଟା ଦସ୍ୟୁଙ୍କ ପ୍ରହାର ଫଳରେ ପ୍ରତିକ୍ଷଣରେ କମ୍ପୁଥିଲା, ମହାନଦୀ କୂଳର ଏହି ବରପଡିଆରେ ଜଣେ ଷାଠିଏ ବର୍ଷର ବୃଦ୍ଧ ଖଣ୍ଡିଏ ଚାଳ ଘର ଭିତରେ ରହି ପରମଶାନ୍ତିରେ ଦିନ କାଟୁଥିଲେ।

ବରପଡିଆରୁ ବଜ୍ରଗଡ଼ ଯିବା ପଥରେ ଗୋଟିଏ ଛୋଟିଆ ଗିରିପଥ। ସେଠାରେ ପାହାଡ଼ ଉପରେ ଠିଆ ହେଲେ ମହାନଦୀର ଜଳସ୍ରୋତ ତରଳରୂପାର ସ୍ରୋତ ପରି ଜଣାପଡ଼େ। ଏପାଖେ ପର୍ବତ ସେପାଖେ ଗିରିନଦୀ; ଏପାଖେ ମହାନଦୀର ଭୀମକାନ୍ତ ଦୃଶ୍ୟ, ସେପାଖେ ପ୍ରକାଣ୍ଡ ଭୂଭାଗ ବୁଭୁକ୍ଷୁ ମାନବର କରତଳଗତ! ସନ୍ଧ୍ୟା ହେଲେ ବରପଡିଆର ସେହି କୁଟୀର ଭିତରକୁ ବଜ୍ରଗଡ଼ର ଜନ-କୋଳାହଳ ପରିଷ୍କାର ବାରି ହୁଏ ନାହିଁ ସତ; ମାତ୍ର ଶୀତଦିନର ରାତିରେ ତାହା ବେଶ୍ ଜଣାଯାଏ। ମହାନଦୀର ନାଉରୀ ଭାଇର ସଙ୍ଗୀତ ଧ୍ୱନି କୁଞ୍ଜରୁ କୁଞ୍ଜକୁ ବଣଭିତରେ ପ୍ରତିଧ୍ୱନିତ ହୋଇ ବରପଡିଆର କୁଡିଆ ଭିତରେ ଯାଇ ପହଞ୍ଚେ। ବନବିହାରୀ ଅଗଣିତ ପକ୍ଷୀଙ୍କ ମଧୁର କଳରୋଳ ଦିନରାତି ସେହି ଭୂମିଖଣ୍ଡକୁ ମଧୁମୟ କରି ରଖିଥାଏ। ସେଠାରେ ସଂସାରର ଆବିଳତା ନାହିଁ କି ମରୁଭୂମିର ନିସ୍ତବ୍ଧତା ନାହିଁ। ସେହି ଶ୍ୟାମଳ ପତ୍ରକଳଶଳଯୁକ୍ତ ସୁଷମାପୂରିତ କୁଞ୍ଜବନ, ଉଜ୍ଜଳ ସୂର୍ଯ୍ୟାଲୋକ, ବିଚିତ୍ର ସଙ୍ଗୀତ ରାଗିଣୀ ପ୍ରତି ମୁହୂର୍ତ୍ତରେ ପ୍ରାଣମନ ପୁଲକିତ କରିପକାଏ। ସେହି ନିରାଡ଼ମ୍ବର ବନଭୂମି ଭିତରେ କେବଳ ଶାନ୍ତି, ଶାନ୍ତିହିଁ ବିରାଜେ

କରୁଥାଏ । ଶାନ୍ତି ଛଡ଼ା ଆଉ ସେଠାରେ କିଛି ନାହିଁ—ବିରପଣ୍ଡଆର ଏଇ ହେଉଛି ମହତ୍ତ୍ୱ !

କୁଣ୍ଡଆ ଖଣ୍ଡି ଠିକ୍ ପାହାଡ଼ ତଳେ । କୁଣ୍ଡଆର ବାହାର ଘରେ ବସିଲେ ସମଗ୍ର ବିରପଣ୍ଡଆ ଆଖିରେ ପଡ଼େ । ଜଣାଯାଏ, ସେଇ କୁଣ୍ଡଆ-ସଂସାର ଚାରିପଟେହିଁ କେବଳ ଜଙ୍ଗଲ, ଜଙ୍ଗଲ ! ନିବିଡ଼ ଜଙ୍ଗଲ ଛଡ଼ା ଆଉ କିଛି ନାହିଁ । ଆଉ ବା ଯାହା କିଛି ଅଛି, ତାହା ପ୍ରତିଦିନର ପ୍ରତି ମୁହୂର୍ତ୍ତର ଦେଖିବାର ଜିନିଷ ! ଉପରେ କେବଳ ଅନନ୍ତ ଅସୀମ ନୀଳ ଆକାଶ; ଆଉ, ଦୂରରେ ଆକାଶକୁ ଭେଦ କରିବାକୁ ଅନନ୍ତ ଯୁଗରୁ ଚେଷ୍ଟା କରି ଆସିଥିବା ଦୁଇଚାରିଟା ଧୂସର ପାହାଡ଼ର ଶିଖର ! ! ପ୍ରକୃତିର ଏଇ ବିରାଟ ବିପୁଳ ଉଦାର ବିଭବ ଭିତରେ ବିରପଣ୍ଡଆ ବା ବୀର-ପଣ୍ଡଆର ସ୍ଥାନ ! ତାହା ଭିତରେ ଗୋଟିଏ କ୍ଷୁଦ୍ର କୁଟୀର !

ଏହି କୁଟୀର ଖଣ୍ଡିକରେ ରହନ୍ତି ସୁଜନ ଶନୁଶଲ । ଏବେ ସେ ଚାଷୀ । ଆଗେ ତାଙ୍କ ପୂର୍ବପୁରୁଷ ବୀର ଥିଲେ । ଖାଲି ବୀର ନ ଥିଲେ, କୌଣସି ଏକ ବୀରଭୂମିର ସେମାନେ ଥିଲେ ମାଲିକ । ଜନ୍ମଭୂମିର ଶ୍ୟାମଳ ଆବରଣକୁ ସେମାନେ ସମର କ୍ଷେତ୍ରରେ ବନ୍ଧୁବାର ରକ୍ତ-ରଞ୍ଜିତ କରି ଜୟସଙ୍ଗୀତ ଗାଇ ଫେରିଥିଲେ । ଦେଶର ମଧୁମୟ ଗୌରବ ଗାଥା ତାଙ୍କର କଣ୍ଠରୁ ଉଠି ବହୁ ବର୍ଷ ଗିରିବନପ୍ରାନ୍ତରରେ ଜୀବନ ନଚାଇଥିଲା । ମାତ୍ର ମାନବର ଜୟ-ପରାଜୟ ଲୀଳାଖେଳା ଭିତରେ ସେଇ ବଂଶର ବୀର-ଭୂମି ତ ଗଲା, ବୀରତ୍ୱ ମଧ୍ୟ ଲୋପ ପାଇଗଲା । ଶେଷରେ ଜଙ୍ଗଲ ହେଲା ସେମାନଙ୍କ ଉତ୍ତରାଧିକାରୀମାନଙ୍କର ଏକମାତ୍ର ଆଶ୍ରୟ ।

ସୁଜନଙ୍କର ଦୀର୍ଘ ବଳିଷ୍ଠ ଶୁଭ୍ର ଅଙ୍ଗପ୍ରତ୍ୟଙ୍ଗ ଦେଖିଲେ ଜଣାଯାଏ, ବିଧାତା ଯେପରି କେବଳ ତାଙ୍କୁ ଯୁଦ୍ଧଭୂମିରେ ଖେଳା

କରିବାପାଇଁ ଗଢ଼ିଥିଲା ! ତାଙ୍କ ଆଖିରେ ଜ୍ୟୋତି ଜଳୁଥିଲା, ତାଙ୍କ ଅଧର ତଳେ ସଂସାରର କେତେ ଗୋପନ-ରହସ୍ୟ ଜମାଟ ବାନ୍ଧିଲା ପରି ରହୁଥିଲା । ବଂଶର ମହତ୍ତ୍ୱ—ଗୌରବକୁ ସେ ଆପଣାର ସ୍ମୃତି-ରାଜ୍ୟରେ ରଖି ଜୀବନଟାଯାକ ବାରପଡ଼ିଆର କୁଣ୍ଡଆଠା ଭିତରେ କଟାଇଦେଲେ । ଯୌବନରେ ଦେଶର ସ୍ୱପ୍ନ ଦେଖିଲେ, ଯୁଦ୍ଧର ସ୍ୱପ୍ନ ଦେଖିଲେ, ପିତୃପୁରୁଷଙ୍କ ରକ୍ତର ଧାର ଆପଣାର ବୁକୁତଳେ ଛଳ ଛଳ ହେବାର ସେ ଅନୁଭବ ମଧ୍ୟ କରିଥିଲେ । ଏବେ ସେ ବୃଦ୍ଧ ! ଦେହର ବଳ ସହିତ ମନର ବଳ ଅନେକ ପରିମାଣରେ ନଷ୍ଟ ହୋଇଯାଇଛି । ଏବେ ଆଉ ସେ ଗିରିପଥ ବାଟେ ଗଲାବେଳେ ପାହାଡ଼ ଉପରେ ଠିଆ ହୋଇ ବନ୍ୟଜନ୍ତୁ ସଙ୍ଗେ ବଳ-ପ୍ରତିଯୋଗିତା କରିବାକୁ ଇଚ୍ଛା କରନ୍ତି ନାହିଁ । ଗାଧୋଇଲା ବେଳେ ଉଦ୍ଦାମ ଗତି ମହାନଦୀ ଜଳକୁ ବିଭାଗ କରିଦେବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ତାଙ୍କର ଏକମାତ୍ର ସମ୍ବଲ ଏବେ ଗୀତା, ଭାଗବତ ! କେବେ କାପରି ଦୂର ସ୍ଥାନକୁ ଯିବାକୁ ପଡିଲେ ସେ ନିତାନ୍ତ ମ୍ରିୟମାଣ ହୋଇ ପଡ଼ନ୍ତି । କହନ୍ତି, ସଂସାର ବିଷୟରେ ବୁଡିରହିବାକୁ ମୋର ଆଉ ଇଚ୍ଛା ନାହିଁ; ସେ ଶକ୍ତି ମଧ୍ୟ ନାହିଁ । ଏହି ଗୀତା ଭାଗବତହି ମୋର ଗଣ୍ଠିଧନ ।

## —ତିନି—

ସୁଜନଙ୍କର ସ୍ତ୍ରୀ ଅନେକ ଦିନୁ ସଂସାର ଛାଡ଼ି ଚାଲି ଯାଇଛନ୍ତି । ସୁଜନ ନିଜ ହାତରେ ପ୍ରଣୟିନୀଙ୍କର ଲାବଣ୍ୟମୟୀ ଅଙ୍ଗକୁ ଶେଷ ଥରକ ପାଇଁ ଛୁଇଁ ମହାଦେବ ଦକ୍ଷକନ୍ୟାକୁ

କାନ୍ଧରେ ବୁହାଇଲା ପରେ ବୁହାଇ ଚଉଦ ବର୍ଷ ତଳେ ବାରି-
ପଡ଼ିଆର ଏକ କୋଣରେ ଗୋଟିଏ ବଡ଼ ଶାଳଗଛ ମୂଳେ ଚିତାରେ
ଶୁଆଇଥିଲେ । ଏବେ ପ୍ରତିଦିନ ସନ୍ଧ୍ୟାବେଳେ ଗୀତା ଭାଗବତ
ପଢ଼ିବା ପୂର୍ବରୁ ସେ ସେହି ଶାଳଗଛ ମୂଳକୁ ଯାଇ ପ୍ରଣୟିନୀଙ୍କର
ଚିତାଭୂଇଁରେ ଟିକିଏ ବସି ଆସନ୍ତି । ହାତ ପାଖରେ ଥିବା ଦୁଇ
ଚାରିଟା ଫୁଲ, ଦୁଇ ଚାରିଟା କଅଁଳ ପତ୍ର ସେହି ଶ୍ମଶାନ ଭୂମି
ଉପରେ ପକାଇ ଦେଇ ହୃଦୟରେ କି ଅପୂର୍ବ ଶାନ୍ତି ଲାଭ
କରନ୍ତି ! ସେତେବେଳେ ଦୀର୍ଘ ଚଉଦ ବର୍ଷ ତଳର ସେ ରହସ୍ୟ-
ମୟ ଦାମ୍ପତ୍ୟ ଜୀବନକଥା ତାଙ୍କ ମାନସ-ଚକ୍ଷୁ ସମକ୍ଷରେ ଢଳଢଳ
ନାଚିଯାଏ । କାହାର କୋମଳ କର-କଙ୍କଣର ମଧୁର ସଙ୍ଗୀତ
କାନକୁ ଶୁଣାଯାଏ, କାହାର ପଦଗତିର ଅଳସ ଚଳନ ଶବ୍ଦ
ମନକୁ ଚମକାଇଦିଏ । ସ୍ୱପ୍ନରେ ମୁହୂର୍ତ୍ତେ ବୁଡ଼ି ରହିଲା ପରି ରହି
ସେ ଚଉଦ ବର୍ଷ ତଳର ଲଳିତ ବଦନ, ଆରକ୍ତ ଅଧର, ଢଳ
ଢଳ ହାସ୍ୟ ସବୁ ଗୋଟି ଗୋଟି ଦେଖି ପର ମୁହୂର୍ତ୍ତରେ ଏହି ନଶ୍ୱର
ସଂସାରକୁ ଫେରି ଆସନ୍ତି । ଦେଖନ୍ତି, ତାଙ୍କ ଆଖିରୁ ଦୁଇଧାର
ଲୁହ ବୋହି ହୃଦୟଭିତର କିପରି ଝଟକିତ ହୋଇ ଯାଇଛି ।
ଜୀବନଟା ତାଙ୍କୁ ସେତେବେଳେ ନିତାନ୍ତ ସଙ୍ଗହୀନ ଜଣାପଡ଼େ ।
ପ୍ରତି ସନ୍ଧ୍ୟାରେ କି ଖରା, କି ବର୍ଷା, କି ଶୀତ, ବାରିପଡ଼ିଆର
ଏକ ବିଶାଳ ଶାଳଛାୟା ତଳେ ପ୍ରାଚୀନ ସୁଜନଙ୍କର ପ୍ରାଚୀନ
ପ୍ରାଣ ନିତ୍ୟନୂତନ ଉଦ୍‌ବେଳିତ ହୁଏ । ଏ କଥା ନିଜେ ସୁଜନହିଁ
ଜାଣନ୍ତି । ଆଉ କାହାକୁ ଜାଣିବା ପାଇଁ ସେ ସୁଯୋଗ ସୁବିଧା
ସୁଦ୍ଧା ଦିଅନ୍ତି ନାହିଁ ।

ସୁଜନଙ୍କର ଦୁଇଟି ସନ୍ତାନ । ଗୋଟିଏ ପୁଅ ଓ ଗୋଟିଏ
ଝିଅ । ପୁଅ ଅଭିମନ୍ୟୁକୁ ସେ ଡାକନ୍ତି 'ଅଭି' ବୋଲି । ଅଭିମନ୍ୟୁ

ପ୍ରକୃତରେ ପୁରାଣ ଯୁଗର ଅଭିମନ୍ୟୁ ପରି ରୂପବାଭିବ ଲେଳ ସେ ବଣ ରାଜ୍ୟରେ ବଢ଼ିଥିଲା । ତା ବାହୁର ବଳ ଖେଳାଇବା ପାଇଁ ସେଠାରେ କ୍ଷେତ୍ର ନ ଥିଲା । ବନ୍ଦୀଶାଳାରେ ପଡ଼ିଲା ପରି ସେ କେବଳ ବଣର ଗଛପତ୍ର ସଙ୍ଗେ ଲଢ଼ୁଥିଲା, ଝଞ୍ଜା-ତୋଫାନକୁ ବାଧା ଦେବାପାଇଁ ଲଢ଼ୁଥିଲା—ପର୍ବତ ଡାଳି ଫସଲ ଆଦାୟ କରୁଥିଲା । ପ୍ରକୃତି ସଙ୍ଗେ ଏହି ଭୀଷଣ ଯୁଦ୍ଧ ଚଳାଇଥିଲା ବେଳେ ତାକୁ ବୟସ ହୋଇଥିଲା ଅଠର । ସତେ ଯେପରି ଅଠରଟା ଅଭିମନ୍ୟୁର ବଳ ସେ ବାହୁରେ ବହୁଥିଲା ! ପର୍ବତରୁ ପଥର ଗଡ଼ାଇ, ନବଡ଼ ଜଙ୍ଗଲ ଭିତରେ ହିଂସ୍ରଜନ୍ତୁ ଶିକାର କରି, ଶ୍ରାବଣ ମାସର ମହାନଦୀକୁ ଏକାକୀ ପହଁରି ପାରିହୋଇ ସେ ବନଭୂମିକୁ ଥରାଇ ପକାଉଥିଲା କହିଲେ ଚଳେ । ପର୍ବତ ତାକୁ ଯେପରି ଧୈର୍ଯ୍ୟ ଆଉ ସାହସ ଶିକ୍ଷା ଦେଇଥିଲା, ଅନନ୍ତ ଉଦାର ଗଗନ ତାକୁ ସେହିପରି ଉଦାର ଦୃଷ୍ଟି ମଧ୍ୟ ଦେଇଥିଲା । ଆଉ, ନାଁଅଟି ହେଉଛି 'ଫୁଲ' । ନାଁଟିକୁ ସେ ବେଶ୍ ସାର୍ଥକ କରୁଥିଲା । ସେହି ସମୟରେ ମହାନଦୀ କୂଳର ନବଡ଼ ଜଙ୍ଗଲ ରାଜ୍ୟ କାହିଁକି, ସମଗ୍ର ଓଡ଼ିଶା ରାଜ୍ୟରେ ସେ ଏକମାତ୍ର ଫୁଲ କହିଲେ ଚଳେ । ଫୁଲ ପରି ତାର ହସ, ଫୁଲ ପରି ତାର ହୃଦୟ, ମୋଟାମୋଟି କହିବାକୁ ଗଲେ, ଫୁଲ-ରାଜ୍ୟରେ ସେ ଫୁଲର ରାଣୀ । ନିଜେ ହସି ସେ ଫୁଲପରି ଜଗତକୁ ହସାଇବାକୁ ଚେଷ୍ଟା କରୁଥିଲା । ବୟସ ପନ୍ଦର ପୂରି ଷୋହଳ ପଶିଥିଲା ! ପ୍ରଭାତର ଅରୁଣ କିରଣ ପରି ସେ ନିଜ ଗୌରବରେ ନିଜେ କମନୀୟ ଦେଖାଯାଉଥିଲା । ଖାଲି ଯେ ତାର ରୂପବାଭିବ ଥିଲା, ତା ନୁହେ, ବୀର ବଂଶର ବୀରବାଳା ପରି, ଖଣ୍ଡାୟତର କୁଳାଙ୍ଗନା ପରି ତା ମନରେ ବଳ ଥିଲା, ହୃଦୟରେ ସାହସ ଥିଲା । ଘୋର ଜଙ୍ଗଲ ଭିତରେ

ବିଧାତାର ଏକ ଅପୂର୍ବ ଅଦ୍ଭୁତ ସୃଷ୍ଟି ପରି ସେ ଅବାଧରେ ଲୀଳା-ଖେଳା କରୁଥିଲା ।

ବାଲ୍ୟକାଳର ଜନନୀର ସ୍ମୃତି ତା ମନ-ରାଜ୍ୟରେ ନ ଥିଲା କହିଲେ ଚଳେ । ମାତ୍ର ଜନନୀ ପରି ସେ ନିଜର ପିତୃ-ସଂସାରକୁ ବଡ଼ ସୁନ୍ଦର ଭାବରେ ଗଢ଼ୁଥିଲା । ଘରର ସବୁକାର୍ଯ୍ୟ ସେ ହାତରେ କରେ । ବାହାରେ ଜଙ୍ଗଲ ଭିତରେ ପଶି ଗାଈ ଜଗେ, ଗାଈ ଗୋରୁଙ୍କୁ ନିଜ ହାତରେ ଖାଇବାକୁ ଦିଏ,ପୁଣି ଦୁଧ ଦହି ଭୀଷଣ ଗିରିପଥ ବାଟେ ତାହା ନେଇ ବିଜୟ ଗଡ଼ରେ ବିକିଆସେ । ବଣର ହରିଣୀ ପରି ସେ ଚିରଚଞ୍ଚଳ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ ।

ବିରିପଡ଼ିଆ ଲମ୍ବଓସାରରେ ପାଞ୍ଚଶହ ଏକର ଜମିରୁ କମ୍ ନୁହେ । ଏପାଖେ ଠିଆ ହେଲେ ସେପାଖକୁ ପରିଷ୍କାର ଆଖି ପାଏ ନାହିଁ । ସେଥି ଭିତରେ ଶବୁଲିଙ୍କର ଫସଲ ଭୂଇଁ ! ଫସଲ ଭିତରେ ମକା, ଜହ୍ନା, କାଙ୍ଗୁ, ମାଣ୍ଡିଆ ପ୍ରଭୃତି ଜଙ୍ଗଲି ଫସଲ ବେଶୀ । ମାତ୍ର ଫସଲ ଅପେକ୍ଷା ଗୋ-ପାଳନରେ ତାଙ୍କର ଆୟ ବେଶୀ ହୁଏ । ଚାଷବାସ କାମ ଯାହା, ତାହା ସବୁ ମୂଲିଆ ଚାକରଙ୍କ ଦ୍ୱାରା ହୁଏ । ମାତ୍ର ଏହି ଗାଈ ପୋଷିବା ଭାରଟା ଥାଏ ଫୁଲ ଉପରେ । ଫୁଲ ଖଣ୍ଡାଏତ କୁମାରୀ । ନିଶ୍ଚିନ୍ତରେ ସେ କାଖରେ, ହାତରେ ଦୁଧ କୁଣ୍ଢ଼ା ଧରି ବିଜୟଗଡ଼ ଚାଲିଯାଏ; ପୁଣି ମୁଣ୍ଡରେ ସଉଦା ବୋଝ ଧରି ଘରକୁ ଫେରେ । ଏହି ହେଲା ତାର ପ୍ରତିଦିନର କାର୍ଯ୍ୟ । ସେହି ବନ-ରାଜ୍ୟରେ ତାର ସାଙ୍ଗସାଥୀ ମନୁଷ୍ୟ ନୁହନ୍ତି; ବନର ହରିଣ, ଗଛର ଫୁଲ, ବନବିହାରୀ ପକ୍ଷୀ, ଏହିମାନେହିଁ ତାର ସାଙ୍ଗସାଥୀ । ପକ୍ଷୀ ପୋଷି ସେ କଥାବାର୍ତ୍ତା କରେ, ହରିଣକୁ ଧରି ସେ ଆନନ୍ଦରେ ବିହ୍ୱଳ ହୁଏ । ଫୁଲ ତୋଳି

ମାଳଗୁଣ୍ଡି କିଛି ସମୟ ପରେ ପୁଣି ତାକୁ ଗଛରେ ଗଛରେ ଓହ୍ଲାଇଦେଇ ଯାଏ । କଳା ମେଘରେ ବିଜୁଳି ଖେଳେ, ନିବିଡ଼ ଜଙ୍ଗଲରେ ଝରଣା ବୋହିଯାଏ; ସେହିପରି ସେହି ବନଭୂମିରେ ଫୁଲ ଘନଘନ ହସୁଥାଏ; ଆନନ୍ଦରେ ଗୀତ ଗାଉଥାଏ ।

## —ଗୁରି—

ଅଶିଣ ମାସର ଗୁରୁବାର ସକାଳ—ଶରତର ଶୁଭ୍ରଲୀଳା ଜଗତରେ ଖେଳା କରୁଥିଲା । ତରୁପଲ୍ଲବ ବର୍ଣ୍ଣ-ଗୌରବରେ ଝଟକି ଉଠୁଥିଲେ । ଆକାଶରେ କାହିଁ ବା ଠାଏ ଠାଏ ଖଣ୍ଡେ ଅଧେ ପତଳା କଳାମେଘ ଅଲକ୍ଷିତ ଭାବରେ ଭାସି ଉଠୁଥିଲା । ଦୂରର ଧୂସର ଗିରିଚୂଡ଼ାରେ ସୂର୍ଯ୍ୟ ହସିବାକୁ ଆରମ୍ଭ କରିଛନ୍ତି ତ ସାଙ୍ଗେ ସାଙ୍ଗେ ସବୁଠି ବନରାଜ୍ୟରେ ପଶୁପକ୍ଷୀଙ୍କ କୁହାଟ, ସଙ୍ଗୀତ, କୋଳାହଳ ଆରମ୍ଭ ହୋଇଯାଇଛି । ଅନ୍ଧାରରୁ ମୁହଁ ଟେକି ଦରମୁକୁଳିତ ଫୁଲସବୁ ଶୁଭ୍ର ଶୀତଳ ଆଲୋକ ଟିକକ ପାଇଁ ବ୍ୟଗ୍ର ବ୍ୟାକୁଳ ଭାବରେ ହୃଦୟ-ଦଳ ମୁକୁଳାଇ ଦେଉଛନ୍ତି । ଏହିପରି ସମୟରେ ଫୁଲ ତାର ନିତ୍ୟଦିନର କାର୍ଯ୍ୟ ସାରି ଗିରିପଥ ଦେଇ ବିଜୟଗଡ଼ ଆଡ଼େ ଚାଲିଛି । ଦୂରରେ ହଠାତ୍ କୋଳାହଳ ଶୁଣାଗଲା । ସେପରି କୋଳାହଳ ସେ କେବେ ଆଉ ଶୁଣି ନାହିଁ । ମୁହଁ ଟେକି ଆଗକୁ ଚାହିଁଲା । ଦିଗନ୍ତବିସ୍ତୃତ ତରୁଶ୍ରେଣୀ ତପୋମଗ୍ନ ସନ୍ୟାସୀ ପରି ନିଶ୍ଚଳ ଭାବରେ ଠିଆହୋଇଛନ୍ତି । ଏଣେ ଧୀର ପବନ ସ୍ରୋତରେ କାହିଁ କେଉଁ ଦୂର କୁଞ୍ଜ ଗହଳରୁ ମଧୁ ସୌରଭ ଭାସି ଆସୁଛି । ସେ ବାଙ୍କ ବୁଲି ଦେଖିଲା, ପାଖକେ ବିଜୟଗଡ଼, ପାଖକେ ମହାନଦୀ । ମହାନଦୀର ପ୍ରଭାତ ବକ୍ଷରେ ଗଡ଼ର ଛାୟା ପ୍ରତିବିମ୍ବିତ ହୋଇ

ଅପୂର୍ବ ଶୋଭା ଧାରଣ କରିଛନ୍ତି । କିନ୍ତୁ ଏ ଶାନ୍ତିମୟ ରାଜ୍ୟ ଭିତରେ ଏ କୋଳାହଳ କାହାର ?

ଫୁଲ କେତେ କଥା ଭାବିଲା । ଜଣା ଅଜଣା କେତେ ସ୍ୱର ତା ମନ ଭିତରେ ପ୍ରତିଧ୍ୱନିତ ହେଲା । ଦୂରରେ—ପଛରେ ଖୁବ୍ ଦୂରରେ ବୋଧହୁଏ ଅଭିମନ୍ୟୁର କୁକୁଡ଼ାଟି ବୋବେଇବାରେ ଲାଗିଛି । ମହୁମାଛି ଦଳ ଫୁଲରୁ ଫୁଲକୁ ଉଡ଼ି ଅଭିନବ ସଙ୍ଗୀତ ସୃଷ୍ଟି କରୁଛନ୍ତି । ଗଗନର କେଉଁ ମେଘଶୂନ୍ୟ ବାୟୁମଣ୍ଡଳରେ ଭରତିଆ ତାର କଣ୍ଠ ମାଜିବାରେ ଲାଗିଛି ! ବାଳିକା ନିଜେ ନିଜେ କଣ ମନେ ମନେ ଗୀତ ବୋଲି ମହାନଦୀର ଲଳିତ ତରଙ୍ଗ-ମାଳା ପରି ପାଦପରେ ପାଦ ଚାଲିଛି । ତାର ସେ ଲଳିତ ପଦ-ଗତି ଦେଖିବାପାଇଁ ତରୁଲତା ପଶୁପକ୍ଷୀଙ୍କ ଛଡ଼ା ସେହି ବନ-ରାଜ୍ୟରେ ଆଉ କେହି ନ ଥିଲେ ।

ଫୁଲ ଗଡ଼ରେ ପହଞ୍ଚି ଦେଖିଲା,ଗଡ଼ର ସମସ୍ତେ ବଡ଼ ଅଥୟ ! କିଏ ଘରୁ ବାହାରକୁ ଆସୁଛି, କିଏ ବାଟରେ ତର ତର ହୋଇ ନଈ ଘାଟ ଆଡ଼କୁ ଧାଉଁଛି; ପଛରେ କାହାର ପିଲା, କାହାର ସ୍ତ୍ରୀ, କାହାର ମାଆ—କିଏ କାନ୍ଦୁଛି, କିଏ ହସୁଛି, କିଏ ବା ମନ-ଖୁସିରେ ଗୀତ ବୋଲି ଚାଲିଛି । କେଉଁଠି ଗୀତ ଶୁଭୁଛି—

ବନ୍ଦିନୀ ଜନନୀର ନନ୍ଦନ ମରୁତଳେ
ଦିଅ ପ୍ରେମ ଧାର ତୋର ବାହୁରେ,
ବାଜୁ ପଛେ ମହାକାଳ — ମର୍ତ୍ତ୍ୟର କୋଳାହଳ
କାନେ କାନେ, ଭୟ ଏଥି ନାହିଁରେ ।
ଘୋର ନିଶୀଥିନୀ କୋଳେ
ଅନ୍ତରେ ଦୀପ ଜଳେ
ବାଟ ତୋତେ ଦେଖାଇବା ପାଇଁରେ;
ଭୟ ନାହିଁ ଭୟ ନାହିଁ, ଭାଇରେ !”

ଫୁଲ୍ ଗୀତର କଥା ନ ବୁଝୁ ପଛକେ ସ୍ୱର ବୁଝି ପାରିଲା । ସେ ଚମକି ଠିଆ ହେଲା । ସେ ଏପରି ଗୀତ ବେଳେ ବେଳେ ଭାଇ-ଠାରୁ ଶୁଣିଛି । ତଥାପି ଏ ଗୀତ ତାକୁ ବଡ଼ ନୂଆ ବୋଧ ହେଲା । ସେ ବାଟରେ ଜଣେ ମାଇପି ଲୋକକୁ ଦେଖି ପଚାରିଲା—"କଣ ହୋଇଛି କି ଲୋ ମାଉସି ?"

ସେ ସ୍ତ୍ରୀଲୋକଟି ବଡ଼ ଆଶ୍ଚର୍ଯ୍ୟ ହେଲା ପରି ମୁହୂର୍ତ୍ତେ ତା ମୁହଁକୁ ଚାହିଁଲା । ତାପରେ କହିଲା, "ତୋ ଘର କେଉଁଠି କିଲୋ ଝିଅ ? କଣ ହୋଇଛି ଜାଣିନୁ ? ଯୁଦ୍ଧ ପରି ହେବ ଲୋ ? ଆଜ ଏ ଗଡ଼ରୁ, ଆଉ, ଏପାଖ ଗାଁମାନଙ୍କରୁ ପାଞ୍ଚଶହ ଲୋକ ନାଆରେ ଯିବେ । ଏଠୁ ଚାରିଦିନ ବାଟରେ ଯୁଦ୍ଧ ।"

"କାହା ସାଙ୍ଗେ ଲୋ ଯୁଦ୍ଧ ?"

"କାହା ସାଙ୍ଗେ, ଏକଥା ମଧ୍ୟ ଜାଣିନୁ ? ତୁ କଣ ଏ ଗାଁର ଲୋକ ନୋହୁ କି ? ସେଇ ଯେଉଁ କଣ କହୁଛନ୍ତି ମାରଣା କି ହଟ-ହଟା କି ମରହଟା ! ମତେ ଆସୁ ନାହିଁ ଲୋ ଝିଅ, ତାଙ୍କର ସଙ୍ଗେ ! ଆମର ପରି କାଏ ଜଣେ ଗଜପତି ରଜା ଦୂରରେ ଅଛନ୍ତି । ସେ ତାଙ୍କେଇ ଅପମାନ ଦେଇ ଆମ ଏ ଲୋକଙ୍କ ଘରଦ୍ୱାର ଲୁଟି କରି ସମ୍ପତ୍ତିପତ୍ର ବୋହି ନେଇଯିବେ ବୋଲି ଖବର ଅଇଲାରୁ ତାଙ୍କୁ ତଡ଼ିବା ପାଇଁ ଏତେ ଲୋକ ସଜବାଜ ହେଉଛନ୍ତି । ଆମ ଏଠା ଲୋକେ ହାତ ହତିଆର ଧରି ଯାଇ ସେହି ଠକ ଲୋକଗୁଡ଼ାକୁ ବତେଇବେ ଯେ, ଗଜପତି ରଜାଙ୍କୁ ଅପମାନ ଦେଲେ କିମିତି ଫଳ ମିଳେ । ମୋ ମାଆ ଲୋ ! ଖଣ୍ଡାରେ ପୁଣି ହଣାହଣି ହେବେ ! ଦେହରୁ ରକତ ବୋହିବ, ମୋ ଦେହ ଥରୁଛି ଲୋ ମା ! ମୁଁ ଶୁଣିଥିଲି, ଆମ ପିଲାଦିନେ ଏପରି ଥରେ ହୋଇଥିଲା । ସେତେବେଳେ ଆମ

ଲୋକେ ଯାଇ କେତେ ଲୋକଙ୍କୁ ହାଣି ଦେଇଥିଲେ । ଯା, ମା, ଯା, ସବୁ ଶୁଣିବୁ ଗଡ଼ରେ !"

ଫୁଲ ସବୁ ଶୁଣି କାଠପରି ଠିଆ ହେଲା । ସେ ଜାଣେ ନାହିଁ, କାହିଁକି ସେ ମନେ ମନେ ମରହଟ୍ଟାମାନଙ୍କୁ ଘୃଣା କରେ; ତାଙ୍କୁ ଛେଳ କୁକୁର ପରି ମନେ କରେ । ତାଙ୍କ ନାଁ ଶୁଣିଲେ ରାଗରେ ଗାଲ ଉଠେ । କହେ—ସେମାନେ ଠକ, ସେମାନେ ଚୋର । ଘରେ ବାପା ଯେତେବେଳେ ଏହି ମରହଟ୍ଟାଙ୍କ କଥା କାହା ସହିତ କଥାବାର୍ତ୍ତା ହୁଅନ୍ତି, ସେ କହେ—"ସେ ଚୋରଗୁଡ଼ାକ କଥା ପକାଇଲେ ରାତିରେ ନିଦ ହେବ ନାହିଁ, ବାପା ! ସେଗୁଡ଼ାକୁ ତଡ଼ି ଦେବାପାଇଁ ଆମର କଣ ଲୋକ ନାହାନ୍ତି ?" ସେତେବେଳେ ସୁଜନ କହନ୍ତି, "ହଁ, ଲୋକ ଯାଉଛନ୍ତି ତଡ଼ିବାକୁ; ତୁ ଶୋଇ ପଡ଼ ।"

ସେହି ଅପରିଚିତା ପ୍ରବାସିନୀ ମୁହଁରୁ ମରହଟ୍ଟାଙ୍କ କଥା ଶୁଣି ଫୁଲ ମନରେ ସେହି ଚୋରତଡ଼ା କଥା ଆସି ନାଚିଲା । ଭାବିଲା—"ଏତେ ଦିନକେ ଚୋର ତଡ଼ିବା ପାଇଁକି ଲୋକ ଗଲେ । ଆହା, ମୁଁ ହେଲେ ଦେଖନ୍ତି, ସେଗୁଡ଼ାକ କାପରି ଲୋକ !"

ଫୁଲ ସେଦିନ ବରପଣ୍ଡଆକୁ ଫେରି ଯାଇ ଦେଖିଲା, ଭାଇ ଅଭିମନ୍ୟୁର ଢଙ୍ଗଢାଙ୍ଗ ସବୁ ଭିନ୍ନ ପ୍ରକାର ହୋଇ ଯାଇଛି । ତା ହାତ ଚଞ୍ଚଳ, ତା ପାଦ ଚଞ୍ଚଳ, ତା ମନ ମଧ୍ୟ ଚଞ୍ଚଳ । ପଚାରିଲା, "ଭାଇ ତମେ କଣ ଗଡ଼ରୁ ଖବର ପାଇ ସାରିଲଣି କି ?"

"ହଁ, ଶୁଣିଲିଣି ସବୁ କଥା ।"

ଫୁଲ ହସି ହସି କହିଲା—"ତମରି ପରି ବୀର ତ ଏଥିକି ଯିବାର କଥା ! ତମକୁ ନିଶ୍ଚୟ ଡ଼ାକରା ଆସିବ, ନୁହେଁ ?"

"ସତ କହୁଛୁ ? ମତେ ଡ଼ାକିବେ !" ଉତ୍ସାହରେ ଅଭିର ବୁକୁ ଯେପରି କୁଣ୍ଢେ ମୋଟ ହୋଇଗଲା । ଆଖି

ଦୁଇଟା ଝିଙ୍କାଏ ଉଜ୍ଜ୍ୱଳ ଦେଖାଗଲା । ଘରର ପିଣ୍ଡା ଉପରେ ଖମ୍ବକୁ ଆଉଜି ଠିଆ ହୋଇ ସେ ବିରିପଛଆର ଚାରିଆଡ଼କୁ ଆଖି ବୁଲେଇ ଦେଖିଲା । ସବୁ ଆଡ଼ ରକ୍ତ ପୀତ ବସ୍ତ୍ରରେ ପୂରି ରହିଛି—ଫସଲ କଟା ହେବାକୁ ଆଉ ଚାରି ଛଦିନ ବାକୀ । ଫସଲ ଆଦାୟ ହେବ—ତାପରେ ! ସେ ବହୁତ କଥା ଭାବିଗଲା ।

ଏ ମଧ୍ୟରେ ପ୍ରାୟ ପନ୍ଦର ଦିନ କଟିଗଲା । ବିଜୟଗଡ଼ର ଚାରିପଟ ଲୋକଙ୍କ ମଧ୍ୟରେ ଘୋର ଆନ୍ଦୋଳନ ଚାଲିଲା ! ଗାଁରେ ଗାଁରେ ପଲ୍ଲି ପଡ଼ାମାନଙ୍କରେ ଡ଼ାକୁଆମାନେ କହିବୁଲିଲେ—'ଆସ, ରାଜାଙ୍କ ଡ଼ାକରା, ଆସ । ଏ ଡ଼କାଏତ ଦଳଙ୍କୁ ତଡ଼ିବାକୁ ଆସ । ନ ହେଲେ ଘରଦ୍ୱାର ରହିବ ନାହିଁ, ବାଡ଼ି ଫସଲ ରହିବ ନାହିଁ ! ସେମାନେ ସବୁ ଲୁଟି କରି ନେବେ । ଦେଶକୁ ରକ୍ଷା କର ! ଗଜପତିଙ୍କର ଜୟ ହେଉ । ବର୍ଗିଙ୍କ ନାଁ ଦେଶରୁ ଲୋପ ହେଉ ।"

ଏ ଡ଼ାକରା ପାଇ କେତେକ ଖଣ୍ଡାୟତ ଯୁବକ ଖୋଳରୁ ଖଣ୍ଡା କାଢ଼ି ଜନ୍ମଭୂମିର ମାନରକ୍ଷା ପାଇଁ ଦାଣ୍ଡକୁ ବାହାରି ପଡ଼ିଲେ । ଏପରି ଭାବରେ ଦେଶରେ ଯୁଦ୍ଧ ପାଇଁ ଡ଼ାକରା ପଡ଼ିଥିବା ବେଳେ ମହାନଦୀ କୂଳର ଏକ ନିର୍ଜନ ପ୍ରାନ୍ତର ଭିତରେ ଅଭି ଆଉ ଫୁଲ ନିଜର ଫସଲ ଆଦାୟ ଆଉ ଗାଈ ପୋଷିବା କାର୍ଯ୍ୟରେ ଲାଗିଥାନ୍ତି । ମାତ୍ର କଥା ଶୁଣି ବେଳେ ବେଳେ ଉତ୍ତେଜନାରେ ସେମାନେ ମାତି ଉଠନ୍ତି । ଶତ୍ରୁଙ୍କ ବିଷୟରେ କେତେ କଥା ବିଚାର ପଡ଼େ । କିଏ କହେ, ମରହଟାଗୁଡ଼ାକ ଶାଳଗଛ ପରି ଡେଙ୍ଗା, କିଏ ବା କହେ ସେମାନେ ପଥର ପରି ମୋଟା । ଏ ବିଷୟରେ ଦୁହିଁଙ୍କ ଭିତରେ ବାଦବିବାଦ ଚାଲେ । ଦୁହେଁ ଯାଇ ବାପ ସୁଜନଙ୍କ ଆଗେ ଠିଆ ହୁଅନ୍ତି । ସୁଜନ କଳି ନିଷ୍ପତ୍ତି କରିବାକୁ ଯାଇ କହନ୍ତି—"ତୁମ

କଥା ଶୁଣି ମତେ ହସ ଲାଗୁଛି । ସେମାନେ ଗଛ ନୁହନ୍ତି କି ପଥର ନୁହନ୍ତି, ସେମାନେ ମଣିଷ । ଠିକ୍ ଆମରି ପରି ମଣିଷ ।” ଏ କଥାଟି ପରେ ଦୁହିଁଙ୍କର ସନ୍ଧି ହୁଏ ।

ପୁଣି ଯେତେବେଳେ ସେହି ଆଲୋଚନା ପଡ଼େ, ଫୁଲି କହେ—“ମରହଟ୍ଟାଗୁଡ଼ାକ ଆମପରି ଭାତ,ଡାଲି ଖାଆନ୍ତି ନାହିଁ କି ମାଙ୍କଡ଼ଙ୍କ ପରି ଫୁଲଫଳ ଖାଆନ୍ତି ନାହିଁ । ସେମାନେ ବାଘ ପରି ରକ୍ତମାଂସ ଖାନ୍ତି ।” ଅଞ୍ଜୁ ତା କଥାକୁ ଉଡ଼େଇ ଦେବାକୁ ଚେଷ୍ଟା କରି କହେ—“ତୁ ଯାହା କହୁଚୁ ସବୁ ଭୁଲ । ମୁଁ କଟକ ଯାଇ ସେମାନଙ୍କୁ ଦେଖିଛି । ସେମାନେ ରକ୍ତମାଂସ ଖାଆନ୍ତି ନାହିଁ ।” ଏ କଥା ଶୁଣି ଫୁଲିମୁଣ୍ଡକୁ ବଚନ ଯୁକ୍ତି ଆସେ । ପଚାରେ—“ଖାଆନ୍ତି ନାହିଁ ତ, ତାହାହେଲେ ମଣିଷ ମାରନ୍ତି କାହିଁକି ?”

ଅଞ୍ଜୁ ଉତ୍ତର ଦିଏ “ମଣିଷ କଣ ରକ୍ତ ଖାଇବା ପାଇଁ ମାରନ୍ତି ? ମଣିଷ ମାରନ୍ତି ରାଜ୍ୟ ଜିଣିବା ପାଇଁ ! ଧର, ସେ ଯଦି ଏଠାକୁ ଆସି ଏଠା ଲୋକଙ୍କୁ ମାରି ପକାଇବେ, ତାହାହେଲେ ଏ ରାଜ୍ୟ, ଏଇ ବଣଜଙ୍ଗଲ, ନଈନାଳ, ବିଲପଡ଼ିଆ ସବୁ ତାଙ୍କର ହୋଇଯିବ । ଆଉ,ଆମ ଭିତରୁ ଯେ ଜୀଇ ରହିବେ ବା ତାଙ୍କ ପାଖରେ ଶରଣ ପଶି ରହିବେ,ସେମାନେ ହେବେ ତାଙ୍କ ପାଦତଳର ଲୋକ । ବୁଝିଲୁ, ଯୁଦ୍ଧ ବୋଇଲେ କଣ, ଆଉ, ମରହଟ୍ଟା ବୋଇଲେ କଣ ?”

ଫୁଲି କହେ—“ବୁଝିଲି, ବେଶ୍ ବୁଝିଲି । ତାହାହେଲେ ଆମର ଏହି ଲୋକବାକ ବିଲପଡ଼ିଆ, ନଈନାଳକୁ ରକ୍ଷା କରିବା ପାଇଁ ଯୁଦ୍ଧକୁ ଯାଉଛନ୍ତି, ନୁହେଁ ? ଆହା ! ମୁଁ ଯେବେ ପୁରୁଷଲୋକ ହୋଇଥାନ୍ତି, ମୁଁ ଯାନ୍ତି ।”

“ତୁ କଣ ତାହାହେଲେ ଯୁଦ୍ଧକୁ ଯାଆନ୍ତୁ ?”

"କାହିଁକି ନ ଯାନ୍ତି ? ମୁଁ କଣ ଏଥିକି ପାରନ୍ତି ନାହିଁ ? ଦୁଇ ଚାରିଟା ଦେଶଦ୍ରୋହୀଙ୍କୁ ମାରି ପାରନ୍ତି ନାହିଁ ?" ଏକଥା କହିଲା ବେଳେ ଫୁଲି ଆଖିରେ ବିଜୁଳି ଖେଳିଯାଏ ।

---

—ପାଞ୍ଚ—

ବରପଡ଼ିଆର ଫସଲ ଆଦାୟର ଦିନ ଗଲା । ବିଶାଳ ପଡ଼ିଆଟା ଭୁଚ୍ଛା ବୁକୁ ଦେଖାଇ ଦେଇ ଖାଲି ପଡ଼ିରହିଲା । ଚାରିପାଖେ ଘନ ମେଘମାଳା ଭିତରେ ପୂର୍ଣ୍ଣିମୀ ଚନ୍ଦ୍ରପରି ସେହି ନିବିଡ଼ ଜଙ୍ଗଲ ଭିତରେ ସେ ଖୋଲା ପଡ଼ିଆଟାର ଶୋଭା ଭିନ୍ନ ପ୍ରକାର ହେଲା । ସେହି ସମୟରେ ଦିନେ ସନ୍ଧ୍ୟାବେଳେ ଅଭି ଅବସର ବୁଝି ଗଡ଼କୁ ବୁଲିଗଲା । ଏଣେ ସୁଜନଙ୍କ ସହିତ ଫୁଲି ଘରପିଣ୍ଡାରେ ବସି ଅଭି ଘରକୁ ଫେରିଆସୁଥିବା କଥା ଭାବୁ-ଥିଲା । ସେହି ସ୍ନିଗ୍ଧ ପ୍ରଦୋଷ ସମୟରେ ବୃଦ୍ଧ ସୁଜନଙ୍କ ହୃଦୟ ଭିତରେ କେତେ ଭାବନା ଖେଳୁଥିଲା—ଗତ ତିରିଶି ବର୍ଷ ଭିତରେ ଦେଶର କେତେ ସ୍ଥାନରେ କିପରି କେତେ ଯୁଦ୍ଧ ହୋଇଛି, ଅଦମ୍ୟ ଖଣ୍ଡାୟତ ବୀର କିପରି ବାହୁବଳରେ, ହୃଦୟର ରକ୍ତରେ ଜନ୍ମଭୂମିର ଗୌରବକୁ ରକ୍ଷା କରିଆସିଛି; ଶେଷରେ କିପରି ସେଥର ବାରବାଟୀର ଗୌରବ ରକ୍ଷାପାଇଁ ରଣପ୍ରାନ୍ତରରେ ସୈନିକଗଣ ବାରବାଟୀର ପବିତ୍ର ମାଟିକୁ ନିଜର ବୁକୁ ରକ୍ତରେ ରଞ୍ଜିତ କରି ଜଗତକୁ ଚମତ୍କୃତ କରିଛନ୍ତି ; ସେହି ଭାବନାରେ ତାଙ୍କ ପ୍ରେମ ଠାକୁରି ଉଠୁଥିଲା । ସେ ମାନସ-ଚକ୍ଷୁରେ ଦେଖୁଥିଲେ ଶତ୍ରୁ ବାରବାଟୀର ପାଖ ପର୍ଯ୍ୟନ୍ତ ମାଡ଼ିଆସିଲା—ଓହୋ ! କି ଭୀଷଣ ଅବସ୍ଥା ! ଗଡ଼ବାସିନୀ ବୀରାଙ୍ଗନାଗଣ ତୂର୍ଯ୍ୟ ଧ୍ୱନି କରି

ପଞ୍ଚ–ସୋଦରମାନଙ୍କୁ ମରଣ ମୂହଁକୁ ପଠାଇଦେଲେ । 'ବାରବାଠୀ', 'ବାର୍‌ବାଠୀ' କହି କହି ଅଗଣିତ ଖଣ୍ଡାୟତ ବୀର୍ ବାର୍‌ବାଠୀ ଭିତରେ ମାଟି କୁଢ଼ପରି ଜମା ହୋଇଗଲେ ! ତା ପରେ ଦେଖିଲେ ଦେଶର ଅବସ୍ଥା— ଛାର୍‌ଖାର୍ ! ଲୁଟି ! ଅତ୍ୟାଚାର୍ ! ହାହାକାର୍ ! ଏହିପରି ଭାବି ଭାବି ସୂଜନ ଝିଅ ମୂହଁକୁ ଚାହିଁ କହିଲେ —

"ଫୁଲ୍, ଅଭି ତ ବଡ଼ ଚଞ୍ଚଳ ହେଲାଣି । ତା ମନ ଆଉ ଏ ଘର୍ ଧରୁ ନାହିଁ ।"

"ହଁ ବାପା, ମୁଁ ସେ କଥା ଜାଣିପାରୁଛି । ଏ ଯୁଦ୍ଧକଥା ପଡ଼ିଲେ ସେ ତ ସବୁକଥା ଭୁଲିଯାଉଛନ୍ତି । ଖାଲି କହୁଛନ୍ତି— 'ଯୁଦ୍ଧକୁ ଯିବେ, ଶତ୍ରୁକୁ ମାରିବେ ।"

ଏହିପରି ଭାବରେ କଥା ପଡ଼ୁଛି, ଖଣ୍ଡିଆ ଭୂତ ଆସିଲା ପରି ଅଭି କୁଆଡ଼ୁ ଧାଇଁ ଧାଇଁ ଆସି ଘରେ ପଶିଯାଇ ପାଟି କରି କହିଲା—"ଫୁଲ୍, ଶୁଣିଲୁଣି ଫୁଲ୍ ମୁଁ ଏହିକ୍ଷଣି ନାଁ ଲେଖେଇ ଆସିଲି; ମୁଁ ଯିବି ଯୁଦ୍ଧକୁ !"

ଏ କଥା ଶୁଣି ଫୁଲ୍ ଧାଇଁଯାଇ ଭାଇର୍ ହାତ ଦୁଇଟା ଧରି ପକାଇଲା । କହିଲା—"ସତେ ଭାଇ ଯିବ ?" ସେ ଆଉ କଥା କହି ପାରିଲା ନାହିଁ । ବୁଢ଼ା କେବଳ ଗମ୍ଭୀର୍ ହୋଇ ବସି ରହିଲେ ।

ଅଭି ଯେଉଁ ଦିନ ଯୁଦ୍ଧକୁ ଯିବାର୍ କଥା, ଫୁଲର୍ ସେଦିନ ଆନନ୍ଦର୍ ସୀମା ନାହିଁ । ସନ୍ଧ୍ୟା ସମୟ, ଦୁଆର୍ ଆଗରେ ଚାକର୍- ବାକର ସମସ୍ତେ ଜମା ହୋଇଛନ୍ତି । ଦୂର୍ ପାହାଡ଼ ଭିତରେ ହରିଣ ସମ୍ବର କୁହାଟି ଉଠୁଛନ୍ତି । କାହିଁ ଇଶାନ କୋଣରୁ ଖଣ୍ଡେ କଳାମେଘ ମୂହୂର୍ତ୍ତକୁ ମୂହୂର୍ତ୍ତ ମାଡିଆସି ବଢ଼ିଚି ଗଗନର ପ୍ରାନ୍ତ ଦେଶକୁ ଗ୍ରାସ କରି ସାରିଛି । ଏହିପରି ସମୟରେ ଅଭି ମୂଣ୍ଡରେ

ପଗଡ଼ି ପିନ୍ଧି ହାତକେ ଖଣ୍ଡା, ହାତକେ ଢାଲ ପଟେ ଧରି ବାପାଙ୍କ ଗୋଡ଼ତଳେ ଆସି ମୁଣ୍ଡିଅ ମାରି କହିଲା—"ଯାଉଛୁ ବାପା !"

ବୃଦ୍ଧ ସୁଜନ ଶମ୍ଭୁଶଲଙ୍କ ଆଖିପତା ଓଦା ହୋଇ ଆସିଲା । ସେ କିଛି କହି ପାରିଲେ ନାହିଁ । ସେ ଧୀରେ ଧୀରେ ତାଙ୍କର ଶିଥିଳ ହାତକୁ ଉଠାଇ ପୁଅର ମୁଣ୍ଡକୁ କେବଳ ଆଉଁସି ଦେଲେ । ଏତକ ତାଙ୍କର ସମ୍ମତିର ଚିହ୍ନ; ଏତକ ତାଙ୍କର ଆଶୀର୍ବାଦର ସୂଚନା !

ସେ ଦିନ ଫୁଲ ଆଖିକୁ ଅଭିମନ୍ୟୁର ରୂପଟି ଭାରି ସୁନ୍ଦର ଦିଶିଲା । ବନଭୂମିର ଗଛରେ, ଫୁଲରେ, ବଣର ଜୀବଜନ୍ତୁଙ୍କ ପାଖରେ, ଆକାଶର ମେଘରେ କିମ୍ବା ମହାନଦୀର ଉଦ୍ଦାମ ସ୍ରୋତରେ ସେହିପରି ସୁନ୍ଦର ରୂପ କାହିଁ ସେ ଦେଖି ନ ଥିଲା । ହସରେ ଗଦ୍‌ଗଦ ହୋଇ, ଭାଇର ହାତ ଧରି ଧରି ସେ ଘରୁ ବାହାରି ପଡ଼ିଲା । ଲୋକବାକ ଅବାକ୍; ଅଭି ସାଙ୍ଗରେ କି ଫୁଲ ଯୁଦ୍ଧକୁ ଯିବ ? ଫୁଲ ଭାଇର ହାତ ଧରି କହିଲା—"ଫେରିବ କେବେ ଭାଇ ?"

ଭାଇ ହସି ହସି ଉତ୍ତର ଦେଲା—"ଶତ୍ରୁ ଯେତେବେଳେ ହାରିବେ ଏବଂ ଆମେ ଯେତେବେଳେ ଜିଣିବୁ ।"

ଫୁଲ ପଚାରିଲା, "କିଏ ଆଗ? ସିଏ ଆଗ ହାରିବେ, ନା ତୁମେ ଆଗ ଜିଣିବ ?"

ଅଭି ହସି ହସି ଭଉଣୀର ଥଣ୍ଟା ବୁଝିପାରି କହିଲା, "ଯାଉଛୁ ସେଇଠାରେ ଠିକ୍ କରିବା ।"

ନାଗର ଭାଇ ଯୁଦ୍ଧକୁ ଯିବ, କେତେ ଯେ ଦେଶର ଶତ୍ରୁଙ୍କୁ ହାଣିବ, ଶତ୍ରୁ ଗହଳରେ କେତେ ଯେ ଖଣ୍ଡା ଖେଳାଇ ନାଚିବ ··· ! ଆହା ! ସେ ହେଲେ ପୁରୁଷ ହୋଇଥାନ୍ତା···ମରିହଟା ! ଛି, ଛି, ପାପୀ ଦୁରାଶା···ଯେବେ ସେ ଯାଇପାରନ୍ତା, ଦେଖନ୍ତା··· ! !

ବଜୟ୍ରଗଡ଼କୁ ପଡ଼ିଥିବା ସଦର ରାସ୍ତାରେ ଆନନ୍ଦ କୋଳା-ହଳ ଶୁଭିଲା । ଦଳ ଦଳ ଯୁବକ ଖଣ୍ଡା ଖେଳାଇ ଖେଳାଇ ଚାଲିଛନ୍ତି । ସମସ୍ତେ ଯିବେ ମହାନଦୀ ପାରି ହୋଇ ସମର ଭୂଇଁକି । ଫୁଲ ଭାଇକୁ ଅଧାବାଟରେ ଛାଡ଼ିଦେଇ ଠିଆ ହେଲା । ତା ଆଖିରୁ ଲୁହ ବୋହୁଥିଲା; ମନ କିନ୍ତୁ ଆନନ୍ଦରେ ନାଚୁଥିଲା । ତେଣେ ଖଣ୍ଡାକୁ ଖେଳେଇ ଖେଳେଇ, ଗୀତ ବୋଲି ବୋଲି ଭାଇ ତାଙ୍କ ଆରପଟେ ଲୁଚିଗଲା ।

ଗୀତ ଶୁଣି ଫୁଲର ମନ ସେଠି ବିଚଳିତ ହୋଇ ପଡ଼ିଲା । ସେହି ଆସନ୍ନ ଅନ୍ଧାର ଭିତରେ ସେ ଖାଲି ଦେଖିଲା ଯୁଦ୍ଧର କଳ୍ପିତ ଛବି । ଅସ୍ତ୍ର ଚାଲିଛି, ଖଣ୍ଡା ଚାଲିଛି, ରକ୍ତ ବହୁଛି, କୋଳାହଳ ଶୁଭୁଛି । ସେହି କୋଳାହଳ ଭେଦ କରି ଭାଇର ସଙ୍ଗୀତ ଶୁଭୁଛି—

ଚାଲ ଚାଲ ଭାଇ ଚାଲ ଚାଲ ଆଜି
ଚାଲ ଚାଲ ଆଜି ଚାଲରେ;
ବାଜେ ଘନ ଘନ ରଣ-ଡ଼ମ୍ବରୁ
ମୃତ୍ୟୁ ବିଜୟ ତାଲରେ !

ଫୁଲ ଘରକୁ ଫେରି ଦେଖିଲା, ବାପା ଖଟରେ ଶୋଇ ପଡ଼ିଛନ୍ତି । ଅନ୍ୟ ଦିନ ପରି ସେ ଘରଟା ତାକୁ ଭଲ ଲାଗିଲା ନାହିଁ । ସବୁ ନୀରବ ନିସ୍ତବ୍ଧ ; ମାତ୍ର ହୃଦୟ ଭିତରେ ଖାଲି ଶୁଭୁଛି—ଏକମାତ୍ର ସେହି ରଣ-ସଙ୍ଗୀତ !

---

## —ଛଅ—

ଏ ମଧ୍ୟରେ ଦିନ ଦିନ ହୋଇ ମାସେ କାଳ କଟି ଯାଇଛି । ଭାଇର ଅଭାବରେ ବରପଡ଼ିଆ ଫୁଲକୁ ଭଲ ଲାଗୁ ନାହିଁ ସତ;

ମାତ୍ର ତା କର୍ତ୍ତବ୍ୟରେ ସେ ଅବହେଳେ ହେଲା କରି ନାହାଁନ୍ତି । କାର୍ଯ୍ୟ ଯେପରି ଚାଲୁଥିଲା, ସେହିପରି ସୁଚାରୁରୂପେ ଚାଲିଛି ।

ଅଭି ଯୁଦ୍ଧକୁ ଯିବା ପରେ ପ୍ରାୟ ପ୍ରତିଦିନ ଖବରପତ୍ରଆକୁ ଯୁଦ୍ଧ ଖବର ଆସେ । ସୁଜନ ଶଙ୍କୁସିଲ୍ ଦଶା ବିପର୍ଯ୍ୟୟ ଫଳରେ ବନବାସୀ ହେଲେ ମଧ୍ୟ ଓଡ଼ିଶାର ବୀର-ମହଲରେ ତାଙ୍କର ବେଶ୍ ପ୍ରତିପତ୍ତି । ମହାନଦୀ ପାରି ହୋଇ ଯାଉଥିବା ବାଟୋଇ ଘାଟୋଇ ସମସ୍ତେ ସୁଜନଙ୍କୁ ପ୍ରାୟ ଜାଣନ୍ତି । ତାହାରି ଫଳରେ ଅନେକେ ଅଭି ଆଉ ଫୁଲକୁ ମଧ୍ୟ ଚିହ୍ନନ୍ତି ।

ଯୁଦ୍ଧର ଖବର ପ୍ରତି ସାତଦିନରେ ଥରେ ନାଉରୀମାନଙ୍କ ଦ୍ୱାରା ଆସେ । ପରେ ପ୍ରତିଦିନ ଆସିଲା । ସେ ଖବର ଶୁଣି ପ୍ରଥମେ ପ୍ରଥମେ ଫୁଲର ବଡ଼ କୌତୂହଳ ହେଉଥିଲା । ବେଳେ ବେଳେ ଅଭି ଚିଠି ଲେଖି ପଠାଉଥିଲା—"ଆଜି ଦଶପଲ୍ଲା ମାଳରେ ଶହେ ଜଣ ମରହଟ୍ଟାଙ୍କୁ ହାଣିବାକୁ ହେଲା—କାଲି ନୟାଗଡ଼ଠାରେ ମରହଟ୍ଟାମାନଙ୍କର ଗସ୍ତଛାଉଣି ଆକ୍ରମଣ କରିବାକୁ ହେବ । ବେଶ୍ ଭଲ ଲାଗୁଛି । ଖରି ପତ୍ରଆର ପାହାଡ଼ ଉପରେ ଶିକାର କଲା ପରି ଲାଗୁଛି । ନିଜର ସାହସ ଆଉ ଧୈର୍ଯ୍ୟ ଦେଖାଇବାର ସୁବିଧା ସୁଯୋଗ ମିଳୁଛି । ଘରେ ଥିଲେ ଏ ସୁବିଧା ପାଆନ୍ତି କୁଆଡ଼ୁ ? ମୁଁ ଆଜିକାଲି ପଛଧାଡ଼ିରେ ରହି ଯୁଦ୍ଧ କରୁଛି । ନିକଟରେ ବାଲେଶ୍ୱର ସୀମାରେ କାମ୍ଭା କାନକା ଉପକୂଳରେ ଏକ ଯୁଦ୍ଧ ହେବାର ସମ୍ଭାବନା ଅଛି । ସେଥିପାଇଁ ବହୁତ ଆଉ ସୈନ୍ୟ ଆସି ଜମା ହେଉଛନ୍ତି । ସେତିକିବେଳେ ମୋତେ ଆଗରେ ରହି ଯୁଦ୍ଧ କରିବାକୁ ସୁଯୋଗ ମିଳିବ ବୋଲି ମୁଁ ଆଶା କରୁଛି !"

ଏ ସବୁ ଚିଠି ପଢ଼ି ଫୁଲ ମନରେ କୌତୂହଳ ଜାତ ହେବାର କଥା; କିନ୍ତୁ କ୍ରମେ କ୍ରମେ ଚିଠିସବୁ ଅତି ଭୀଷଣ ଧର-

ଣର୍ ବୋଲି ଜଣା ପଡ଼ିଲା । ତାକୁ ପଢ଼ିଲେ ରୋମ ଠାଙ୍କୁରି ଉଠିଲା, ମନ ବିଚଳିତ ହୋଇଗଲା । ସେଥିରୁ ଜଣାଗଲା, ଅଭି ଭଲ ଅଛୁ । ମାତ୍ର ଦୁର୍ଗମ ଗିରିଗୁହା, ଦୁର୍ବାର ଜଳସ୍ରୋତ, ଭୀଷଣ ଜଙ୍ଗଲ ପାରି ହେବାକୁ ପଡ଼ୁଛି । ଦିନସାରା ଶତ୍ରୁ ପଛରେ ଗୋଡ଼ାଇବାକୁ ହେଉଛି । ନିକଟରେ ସକଳ ଶତ୍ରୁ ନିପାତ ହେବେ । କଟକର ବାରବାଟୀ ଆକ୍ରମଣ ପାଇଁ ଦଳେ ଗୁପ୍ତ ଶତ୍ରୁ କନ୍ଧମାଳ ବାଟେ ଯାତ୍ରା କରୁଥିବା ବେଳେ ପାହାଡ଼ରୁ ପଥର ଗଡ଼ାଇ ସେମାନଙ୍କ ଧ୍ୱଂସ କରିଯାଇଛି । ନିକଟରେ ଏ ଦେଶ ଶତ୍ରୁ-ଶୂନ୍ୟ ହେବ ।

ବୃଦ୍ଧ ସୁଜନ ଶତ୍ରୁଶାଳ ପ୍ରତିଦିନ ଫୁଲକୁ ପାଖରେ ବସାଇ ଗୀତା ଭାଗବତ ଶୁଣନ୍ତି । ଦୁଇ ଚାରିଜଣ ମୂଲିଆ କୁଲି ମଧ୍ୟ ପାଖରେ ଥାନ୍ତି । ପ୍ରତିଦିନ ଏହିପରି ଯୁଦ୍ଧ ଖବର ଆସିବା ଦ୍ୱାରା ପୁରାଣ ପଢ଼ାରେ ବ୍ୟାଘାତ ଘଟିଲା । ଏହି ଯୁଦ୍ଧ ଖବରହିଁ ଆଲୋ-ଚିତ ହେଲା । ସବୁବେଳେ ଯେ ସଠିକ ଖବର ଆସେ, ଏପରି ନୁହେଁ; ମାତ୍ର ଯେ ଖବର ଆସେ, ସେଥିରେ ଦେହର ରୋମ ଠାଙ୍କୁରି ଉଠିବା କଥା ! ମରହଟ୍ଟା ସୈନ୍ୟଗଣ ଓଡ଼ିଶାର ପୁରପଲ୍ଲିରେ ଯେ ଭୟଙ୍କର ଅତ୍ୟାଚାର କରୁଛନ୍ତି ବୋଲି ଖବର ଆସେ, ତାହା ଶୁଣି ଫୁଲର ବୁକୁ ଭିତର ଫାଟିଗଲା ପରି ବୋଧହୁଏ !

ସେ ଭାଗବତକୁ ତଳେ ଥୋଇ ଦେଇ ଅନ୍ୟମନସ୍କ ଭାବରେ ଉତ୍ତେଜିତ ହୋଇ ଭାବେ—ଭଗବାନ କାହିଁକି ଏହି ରାକ୍ଷସଦଳଙ୍କୁ ପୃଥିବୀରୁ ଲୋପ କରି ଦେଉ ନାହାନ୍ତି ? ଯଦି ସେ ନିଜେ ଭଗବାନ ହୋଇଥାନ୍ତା,ତାହାହେଲେ କେଉଁଦିନୁଁ ଏ କଥା ସେ କରି ସାରନ୍ତାଣି ! ତାପରେ ଯେତେବେଳେ ଏ ଆଲୋଚନାର ଗତି ବଦଳିଯାଏ, ବୁଢ଼ା କହନ୍ତି—"ହଁ ମା, କଣ ହେଲା—

ତୁ ନାଥ ପରମ ଦୟାଳୁ,
ଦୁଷ୍ଟ ନିବାରି ସନ୍ଥ ପାଳୁ ।"

ଫୁଲ କହେ,—ବାପା, ଆଉ ଆଜି ଭାଗବତ ପଢ଼ା ହେବ ନାହିଁ । ଭଗବାନ ପରମ ଦୟାଳୁ କି ନୁହେ, ଏଥିରେ ମୋର ସନ୍ଦେହ ହେଉଛି । କାଲି ପଢ଼ାଯିବ ।"

ବୁଢ଼ା ହସି ହସି କହନ୍ତି—"ତୋର ପୁଣି ସନ୍ଦେହ ! ହଉ କାଲିକି ରହୁ ।" ସେ ଦିନ ପଢ଼ା ବନ୍ଦ ହୁଏ । ବୁଢ଼ା ମୁହଁ ମାଡ଼ି ଶେଯରେ ଶୋଇ ପଡ଼ନ୍ତି । ସମସ୍ତଙ୍କ ମନରେ ନାନା ଭାବନା । କିଏ କହିବ, ଯୁଦ୍ଧକଥା କଣ ହେବ ?

ଭୀଷଣ ଝଡ଼ ସମୟ ମାଡ଼ି ଆସିଲା । ରାତିରେ ବିରୂପଡ଼ିଆର ଦୃଶ୍ୟ ବଡ଼ ଭୟଙ୍କର ହୋଇଉଠିଲା । ଚାରିଆଡ଼ କୁହେଳିକା-ମୟ; ଗିରି ପାହାଡ଼ କିଛି ବାରି ହେଲା ନାହିଁ । ବର୍ଷା ଧାର ପଡ଼ିଲା ପରି ଗଛପତରରୁ ଠେପରି ଠେପରି କାକର ଝରିଲା । କି ବିପଦରେ ପଡ଼ି କମ୍ପା କି ଉତ୍ତେଜନାରେ ମାତି ଉଠି କୁମ୍ଭାଟୁଆ ବେଳେ ବେଳେ ହୁଙ୍କାର ଉଠିଲା । ଗଗନ-ମଣ୍ଡଳରେ ଗ୍ରହତାରା ମଳିନ ଦେଖାଗଲେ । ତଳେ ଭୁବନ-ମଣ୍ଡଳରେ ନଦୀର ଗତି ଶିଥିଳ ହେବା ସଙ୍ଗେ ସଙ୍ଗେ ତରୁଲତାସବୁ ବିବର୍ଣ୍ଣ ଦେଖାଗଲେ । ଏହିପରି ସମୟର ଏକ ଭୀଷଣ ରାତିରେ ଅଞ୍ଜୁ ପଠାଇଥିବା ଖଣ୍ଡିଏ ଚିଠି ଧରି ବୁଢ଼ା ପଢ଼ୁଛନ୍ତି । ସେହି ଚିଠିରେ ଯୁଦ୍ଧର ଗୋଟିଏ ଘଟଣା ଲେଖା ଅଛି—"ଏକ ସ୍ଥାନରେ କେତେକ ଦୁର୍ବଳ ରୋଗୀ ମର-ହଟ୍ଟା ବର୍ଗି ଶରଣ ପଶିଲା ପରି ରହିଥିଲେ । ଓଡ଼ିଆମାନେ ତାଙ୍କୁ ଦୟା କରି ଆଶ୍ରୟ ଦେଲେ । ମାତ୍ର ସେ ଡାକାଏତଗଣ ବିଶ୍ୱାସରେ ବିଷ ଦେଇ ଦିନେ ରାତି ପାହିଲା ବେଳକୁ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି । କେତେ ଯେ ଅସହାୟ ବାଳକବାଳିକା ଯୁବା

ଚିରକାଳପାଇଁ ଶୋଇ ପଡ଼ିଲେ, ତାର କଣ ସୀମା ଅଛି !" ଏହିପରି କେତେ କଥା ।

ଫୁଲ ଶୁଣି ରାଗରେ ଥର ଥର କହିଲା —"ଓଡ଼ିଆର କଣ ବଳ ନାହିଁ ? କାହିଁକି ସେମାନଙ୍କୁ କଏଦୀ ଘରେ ନ ରଖି ସେପରି ସ୍ଥାନ ଦେଲେ ? ହତ୍ୟାକାରୀ ସେମାନେ । ସେ ଜାତିଟା ଧ୍ୱଂସ ନ ହୋଇ ରହିଛି କାହିଁକି, ବାପା !" ସେତେବେଳକୁ ବୁଢ଼ା ଭାଗବତ ଫିଟେଇଲେଣି । ପୂର୍ବଦିନର ବାକୀ ପାଠଠାରୁ ଆରମ୍ଭ କରୁଥିଲେ--

"ସଦା ବହିବ ସମ ଭାବ
ଏକଥା ଭାବ ତୁ ଉଦ୍ଧବ !"

ଫୁଲ ମୁହଁରୁ ଏ କଥା ଶୁଣି ବୁଢ଼ା କହିଲେ—"ଛିଅ ଲୋ, ଇମିତ ନିଷ୍ଠୁର କଥା ମନରେ ଭାବେ ନା । ଏସବୁ ପାପର ବିଚାର ପାଇଁ ଆଉ ଜଣେ ଅଛନ୍ତି; ଆମେ ନୋହୁଁ ।"

## —ସାତ—

ମହାନଦୀର ତରଙ୍ଗ ପରି ମାସ ପରେ ମାସ ଯାଇ ଦଶହରା ଆସି ପହଞ୍ଚିଲା । ତଥାପି ଯୁଦ୍ଧର ବିରାମ ହେଲା ନାହିଁ । ଦଶହରା ଯାଇ ଦୋଳ ପୂର୍ଣ୍ଣିମା ହେଲା । କ୍ଷେତମାନଙ୍କରୁ 'ଶୀତଦିନିଆ ଫସଲ ଉଠି ଖରାଦିନିଆ ଫସଲ ଆରମ୍ଭ ହେଲା । ଶୀତଦିନର ପତ୍ର-ଝଡ଼ା ଗଛ ବସନ୍ତର ମଧୁର ସ୍ପର୍ଶ ପାଇ ପ୍ରକୃତିକୁ ନବବେଶରେ ସଜାଇବାରେ ଲାଗିଲା । ପୋଷା ଗାଈଗୋରୁଙ୍କୁ ଖେଦାରୁ ଫିଟାଇ ଦିଆଯାଇ ଅବାଧରେ ବଣଜଙ୍ଗଲକୁ ଛାଡ଼ି ଦିଆଗଲା । ଗଉଡ଼ ପିଲାର ବଂଶୀ ସ୍ୱର ପାହାଡ଼ ଉପରେ ପରିଷ୍କାର ଶୁଣାଗଲା । ବସନ୍ତ ସମୟ—ଯେଉଁ ଆଡ଼େ ଦେଖିବ, ନୂଆ ଫୁଲ, ନୂଆ ପତ୍ର; ଶୋଭା-ସମ୍ପଦରେ ଜଙ୍ଗଲ ଭାଙ୍ଗି ପଡ଼ୁଛି ।

ବୃଦ୍ଧ ଧରଣୀ ଉପରେ ଏତେ ଏତେ ପରିବର୍ତ୍ତନ ହେଲା; ମାତ୍ର ଯୁଦ୍ଧର ଆଉ ପରିବର୍ତ୍ତନ ହେଲା ନାହିଁ । ଯୁଦ୍ଧ ଆଉ ବନ୍ଦ ହେଲା ନାହିଁ, ଅଭି ଆଉ ଏପର୍ଯ୍ୟନ୍ତ ଘରକୁ ଫେରିଲା ନାହିଁ ।

ଦୋଳ ପୂର୍ଣ୍ଣିମାର ଦୁଇ ଚାରି ଦିନ ପରେ, ଦିନେ ଫୁଲ ବେଳ ପହରକୁ ଗଡ଼ରୁ ଫେରି ଆସୁଛି । ଦେଖିଲା, ତାଙ୍କ ଘର ପାଖେ ତିନିଜଣ ଲୋକ ବାପାଙ୍କ ସାଙ୍ଗରେ ଧରି ପିଣ୍ଡାଆରେ ବସିଛନ୍ତି । ସେମାନଙ୍କ ଭିତରେ କୌଣସି ଏକ ଗୁରୁତର କଥାର ଆଲୋଚନା ଚାଲିଥିବାର ତାର ଅନୁମାନ ହେଲା । ଆଉ ଖଣ୍ଡେଦୂର ଆସିଲା ପରେ ସେ ପୁଣି ଦେଖିଲା ଯେ, ଆଉ ଜଣେ ବ୍ୟକ୍ତି ଆସି ସେମାନଙ୍କ ସହିତ ଯୋଗ ଦେଲେ । ଏହି ଶେଷ ବ୍ୟକ୍ତିଙ୍କୁ ସେ ଭଲ ଭାବରେ ଚିହ୍ନେ । ସେ ହେଉଛନ୍ତି ବରିପଣ୍ଡାଆର ମାଲିକ; ତାଙ୍କଠାରୁ ଜମି ପଟ୍ଟା ନେଲା ପରି ନେଇ ରୀତିମତ ଭାବରେ ସୁଜନ ଶନ୍ଶଲ ବରିପଣ୍ଡାଆକୁ ଦଖଲ କରୁଛନ୍ତି ।

ଆଉ କୁଆଡ଼େ ମନ ନ ଦେଇ, କାହାକୁ କିଛି ନ କହି ଫୁଲ ଧୀରେ ଧୀରେ ସେମାନଙ୍କ ପାଖକୁ ଲାଗି ଚାଲିଗଲା ବେଳେ ସେମାନଙ୍କ ଭିତରେ ପଡ଼ିଥିବା ଆଲୋଚନାରୁ କିଛି ବିଷୟ ଶୁଣି ପାରିଲା । ସେମାନେ କଣ କଥାବାର୍ତ୍ତା ହେଉଥିଲେ , ସେପରି ସମୟରେ ବୃଦ୍ଧ ସୁଜନ ଶନ୍ଶଲ ବାଧା ଦେଇ କହିଲେ—

"ଆଚ୍ଛା, ଏ ଯୁଦ୍ଧ ପରେ ଏହି ବଲିବାଡ଼ି ସବୁ କଣ ହେବ ?"

ବୃଦ୍ଧଙ୍କର ଏ ପ୍ରଶ୍ନ ଶୁଣି ଜମିର ମାଲିକ କାଳ ବିଳମ୍ବ ନ କରି ତତ୍କ୍ଷଣାତ୍ କହିଲେ—

"ଆପଣ ଏସବୁ କଥା ବିଚାରିବାରେ ବ୍ୟସ୍ତ ହୁଅନ୍ତୁ ନା । ଆପଣଙ୍କୁ ବା ଆପଣଙ୍କ ପିଲାପିଲିଙ୍କୁ ଏଠୁ କିଏ ବାହାର କରି ଦେଉ ନାହିଁ । ଅଭି ଅଛି, ଝିଅ ଫୁଲ ମଧ୍ୟ ଅଛି । ଆପଣଙ୍କର

ଏତେ ଚିନ୍ତା କାହିଁକି ? ଯାହା ହେଲେ ଆପଣଙ୍କର କିଛି ଅମଙ୍ଗଳ ନ ହେବ, ସେହିକଥା କରାଯିବ । ଆପଣ ମଧ୍ୟ ଦେଶ ସ୍ୱାର୍ଥ ଆଗରେ ନିଜ ସ୍ୱାର୍ଥଟାକୁ ଛୋଟ କରି ଦେବା ଉଚିତ !"

ଶମ୍ଭୁଶଲ ହସି ହସି କହିଲେ—"ସେକଥା ତ ମତେ ଆଉ ବୁଝାଇବା ଦରକାର ନାହିଁ । ବର୍ତ୍ତମାନ କଥା ହେଉଛି, ଯୁଦ୍ଧ ପରେ କଣ ହେବ ?"

କଥା ଏହିପରି ଚାଲିଥିଲା ବେଳେ ଫୁଲ ନ ଜାଣିଲା ପରି ଘର ଭିତରକୁ ପଶି ଆସିଲା । ତା ପରେ, କଥାବାର୍ତ୍ତା ଆଲୋଚନା ଅନ୍ତେ ସେହି ନବାଗତମାନେ କୁଆଡ଼େ ଚାଲିଗଲେ । ବୃଦ୍ଧ ଶମ୍ଭୁଶଲ ନଇଁ ନଇଁ ଘରକୁ ଆସି ଫୁଲ ଆଗରେ ଠିଆହେଲେ । ଏ ମଧ୍ୟରେ ସେମାନେ ଯାହା କଥାବାର୍ତ୍ତା ହୋଇଥିଲେ, ସେ ସବୁ କଥାକୁ ବଡ଼ ସନ୍ତର୍ପଣରେ, ଗୋଟି ଗୋଟି କରି ଫୁଲ ଆଗରେ କହିବାକୁ ଲାଗିଲେ ।

ବୁଢ଼ା କହିଲେ—"ଜାଣିଲୁ ଫୁଲ, ସେ ଯେଉଁ ଲୋକମାନେ ଆସିଥିଲେ, ସେମାନେ ଗଜପତିଙ୍କ ଲୋକ ।"

ଫୁଲ ଆଶ୍ଚର୍ଯ୍ୟ ହୋଇ ପଚାରିଲା—"ରଜାଙ୍କ ଲୋକ ତୁମ ପାଖକୁ ଆସିଥିଲେ ?"

କହିସାରି ବୃଦ୍ଧ କଣ ଭାବୁଥିଲେ; ପ୍ରଶ୍ନ ଶୁଣି ପୁଣି ଉତ୍ତର ଦେଲେ—"ହଁ ଲୋ ମା, ଗଜପତି ରଜାଙ୍କ ଲୋକ ସେଇମାନେ । ସେଇମାନେ ମୋର ପାଖକୁ ଆସିଥିଲେ । କଥା କଣ କି ·· ··ତୁ ଏ କଥା ନ ଜାଣିଲେ ଚଳିବ କିମିତି ?···ଏଇ ଯେଉଁ ଯୁଦ୍ଧ ଦେଢ଼ ବର୍ଷ ହେଲା ଚାଲିଲାଣି, ଏଥିରେ ଆମ ରଜାଙ୍କର ଅନେକଠାରେ ଜିଣା ହୋଇଛି । ଜିଣା ହେଲାବେଳେ ଶତ୍ରୁସେନାଙ୍କ ଭିତରୁ ଅନେକଙ୍କୁ ଧରାଯାଏ । ସେମାନେ ହୁଅନ୍ତି ବନ୍ଦୀ ସୈନ୍ୟ । ଆଗେ

ଆଗେ ସେମାନଙ୍କୁ ଦୟା କରି ଛାଡ଼ି ଦିଆଯାଉଥିଲା ; ଏବେ ଦେଖାଗଲା, ସେମାନଙ୍କ ଭିତରୁ ଅନେକେ ଛାଡ଼ ପାଇ ଯାଇ ପୁଣି ଶତ୍ରୁ ସେନାରୂପେ ଆସି ଆମର ସେନାଙ୍କ ଆଗେ ଯୁଦ୍ଧ କରୁଛନ୍ତି । ତେଣୁ ରାଜାଙ୍କର ହୁକୁମ ହୋଇଛି, ସେମାନଙ୍କୁ ଏକାବେଳକେ ବନ୍ଦୀ କରି ରଖିବାକୁ ହେବ । ଯେତେବେଳେ ଯୁଦ୍ଧ ସରିବ, ଦୁଇପକ୍ଷ ଭିତରେ ସନ୍ଧି ହେବ, ସେତେବେଳେ ଯାଇ ସେମାନେ ଛାଡ଼ ପାଇବେ ।"

ଏ କଥା କୁହାଗଲା ବେଳେ ଫୁଲ ବଲ ବଲ କରି ବାପାଙ୍କ ମୁହଁକୁ ଚାହୁଁଥିଲା । ପଚାରିଲା—"ସେମାନଙ୍କୁ ସବୁ ବାନ୍ଧି ରଖିବାକୁ ହେବ ? ଏ କଥା ମୁଁ କିଛି ବୁଝିପାରୁ ନାହିଁ ।"

"ବୁଝି ପାରୁନୁ ! ଯେଉଁ ମରହଟ୍ଠା ସେନାଙ୍କୁ ବନ୍ଦୀ କରାଯିବ, ସେମାନଙ୍କୁ ଏକପ୍ରକାର ବାନ୍ଧିଲା ପରି ରଖାଯିବ । ତାହାହେଲେ ସେମାନେ ଆମ ଦେଶ ଭିତରେ କିଛି କ୍ଷତି କରିପାରିବେ ନାହିଁ । ବୁଝିଲୁ ?"

"ହଁ, ଏଥର ବୁଝିଲି । ମାନେ ରହିଲେ ତ ସେମାନେ କଏଦୀ ଘରେ ରହିବେ !"

"ହଁ, ଠିକ୍ ବୁଝିଛୁ ।"

ଫୁଲ ଉତ୍ସାହିତ ହୋଇ କହିଲା—"ଠିକ୍ ବିଚାର ବାପା, ଠିକ୍ ବିଚାର ହୋଇଛି । ସେହି ଅବିଶ୍ୱାସୀ ଜୀବଗୁଡ଼ାଙ୍କୁ, ସେହି ଦୋମୁହାଁ ସାପଗୁଡ଼ାଙ୍କୁ ଏଇଭଳିଆ ଦଣ୍ଡ ଠିକ୍ ହେବ । ଆଚ୍ଛା, ରାଜାଙ୍କ ଲୋକେ ଆମ ଘରଠାକୁ କିଆଁ ଆସିଥିଲେ ?"

"ସେମାନେ ଆଉ କେଉଁଠି ଭଲ ଯାଗା ଠିକାଏ ନ ପାଇ ଏଠାକୁ ଆସିଥିଲେ । ସେମାନେ କହନ୍ତି, ଏଇ ବରିପଡ଼ିଆରେ କଏଦୀଘର ତିଆରି କରି ରଖିବା ସବୁଠାରୁ ସୁବିଧା ହେବ ।

ପାଖକେ ପାହାଡ଼, ପାଖକେ ନଈ, ଜଗିରଖିବାକୁ ଅସୁବିଧା ପଡ଼ିବ ନାହିଁ ।”

ଫୁଲ୍ ମୁହୂର୍ତ୍ତେ ଜଡ଼ ପରି ବସି ରହିଲା । ତା ପରେ କହିଲା—“କଣ ! ସେଗଡ଼ାକ ଏଠି ଆସି ରହିବେ ? ତାହାହେଲେ ଆମକୁ ଏଠୁ ତଡ଼ା ଖାଇବାକୁ ହେବ !”

“ନା, ନା, ଯାହା ଭାବୁଛୁ ତାହା ନୁହେଁ—” ଏହା କହି ବୁଢ଼ା ଝିଅକୁ ଅବସ୍ଥା ବୁଝାଇବାରେ ଲାଗିଲେ । କହିଲେ ଯେ ତାଙ୍କୁ ସେ ସ୍ଥାନ ଛାଡ଼ି ଯିବାକୁ ହେବ ନାହିଁ । ଯେପରି ଅଛନ୍ତି, ଠିକ୍ ସେହିପରି ରହିବେ । ତାଙ୍କ ସ୍ୱାଧୀନତାରେ କେହି କାଏ ବାଧା ଦେବେ ନାହିଁ । ପାହାଡ଼ ଆର ପଟେ ଯେଉଁ ବଡ଼ ପଡ଼ିଆଟି ଅଛି ସେହି ସ୍ଥାନରେ ଗାଈଗୋରୁ ଚରିବେ । ଯେଉଁ ଲୋକଗୁଡ଼ାକ ଏଠି ବନ୍ଦୀ ରହିବେ, ତାଙ୍କୁ ସବୁ ଦୁଧ ଦହି ଯୋଗାଇବାକୁ ପଡ଼ିବ ।

ଏ ସବୁ ପ୍ରସ୍ତାବ ଶୁଣି ତୀବ୍ର ଘୃଣାରେ ଫୁଲର ମନ ଶକ୍ତ ହୋଇ ଉଠିଲା । କହିଲା—

“ବାପା, ବାପା, ତୁମେ କଣ ତାହାହେଲେ କହୁଚ, ସେହି ଯେଉଁ ଡ଼କାଏତମାନେ ବଣାଇ, ଢେଙ୍କାନାଳ, ଦଶପଲ୍ଲା, ପୁରୀ, କଟକରେ ଆମ ଲୋକଙ୍କୁ ହାଣି ମାରି ପକାଇଛନ୍ତି, ତାଙ୍କୁ ଆମେ ଏଠି ଖାଇବାକୁ ପିଇବାକୁ ଦେଇ ଜୀଆଇ ରଖିବା ? ନା, ନା, ମୁଁ ଜୀଇଥିଲା ଯାଏ ତାହା କେଭେଁ କରାଇ ଦେବି ନାହିଁ । ଏବେ ମଧ୍ୟ ବେଳ ଅଛି । ତୁମେ ଏବେ ତାଙ୍କ ପାଖକୁ ଖବର ଦିଅ; ସେମାନେ ଆଉଠାଏ ଥାନ ଦେଖନ୍ତୁ; ଆମ ଏଠି ତାହା କେବେ ହେବ ନାହିଁ ।”

ବୁଢ଼ା କାହ୍ନୁ ଫୁଲକୁ ବୁଝାଇ କହିଲେ ଯେ, ତାଙ୍କର ଏଥିପ୍ରତି ଆଦୌ ଇଚ୍ଛା ନ ଥିଲା । କେବଳ ଦେଶରେ ଯୁଦ୍ଧ ସମୟ ବୋଲି

ରାଜା ଯାହା କାହାପଠାରେ ଠିକ କଲେ, ସେଥିରେ ସେ ରାଜି ହୋଇ-ଗଲେ । ଦେଶର କାମ ତ ହେବ; ନ କଲେ କାହାର କ୍ଷତି ? ଦେଶର ତ ?

—ଆଠ—

ବାପାଙ୍କର ଏହି ଶେଷ କେତେ ପଦ କଥାରେ ଫୁଲ କିଛି ଯୁକ୍ତି ଦେଖାଇ ଉତ୍ତର ଦେଇପାରିଲା ନାହିଁ । ଶେଷରେ ବଡ଼ କୁଣ୍ଠିତ ଗଳାରେ କହିଲା—"ହଉ ବାପା, ଦେଶର କଥା, ରାଜାଙ୍କର କଥା ବୋଲି କହୁଚ ଯେବେ, ତାହାହେଲେ ସେମାନେ ଆସି ରହନ୍ତୁ ଏଠି । ଚାଲ ଆମେ ଯିବା, ଆଉ ଠାଏ ରହିବା । ଦେଶ ତ ଏତେ ପଡ଼ିଛି, ଆମକୁ କଣ ଥାନ ଅଭାବ ହେବ ?"

ବୁଢ଼ା ଝିଅକୁ ବୁଝାଇ କହିଲେ—"ଏମିତି ହୁଅ ନା, ମା ମୋର । ସବୁ କଥା ଭଲ କରି ବୁଝ । ମୁଁ ତ ତାଙ୍କୁ କହିଚ ଏଠି ରହିବ ବୋଲି, ଏବେ ପୁଣି କିମିତି କହିବ ଚାଲିଯିବ ବୋଲି ! ଏଟା କଣ ଅନ୍ୟାୟ ହେବ ନାହିଁ ?"

'ତମେ ସିନା ରହିବା ଦରକାର ପଡ଼ିପାରେ, ମାତ୍ର ମୋର ରହିବା ଦରକାର ନାହିଁ ବୋଧହୁଏ ।"

"ନା, ସେମିତି କିଛି ନୁହେଁ । ସେମାନେ ସେପରି କିଛି କହି ନାହାନ୍ତି । ମା ମୋର, ବୁଝିନୁ ତୁ ! ଏ ବୁଢ଼ା ବୟସରେ କଣ ତୁ ମତେ ଏକୁଟିଆ ଛାଡ଼ି ଯିବୁ ? ମୋର ତ ଗୋଡ଼ହାତ ଅଚଳ ହେଲାଣି, ଅଭି ତ ଗଲା ଯୁଦ୍ଧକୁ, ମାଆ ମୋର........"
ଏତିକି କହି ବୁଢ଼ା ଆଖି ଛଳଛଳ କରି ପକାଇଲେ ।

ବହୁତ କଥାବାର୍ତ୍ତା ପରେ ଫୁଲ ଶେଷକୁ ମାଗିଲା ଯେ କେବଳ ତାର ବାପା ପାଇଁ ସେ ସେଇଠାରେ ରହିବ—ଆଉ

କୁଆଡ଼େ ଯିବାକୁ ଏପରି ଅସୁବିଧା ହେବ ନାହିଁ । ମାତ୍ର ଏତିକି କଥା ହେଲା ଯେ, ସେହି ଯେଉଁ ଠିକ୍, ଦେଶର ଶତ୍ରୁଗୁଡ଼ାକ ଆସି ସେଠି ରହିବେ, ସେମାନଙ୍କୁ ସେ କାଳୁ ହେଲେ ସାହାଯ୍ୟ ଦେବ ନାହିଁ । ଏପରିକି ସେମାନଙ୍କ ମୁହଁ ସୁଦ୍ଧା ଚାହିଁବ ନାହିଁ ! ଦେଶର ଶତ୍ରୁଗୁଡ଼ାକ ଆସି ତାଙ୍କ ଘରେ ରହିବେ, ଏ କଥା ସେ ଯେତିକି ବିଚାରିଲା, ସେତିକି ତା ମନ ତିକ୍ତ ହୋଇ ଉଠିଲା । କହିଲା, ଯୁଦ୍ଧରେ ଯାଇ ପଶିବା ବରଂ ମଙ୍ଗଳଜନକ; ମାତ୍ର ଏପରି ପାପ-ମାନଙ୍କ ସହିତ ରହିବା କୌଣସି ଲୋକର ଉଚିତ ନୁହେଁ ।

ପନ୍ଦର ଦିନ ପରେ ବରିପଡ଼ିଆରେ ଏକ ମସ୍ତବଡ଼ ଆୟୋଜନ ଆରମ୍ଭ ହେଲା । ଦଳ ଦଳ ହୋଇ ବଢ଼େଇ, ମିସ୍ତ୍ରୀ ଆସି ପହଞ୍ଚିଗଲେ । ଶଗଡ଼ ଶଗଡ଼ ଶାଳ ପିଆଶାଳ କାଠ ଆସି ଜମା ହୋଇଗଲା । ବସ୍ତା ବସ୍ତା ହୋଇ କେଉଁଠାରୁ ଲୁହାକଣ୍ଟା ସବୁ ଆସି ଥୁଆହେଲା । ଏହିପରି କେତେ କଣ ଆସିଲା, ତାର ଠିକଣା ନାହିଁ । ଅସ୍ଥିର ଘର ନିର୍ମାଣ କଲା ପରି ଲୋକେ କାମରେ ଲାଗିଗଲେ । ଦିନ ଅଣ୍ଟିଲା ନାହିଁ ; ସନ୍ଧ୍ୟା ଯାଇ ରାତି ଅଧ ହୋଇଯାଏ, ତେବେବେକେ ହେଲେ କାର୍ଯ୍ୟର ବିରାମ ନ ଥାଏ । ହାତୀଶାଳ ପରି ବଡ଼ ବଡ଼ ଘରମାନ ତିଆରି ହେଲା । ପଥର କଟାଯାଇ ଚଉଡ଼ା ରାସ୍ତା ପଡ଼ିଲା । କାଲି ଯେଉଁଠି ଶ୍ୟାମଳ ଶସ୍ୟ କ୍ଷେତ୍ର ହସୁଥିଲା, ତାହାରି ଉପରେ ନିଷ୍ଠୁର ମାନବର ନିର୍ମମ କ୍ରିୟା-କଳାପରେ ଘର ପରେ ଘର ଠିଆ ହେଲା । ଫୁଲ ଫୁଟି ଆସୁଥିବା ଗଛ ସବୁ ଗୋଟାକ ପରେ ଗୋଟାଏ ହଣା ହେଲା । ଉଦ୍‌ଗତ-ପତ୍ର ଲତା ନିଷ୍ଠୁର ପଦବିକ୍ଷେପରେ ଦଳି ହୋଇ ଧୂଳି ସଙ୍ଗେ ମିଶିଗଲା । ତା ସ୍ଥାନରେ ଠିଆ ହେଲା ଧାଡ଼ି ଧାଡ଼ି ବନ୍ଦୀ ନିବାସ ! କେଉଁ ଇନ୍ଦ୍ରଜାଲ ଖେଳ ଦେଖାଇଲା ପରି ଦିନ କେତୋଟି

ଭିତରେ ଚାହୁଁ ଚାହୁଁ ବରିପଡ଼ଆ ଭିତରେ କିଏ ଇନ୍ଦ୍ରଜାଲ ଖେଳାଇ ଦେଲା ! ସେଠାରେ ହାତୁଡ଼ି ଆଘାତରେ ନିର୍ଜନ ବନ-ରାଜ୍ୟର ସ୍ୱଚ୍ଛନ୍ଦବିହାରୀ ପଶୁପକ୍ଷୀ ଭୀତତ୍ରସ୍ତ ହୋଇ ପଡ଼ିଲେ । ନରକଣ୍ଠର କୋଳାହଳରେ ବନଚାରୀ ପକ୍ଷୀ-ସଙ୍ଗୀତ ଆଉ ସେତେ ମଧୁର ଲଳିତ ଶୁଣାଗଲା ନାହିଁ । ଫୁଲ ଆଖିକୁ ଦେଖାଗଲା, ସତେ ଯେପରି ଦିନ କେତୋଟି ମଧ୍ୟରେ କେହି ଇନ୍ଦ୍ରଜାଲ ଖେଳାଇଗଲା । ନିଷ୍ଠୁର କରସ୍ପର୍ଶରେ କିଏ ସୁନ୍ଦରକୁ ଅସୁନ୍ଦର, ସତ୍ୟକୁ ଅସତ୍ୟ, ଆଲୁଅକୁ ଅନ୍ଧକାରରେ ପରିଣତ କରିଦେଲା ! ଫୁଲ ହୃଦୟରେ ବିଦ୍ରୋହର ଅନଳ ଦପ୍ ଦପ୍ ହୋଇ ଜଳି ଉଠିଲା । ମରହଟ୍ଟା ସୈନ୍ୟଙ୍କ ବିରୁଦ୍ଧରେ ତା ମନ ଯେ ପରିମାଣରେ ଉତ୍ତେଜିତ ହେଉଥିଲା, ବରିପଡ଼ଆରେ ମାନବର ଏ ଅତ୍ୟାଚାର ତହୁଁ ବଳି ତାକୁ ଉତ୍ତେଜିତ କଲା !

ଖାଲି ତ ସେଠାରେ ଘର ହେଲା ନାହିଁ; ଘର ଚାରିପାଖେ ଗଣ୍ଡିକାଠମାନ ପୋତାଯାଇ ଅସୁର-ପୁରୀର ପ୍ରାଚୀର ପରି ସେଥିରେ ତଳୁ ଉପର ଯାଏ ଲୁହା କଣ୍ଟାମାନ ବାଡେଇ ଦିଆଗଲା; ଯେପରି କି ସେଥିରେ କିଏ ହାତ ଦେଇପାରିବ ନାହିଁ, ଲୋକ ସେ ପାଖେ ରହିଲେ ଏ ପାଖକୁ ଆସିବାକୁ ଅକ୍ତିଆର ରହିବ ନାହିଁ !

ବରିପଡ଼ଆର ସୁଖସମ୍ପଦ ସବୁ ଶେଷ ହେଲା । ସେଠାରୁ ଶାନ୍ତିର ରାଜତ୍ୱ ଯାଇ ଅଖଣ୍ଡ ବିଭ୍ରାଟ ଆରମ୍ଭ ହେଲା । ସେଠାରେ ଶାନ୍ତିପ୍ରିୟାସିନୀ ଫୁଲର ଆଉ ସ୍ଥାନ ରହିଲା ନାହିଁ । ଏ ସବୁ କାଣ୍ଡ ଚାଲିଥିଲା ବେଳେ ଫୁଲ ବାପାଙ୍କୁ ଧରି ସେହି କୁଡ଼ିଆ ଘରେ ଥାଏ । ତାର କର୍ମକ୍ଷେତ୍ରର ପରିସର ଯେତେବେଳେ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇଆସିଲା, ସେ ନିତିଦିନ ଦେଖୁଥିବା ଉତ୍ତୁଙ୍ଗ ଧୂସର ପାହାଡ଼ ଶିଖର ଓ ନିଜ ଘର ମଧ୍ୟରେ ଯେତେବେଳେ ଆଉ ଏକ

କୃତ୍ରିମ ପାହାଡ଼ ମୁଣ୍ଡ ଠେକିଲା, ସେ ଆପଣାର ଚାକରବାକର-ମାନଙ୍କୁ ବିଦାୟ ଦେଇ କହିଲା, "ଯାଅ ତୁମେମାନେ, ଯେତେ-ବେଳେ ଏ ଅସୁର ପୁରୀ ପୁଣି ଧ୍ୱଂସ ହେବ, ସେତିକିବେଳେ ତୁମମାନଙ୍କର ସାହାଯ୍ୟ ଦରକାର ହେବ।" କେବଳ ଗାଈ-ଗୁଣ୍ଡିଙ୍କୁ ଜଗି ସେ ରହିଲା ଏକୁଟିଆ ବାପାଙ୍କ ପାଖେ । କେତେ-ବେଳେ ଯେ ଦେଶଦ୍ରୋହୀଗୁଡ଼ାକ ସେଠାରେ ଆସି ପହଞ୍ଚିବେ, ଧଡ଼ାସ୍ ଧଡ଼ାସ୍ ତା ଛାତି ଥରୁଥିଲା ।

ଦିନେ ସନ୍ଧ୍ୟାବେଳେ ଧୂମାୟମାନ ଗିରିପଥ ମଧ୍ୟରେ ଝନ ଝନ ଶବ୍ଦ ଶୁଣାଗଲା । ଚକିତ ପକ୍ଷିଗଣ ଗଗନମାର୍ଗକୁ ଉଡ଼ି ଚାଲିଗଲେ । ଏ ପାହାଡ଼ର ହରିଣଦଳ ସେ ପାହାଡ଼କୁ ଡେଇଁ ଚାଲିଲେ । ସତେ ଯେପରି ବନରାଜ୍ୟରେ ବିଭ୍ରାଟ ପହଞ୍ଚିଲା । ତାହାର କିଛି ସମୟ ପରେ ଦଳେ ଦୀର୍ଘକାୟ ଲୋକ ମୁହଁ ପୋତି ପୋତି ନୂଆ ହୋଇ ତିଆରି ହୋଇଥିବା ଘର ଭିତର ଆଡ଼କୁ ପଶିଆସିଲେ । ସେମାନଙ୍କ ଉଭୟ ପାର୍ଶ୍ୱରେ ଚାରି ହତିଆର ବନ୍ଧା ଓଡ଼ିଆ ପାଇକମାନେ ଚାଲିଥାନ୍ତି । କେତେ-ବେଳେ ଶୁଭେ 'ଜୟ, ଗଜପତିଙ୍କର ଜୟ', କେତେବେଳେ ଶୁଭେ, 'ଜୟ ଉତ୍କଳ ଦେଶର ଜୟ'। ଫୁଲ ସେମାନଙ୍କୁ ଚାହିଁ ରହି ଗୋଟାକଯାକ ଗୋଡ଼ରୁ ମୁଣ୍ଡ ଯାଏ ଥରିଗଲା । ତା ଆଖିକୁ ଦେଖାଗଲା, ସତେ ଯେପରି ଗୋଟାଏ ଅତିକାୟ ସାପ ଦୁଇପା ଲମ୍ବରେ ତାଙ୍କ ଘର ଆଡ଼କୁ ପଶି ଆସୁଛି । ଓଃ ! ଏହି ହେଉଚନ୍ତି ଦେଶର ଶତ୍ରୁ !

ସେଦିନ ରାତିରେ ଫୁଲ କଣ ଭାବି କିପରି ଯେ ଶୋଇଲା, ସେହି କେବଳ ଜାଣେ । କେଉଁ ଅସୁର ପୁରୀର କେଉଁ ବିଚିତ୍ର ସ୍ୱପ୍ନ ଦେଖିଲା ସେ । ତା ନେତ୍ର ଆଗରେ ଭାସିଗଲେ କେତେ ବିକଟ-

କାଯ୍ୟ ଅସୁର ! ରାଜ୍ୟ ସେମାନେ ଧ୍ୱଂସ କରିଦେଲେ । ସଂସାର ସେମାନେ ଛାରଖାର କରିଦେଲେ । ନିଦ ଭାଙ୍ଗିଲା ବେଳକୁ ତା ଦେହ ଗୋଟାକ ଥରୁଥିଲା । ସକାଳୁ ଉଠି ପ୍ରଥମେ ଝରକାବାଟେ ବାହାରକୁ ଚାହିଁଲା । ଦେଖାଗଲା ଗୋଠାକୁ ଗୋଠା ସାପ ତା ଆଗରେ ଚାଲିଗଲେ । ବିଚାରିଲା, ଏଇ କେତେ ଦିନ ଭିତରେ ସତେ କଣ ସେ ପାଗଳୀ ହୋଇଯାଇଛି ? ନିଜକୁ ନିଜେ ବୁଝି ପାରିଲା ନାହିଁ । ସ୍ୱପ୍ନ ଛାୟା ପରି ନାନା ଅଦ୍ଭୁତ ଅସମ୍ଭବ ଘଟଣା କଥା ସେ କ୍ଷଣକୁ କ୍ଷଣ କଳ୍ପନା କରିବାକୁ ଲାଗିଲା ।

ଫୁଲର ଗାଈ ଗୁହାଳ ସେହି ବନ୍ଦୀଶାଳାର ଠିକ୍ ନିକଟରେ । ସେ ଧୀରେ ଧୀରେ ସେ ଦିଗକୁ ଗଲା । ନିକଟରେ ଓଡ଼ିଆ ପାଇକଗଣ ବନ୍ଦୀଶାଳାର ପ୍ରହରୀରୂପେ ଦୁଆର ଜଗି ବସିଥିଲେ । ଫୁଲ ତାଙ୍କୁ ପଚାରିଲା—"ଏମାନେ କଣ ଆମ ଦେଶର ଶତ୍ରୁ ?"

"ହଁ, ଏହିମାନେ । ଏଇମାନେ ହେଉଛନ୍ତି ମରହଟ୍ଟା !"

ଫୁଲ ପଚାରିଲା—"ତେବେ ଏମାନଙ୍କୁ ନ ମାରି ପୋଷିବାକୁ ଆଣିଚ କାହିଁକି ?"

"ରାଜାଙ୍କର ହୁକୁମ ।"

"ରାଜାଙ୍କର ହୁକୁମ କଣ ଏଇ ରାକ୍ଷସଗୁଡ଼ାକୁ ପୋଷିବାକୁ ହେବ ବୋଲି ? ମୁଁ ଯେବେ·· ଛି !"

ମାତ୍ର ଫୁଲ ପରେ ସେହି ପାଇକମାନଙ୍କ ମୁହଁରୁ ଶୁଣିଲା, ଏହି ଯେଉଁମାନଙ୍କୁ ବନ୍ଦୀ କରାଯାଇଚି, ସମସ୍ତେ ଏଥିରେ ଖରାପ ନୁହନ୍ତି । ଯୁଦ୍ଧ ଲାଗିଥିବାରୁ ଅନେକଙ୍କୁ ନିର୍ଦ୍ଦୋଷରେ ଧରି ଅଣାଯାଇଚି । ଫୁଲ ଏ କଥା ଶୁଣି ଜାଣୁ ହେଲେ ଉତ୍ତର ଦେଲା ନାହିଁ । କଣ ଭାବି ଭାବି ଘରକୁ ଫେରିଲା । ଘରେ ଆସି ବାପାଙ୍କଠାରୁ

ଶୁଣିଲା ଠିକ୍ ସେହି କଥା । ବାପା କହିଲେ—"ଏ ସମସ୍ତେ ଶତ୍ରୁ ଜାତିର ଲୋକ ସତ; ମାତ୍ର ଯେଉଁମାନେ ଏଥିରେ ଭଲଲୋକ ଅଛନ୍ତି,ଆମେ ସାହାଯ୍ୟ ନ କଲେ ସେମାନେ ଚଳିବେ କିପରି ?"

ଫୁଲ ତେଜି ଉଠି କହିଲା—"ଚଳି ନ ପାରିଲେ ମରନ୍ତୁ ସେମାନେ ଏଠି । ସେମାନେ ତ ଲୋଭିଛନ୍ତି, କିଏ କଣ କରିବ ?"

ବୁଢ଼ା ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି କହିଲେ "ହଁ, ଲୋଭିଛନ୍ତି ବୋଲି କହିବାକୁ ହେବ । ମାତ୍ର ସମସ୍ତେ ତ ଏ ଦୋଷରେ ଦୋଷୀ ହୋଇ ପାରିବେ ନାହିଁ । ସେ ଯାହାହେଉ, ଏବେ ସମସ୍ତେ ବନ୍ଦୀ । ଘର ନାହିଁ, ଦ୍ୱାର ନାହିଁ ; କାହିଁ କେଉଁ ଦୂରଦେଶରେ ପିଲାପିଲାଙ୍କୁ ଛାଡ଼ି ଆସିଛନ୍ତି । ସେମାନଙ୍କୁ କଣ ଦୁଃଖ ଲାଗୁ ନ ଥିବ, ଫୁଲ ?"

"ବାପା । କହୁଛ ସିନା; ମାତ୍ର ଆମ ଲୋକେ ଏ ଚୋର ଗୁଡ଼ାକୁ ତଡ଼ିବା ପାଇଁ କାହିଁ କେଉଁ ବଣ କନ୍ଦରରେ ପଶି ଯେ ଯୁଦ୍ଧ କରୁଛନ୍ତି, ଖବର୍କାକର ନ ମାନି ଯେ ହଟହଟା ହେଉଛନ୍ତି ତାଙ୍କଠାରୁ ଏମାନେ କଣ ବା ଦୁଃଖରେ ଅଛନ୍ତି ? କପଟୀ ଅବିଶ୍ୱାସୀଗଡ଼ାକ, ପର ରାଜ୍ୟକୁ ଲୁଟି କରି ଖାଇବାକୁ ଏମାନେ ଜନ୍ମ ହୋଇଛନ୍ତି ସିନା ! ଏମାନଙ୍କ ଭିତରେ ଭଲ ଲୋକ ଆସିବେ କୁଆଡ଼ୁ ?"

ଫୁଲ ମୁହଁରୁ ଏ ସବୁ କଥା ଶୁଣି ସୁଜନ ବଡ଼ ବ୍ୟଥିତ ହେଲେ । ଆବାଲ୍ୟରୁ ଅତି ସ୍ନେହରେ ପାଳି ତାକୁ କେତେ ସେ ଭଲ କଥା ଶିଖାଇଥିଲେ । ସେ କଣ ସେଥିରୁ ଏତିକି ଲାଭ ପାଇଛି ? ପରକୁ ଏପରି ନିଷ୍ଠୁର ଭାବରେ କହିବାକୁ ଶିଖିଛି ? ସେ ବଡ଼ ବ୍ୟଥିତ ସ୍ୱରରେ କହିଲେ—"ମା ମୋର, ଏପରି କହନା, ମଣିଷ ପ୍ରତି ମଣିଷ କା ଏତେ ନିଷ୍ଠୁର ହେଲେ ଚଳିବ ?"

---

## —ନଅ—

ଦିନ ପରେ ଦିନ ବହିଗଲା । ମାତ୍ର ଫୁଲ ବାରପଣ୍ଡାଆରେ ଯାହା ସବୁ ଇନ୍ଦ୍ରଜାଲ ମାୟା ପରି ମନେ କରୁଥିଲା, ସେଥିର ଆଉ ବାଗ୍ରମ ହେଲା ନାହିଁ । ମରହଟ୍ଟା ବନ୍ଦୀଦ୍ୱାରା ସେ ଘରଦ୍ୱାର ସବୁ ପୂର୍ଣ୍ଣ ହୋଇଗଲା । ବନ୍ଦୀର ଚିତ୍କାରରେ ନିସ୍ତବ୍ଧ ବନଭୂଇଁ କମ୍ପି ଉଠିଲା । ନର-କୋଳାହଳରେ ସତେ ଯେପରି ସେଠାର ଅଖଣ୍ଡ ଶାନ୍ତି ଅନନ୍ତ କାଳ ପାଇଁ ଖଣ୍ଡ ଖଣ୍ଡ ହୋଇଗଲା ! ଖବର ଆସିଲା, ପୁଣି ବନ୍ଦୀ । ଆୟୋଜନ ଲାଗିଲା—ପୁଣି ଘର । ଦିନେ ସନ୍ଧ୍ୟା ବେଳେ ସେହିପରି ଦୃଶ୍ୟ । କେଉଁ ଦୂରସ୍ଥାନରୁ ବନ୍ଦୀ-ମାନଙ୍କୁ ମହାନଦୀର ବିଶାଳ ବକ୍ଷରେ ନାଆରେ ଅଣାଯାଇ ବାଜୟଗଡ଼ ପାଖେ ଉତାରି ଦିଆଗଲା । ପାଇକଗଣ ସାବଧାନରେ ସେମାନଙ୍କୁ ଆଣି ବାରପଣ୍ଡାଆରେ ଛାଡ଼ି ଦେଇଗଲେ । ଫୁଲ ଆଖିକି କି କଦର୍ଯ୍ୟ ବେଶ ସେମାନଙ୍କର ! ନୀଳଗିରି ରାଜବାଟୀ ଆକ୍ରମଣରେ ସେମାନଙ୍କୁ ଧରାଯାଇଥିଲା । ବନ୍ଦୀ ହୋଇ ଧରାପଡ଼ି-ବାର ମାସେ ହେଲା—ନିତାନ୍ତ ହୀନବେଶ ; ତଥାପି ସେମାନେ ହସୁଥିଲେ, ଗୀତ ବୋଲୁଥିଲେ । ସେମାନେ ଦୂରରୁ ଫୁଲକୁ ଦେଖି ବିକୃତ ମୁଖରେ ହସିଲେ । ଫୁଲ କହିଲା—"ପଶୁ-ଗୁଡ଼ାକ, ରାକ୍ଷସ ଗୁଡ଼ାକ !" ତା ପରେ ସେ ଘର ଭିତରକୁ ପଶିଗଲା ।

ପଛପଟେ ବୃଦ୍ଧ ସୃଜନ ଖଡ଼ୁଶଳ ଭାଗବତ ପୋଥି ଲେଉଟାଉଥିଲେ । ଫୁଲକୁ ତାହାଁ କହିଲେ—"ମା ମୋର, ଏତେ ନିଷ୍ଠୁର ହେବା ଭଲ ନୁହେ । ସେମାନେ ପରା ବନ୍ଦୀ ?"

ଫୁଲ କହିଲା—"ବନ୍ଦୀ ବୋଲି ତ ମୁଁ ଜାଣିଛି । ମାତ୍ର ମଣିଷ ମାରି ଯେ ଲୋକ ହସେ, ଏ କଥା ମୁଁ ଜାଣି ନ ଥିଲି ।"

ବୁଢ଼ା ତାକୁ ବୁଝାଇଲା ପରି କହିଲେ,—"ସେମାନେ ହସିବାର କାରଣ ଅଛି । ସେମାନେ ଆସିଥିଲେ ଦେଶ ଜୟ କରିବାକୁ ; କାନ୍ଦିବାକୁ ଆସି ନାହାନ୍ତି । ଆସିଲା ବେଳେ ଭାବିଥିଲେ, ରାଜ୍ୟ ଜିଣି ଘରକୁ ଫେରିବେ ; ଜିଣି ନ ପାରିଲେ ହସି ହସି ମରିବେ । ଏବେ ସେମାନେ ବନ୍ଦୀ । ବନ୍ଦୀ ଯେ ମୃତ ସଙ୍ଗେ ସମାନ । ସେମାନେ ବନ୍ଦୀଶାଳାକୁ ଆସୁ ନାହାନ୍ତି ଯେ, ହସି ହସି ମରୁଛନ୍ତି ! ଏତେବେଳେ ଏପରି ନିଷ୍ଠୁର ହେଲେ ଚଳିବ କାପରି ? ଯେ ମଲାଣି ତାକୁ ମାରିଲେ ଲାଭ କଣ ?"

ମାସକ ପରେ ଚୁଣି ଦଳେ ବନ୍ଦୀ ଆସି ହାଜର ହେଲେ । ଚିଲିକା କୂଳର କୌଣସି ଏକ ପ୍ରାଚୀନ ମନ୍ଦିର ଲୁଟି କରି ସେମାନେ ଧନସମ୍ପଦ ବୋହି ନେଉଥିଲେ । ଫୁଲ ଏ କଥା ଶୁଣି ସେମାନଙ୍କ ଆଉ ଦେଖିବାକୁ ଗଲା ନାହିଁ । ଏପରି ଲୋକଙ୍କୁ ଯେ ବସ ଆପଣା ହାତରେ ଦହି ଯୋଗାଉଛି—ଏହା ହେଲା ତା ପକ୍ଷରେ ଘୋର ଅପମାନ ! ଭାବିଲା, ଏ ଦେଶରେ କି କେହି ବୀର ନାହାନ୍ତି ଯେ ଏକାବେଳକେ ଏମାନଙ୍କୁ ଶେଷ କରି ପାରିବେ !

ଏହାପରି ଦଳ ଦଳ ହୋଇ ବନ୍ଦୀ ବାରିପଣ୍ଡିଆରେ ଆସି ହାଜର ହେଲେ । ଶେଷରେ ଯେଉଁ ଦଳକ ଆସିଲେ, ସେମାନଙ୍କ ବିଷୟରେ ସୁଜନ ଫୁଲକୁ କହିଲେ—"ମା, ଏମାନେ ସମସ୍ତେ ଭଲ ଲୋକଙ୍କ ପରି ଦିଶୁଛନ୍ତି !"

ଫୁଲ କହିଲା—"ଯାହା ହେଉନ୍ତୁ ପଛକେ, ବାପା ! ଏମାନେ ତ ସବୁ ମରିହନ୍ତା—ଆମ ଭାଇବନ୍ଧୁଙ୍କ ଶତ୍ରୁ......!"

ବୁଢ଼ା ଫୁଲର ମୁହଁକୁ ଚାହିଁ କହିଲେ—"ବାୟାଣୀଟା ମୋର, ତୁ କିଛି ବୁଝିପାରୁ ନାହୁଁ ! ତୋପରି ପିଲା ଏପରି ଅଡୁଆ କଥା କହନ୍ତି ? ଗୋଟାଏ ଲୋକ ଦୋଷୀ ହେଲେ କଣ

ତା ଆଉ ଲୋକେ ଦୋଷୀ ହେବେ ? ଏ ଯୁଦ୍ଧପାଇଁ କଣ ସବୁ ମରହଟ୍ଟା ଦାୟୀ ? ଶିବାଜୀ ଥିଲେ ଭଲ ଲୋକ । ସେତେବେଳେ ସେ ଥିଲେ ରାଜା । ଅନେକ ଖରାପ ଲୋକଙ୍କୁ ସେ ଭଲ ଲୋକ କରି ଗଲେ । ତଥାପି କେତେ ଖରାପ ଲୋକ ମଧ୍ୟ ତାଙ୍କ ରାଜ୍ୟରେ ଥିଲେ । ଏବେ ଯେ ରାଜା ହେଲେ, ସେ ଭଲ ଲୋକଙ୍କୁ ଯୁଦ୍ଧକୁ ପଠାଇ ଖରାପ ମଧ୍ୟ କରିଦେଲେ । ତଥାପି କଣ ସେ ଦେଶରେ ଭଲ ଲୋକ ନାହାନ୍ତି ? କାହିଁ ନ ବିଚାରି ସମସ୍ତଙ୍କୁ ଖରାପ ଲୋକ କହି ଦେବା ଅନ୍ୟାୟ ।"

---

## — ଦଶ —

କ୍ଷଣ କ୍ଷଣ ହୋଇ ଦିନକୁ ଦିନ ଫୁଲ ମନରେ ମରହଟ୍ଟାଙ୍କ ପ୍ରତି ଘୃଣା ବଢ଼ିବାରେ ଲାଗିଲା । ବାପାଙ୍କର ଶତ ଉପଦେଶ, ସାଧୁ ବଚନରେ ତାର ମନର ଭାବ ବଦଳିଲା ନାହିଁ । ସେମାନଙ୍କ ନାଁ ପଡ଼ିଲେ ସେ ନାକ ଟେକିଲା । ସେମାନଙ୍କ ପ୍ରଶଂସା ଶୁଣି ନୀରବରେ ସହିଯିବାକୁ ତାର ମନ କେତେବେଳେ ହେଲେ ରାଜି ହେଲା ନାହିଁ ।

ଭିତରେ ଭିତରେ ସେ ଏପରି ବିଦ୍ରୋହିନୀ ହେଲେ ମଧ୍ୟ ବରିପଡ଼ିଆରେ ଥାଇ ସେମାନଙ୍କୁ ନ ଦେଖିବାକୁ ତାର ଉପାୟ ନ ଥିଲା । ଦିନକେ ଦୁଇଥର ସେ ସେମାନଙ୍କୁ ଦେଖିବାକୁ ପଡ଼ିଲା ! ସକାଳେ, ସନ୍ଧ୍ୟାରେ ବନ୍ଦୀଶାଳା ପାରି ହୋଇ ତାକୁ ଯିବାକୁ ପଡ଼େ ଗୁହାଳକୁ । ସେଠାରେ ଦୁଧ ଦୁହିଁସାରି ଆସି ବାହାରେ ଠିଆ ହୁଏ ।

କଏଦୀମାନଙ୍କୁ ଦୁଧ ଯୋଗାଇବା ପାଇଁ ଆଗରୁ ସୁଜନଙ୍କ ସହିତ ରାଜକର୍ମଚାରୀଙ୍କର କଥା ଠିକ୍ ହୋଇଥିଲା । ସେହି ସର୍ତ୍ତରେ ବନ୍ଦୀଖାନାର ଜଗୁଆଳ ପାଇକମାନେ କେତେ ଜଣ ବନ୍ଦୀଙ୍କୁ ସାଙ୍ଗରେ ଧରି ଆସି ଗୁହାଳ ମୁହଁରୁ ଫୁଲ ପାଖରୁ ଦୁଧ ନେଇଯାନ୍ତି । ଦିନକେ ଦୁଇ ଥର ଏହିପରି ଘଟଣା ଘଟେ । ତେଣୁ ଫୁଲ ମରହଟ୍ଟା ବନ୍ଦୀମାନଙ୍କଠାରୁ ଦୂରରେ ରହିବାକୁ ଯେତେ ଚେଷ୍ଟା କଲେ ସୁଦ୍ଧା ଦିନକେ ଦୁଇଥର ସେହିମାନଙ୍କ ନିକଟତମ ସ୍ଥାନରେ ଆସି ଠିଆ ହେବାକୁ ବାଧ୍ୟ ହୁଏ ।

ସକାଳେ ସନ୍ଧ୍ୟାରେ ଏହି ଦୁଧ ଦିଆ-ନିଆ କାମ ଚାଲିଲା ବେଳେ ସେହି ବନ୍ଦୀ ମରହଟ୍ଟାମାନେ ଫୁଲ ସହିତ କଥାବାର୍ତ୍ତା ହେବାକୁ କେତେ ଚେଷ୍ଟା କରନ୍ତି; କେତେ ପ୍ରଶ୍ନ ପଚାରନ୍ତି ! ଫୁଲ ସେ ସବୁର କିଛି ଉତ୍ତର ନ ଦେଇ କେବଳ ଗମ୍ଭୀର ଭାବରେ ସେମାନଙ୍କୁ ଚାହିଁ ରହେ । ସେମାନେ ତାର ରୂପ-ବଇଭବକୁ, ଭାବଭଙ୍ଗୀକୁ ଚାହିଁ ଚାହିଁ ଫେରିଯାନ୍ତି ।

ଏହି ଦୁଧ ନେବା କଏଦୀଙ୍କ ଭିତରେ ଜଣେ ଥାଏ ଅତିଶୟ ରୋଗା । ସେ ଥାଏ ବନ୍ଦୀଶାଳାର ତୃତୀୟ ସାହାଲର ଲୋକ । ସେ ଆସିଲା ବେଳେ ମୁଣ୍ଡ ପୋତି ପୋତି ଆସେ; ଗଲାବେଳେ ମୁଣ୍ଡ ପୋତି ପୋତି ଯାଏ; ମାତ୍ର ମଝିରେ କିଛି ସମୟ ଦୁଧ ମାଠିଆ ନେଲା ବେଳେ ମୁହଁ ଟେକି ଉପରକୁ ଚାହେଁ । ସେତେବେଳେ ତାର ଦୃଷ୍ଟି ପଡ଼େ କେବଳ ଫୁଲର ମୁହଁ ଉପରେ ।

ବିଦ୍ରୋହିନୀ ଫୁଲର ଆଖିରେ କଠୋରତା ପୁରି ରହିଥିଲେ ସୁଦ୍ଧା ଏହି ରୋଗା ଲୋକଟିର ସେହି କ୍ଷଣିକ ବଙ୍କିମ ଚାହାଣିରେ ପ୍ରାଣରେ ଟିକିଏ କିପରି ଦୟା ସଞ୍ଚାର ହୁଏ । ସେତେବେଳେ ସେ ମୁହୂର୍ତ୍ତେ ମାତ୍ର ଏକ କରୁଣାମୟୀ ଦେବୀ ପାଲଟିଯାଏ । ମାତ୍ର

ପର ମୁହୂର୍ତ୍ତରେ କଣ ହୁଏ କେଜାଣି, ଷଡ୍‌ଯନ୍ତ୍ର ଭାବକୁ ପ୍ରାଣରେ ସଜାଗ ରଖି ମୁଣ୍ଡ ଟେକି ଠିଆ ହୁଏ । ମନକୁ ମନ କହେ, "ରୋଗୀ ହେଲେ ବା କଣ ହେଲା ? ଲୋକଟା ତ ଦଗାବାଜି ରାକ୍ଷସ ଦଳର ! ଏଇମାନେ ତ ଯୁଦ୍ଧ କରି ଦେଶଟାକୁ ଛାରଖାର କରି ଦେଲେ ! ଏମାନଙ୍କୁ ପୁଣି ଦୟା କଣ ? ଏମାନଙ୍କୁ ଦୟା କରିବା ଅର୍ଥ ଦେଶର ଗୌରବକୁ ପରର ପାଦ ତଳେ ବିକିଦେବା । ତା କୌଣସି ପ୍ରକାରେ କରି ହେବ ନାହିଁ, କରି ହେବ ନାହିଁ । ଦେଶର ଶହ ଶହ ଲୋକ ଏମାନଙ୍କୁ ହଟାଇବା ପାଇଁ ଯୁଦ୍ଧରେ ପ୍ରାଣ ଦେଉଥିବା ବେଳେ ମୁଁ ଏମାନଙ୍କୁ ପୁଣି ଦୟା ଦେଖାଇବି ? ଛିଃ !"

---

## —ଏଗାର—

ମହାନଦୀଟାଣ୍ଡି ନାବିକଗଣ ପ୍ରତିଦିନ ବିଜୟଗଡ଼ଠାରେ ଯୁଦ୍ଧର କୌଣସି ନା କୌଣସି ଖବର ଦେଇଯାନ୍ତି ଏବଂ ଅଧିକାଂଶ ସମୟରେ ଅଭୁ ପଠାଇଥିବା ଚିଠିଖଣ୍ଡମାନ ଶଙ୍କୁଶୀଲଙ୍କ ପାଖକୁ ପଠାଇବାର ବନ୍ଦୋବସ୍ତ କରିଥାନ୍ତି । ବୃଦ୍ଧ ଶଙ୍କୁଶୀଲ ପ୍ରତିଦିନ ସନ୍ଧ୍ୟାରେ ଝିଅକୁ ପାଖରେ ବସାଇ ଏସବୁ ଖବର ବିଷୟରେ ନାନାପ୍ରକାର ଆଲୋଚନା କରନ୍ତି । କେତେବେଳେ ମରହଟ୍ଟାମାନେ ଉଦୟଗିରି ଗୁମ୍ଫାରେ ଲୁଚି ରହିଲେ, କେତେ-ବେଳେ ଓଡ଼ିଆ ପାଇକମାନେ ସାତକୋଶିଆ ଗଣ୍ଡରେ ଶତ୍ରୁ ଦଳଙ୍କ ଡଙ୍ଗା ବୁଡ଼ାଇ ମାଇଲେ, କେତେବେଳେ ବା ଚିଲିକା ମୁହାଣରେ ସୈନ୍ୟ ପାରି ହେଉ ହେଉ ଦୁଇଶହ ଲୋକ ସମୁଦ୍ର ଲହରୀ ସହିତ ଭାସିଗଲେ—ଇତ୍ୟାଦି ନାନା କଥା ସେଠି ସବୁଳି

ଆଲୋଚନା ଭିତରେ ପଡ଼େ । ତାପରେ ଯେତେବେଳେ ଭାଗବତ ପୋଥିରୁ ଡୋର ଫିଟାନ୍ତି, କେଉଁ ଦ୍ୱାପର ଯୁଗର ଦ୍ୱାରକା ପୁରୀର ବିଚିତ୍ର ଜୀବନ କଥା ନିଜେ ଦେଖିଲା ପରି ବଖାଣି ବସନ୍ତି । ସେ ସବୁ କଥା କହୁ କହୁ ତାଙ୍କର ଭକ୍ତିପ୍ରବଣ ହୃଦୟ ଥରିଯାଏ, ଆଖିପତା ଓଦା ହୋଇଯାଏ ।

ଦିନେ ସନ୍ଧ୍ୟାବେଳେ ବୃଦ୍ଧ ଶିବ୍ରଶିଲ ଭାଗବତ ପଢୁଛନ୍ତି; ଫୁଲ୍ ଧୀରେ ଧୀରେ ପଚାରିଲା—"ବାପା, ତମେ କଣ ପ୍ରକୃତରେ ଶାନ୍ତି ଇଚ୍ଛା କରୁଛ ?"

"ହଁ, ମା, ଶାନ୍ତି ଛଡ଼ା ଏ ଜଗତରେ ଆଉ ସୁଖ ନାହିଁ । ପ୍ରଭୁ ଯେତେବେଳେ ଯେ ଲୀଳା ଲଗାଇଛନ୍ତି, ସବୁ ଶାନ୍ତି ପାଇଁ । ଶାନ୍ତିପାଇଁ ଯୁଦ୍ଧ ବିଗ୍ରହ ହୋଇଛି, ଶାନ୍ତି ପାଇଁ ରାଜ୍ୟ ଧ୍ୱଂସ ହୋଇଛି । ମାତ୍ର କେଉଁ ବାଟରେ ଶାନ୍ତି ପାଇବା ପାଇଁ ସୁବିଧା, ସେ ବିଷୟରେ କେତେ ଲୋକ କେତେ କଥା କହନ୍ତି । ଏ କଥା ତୁ କାହିଁକି ପଚାରୁଛୁ, ମା ?"

ଫୁଲ୍ ଠିକ୍ ଏ ରକ୍ମ ଉତ୍ତର ଦେଲା — "ଏ କଥା ମୁଁ କାହିଁକି ପଚାରୁଛି କି, ମୁଁ ଏପରି ଶାନ୍ତି ଇଚ୍ଛା କରୁ ନାହିଁ । ମୁଁ ଭାବୁଛି, ଏଥିପରି ଯୁଦ୍ଧ ଚାଲନ୍ତା, ଆହୁରି ଯୁଦ୍ଧ ଚାଲନ୍ତା । ଦେଶର ଏ ଯେଉଁ ଶତ୍ରୁଗୁଡ଼ାକ ବେଳକୁ ବେଳ ମାଡ଼ି ଉଠୁଛନ୍ତି, ପୃଥିବୀରୁ ଏଗୁଡ଼ାକ ଲୋପ ହେଲା ପର୍ଯ୍ୟନ୍ତ ଯୁଦ୍ଧ ଚାଲନ୍ତା । ତାପରେ ଶାନ୍ତି ହେଲେ ମୋର କିଛି ଆପତ୍ତି ନାହିଁ ।"

ବୃଦ୍ଧ ଏ କଥା ଶୁଣି କହିଲେ—"ପିଲା ତୁ, ତୋ ବୁଦ୍ଧିରେ ତୁ ଯାହା ଭାବିଲୁ ତା କଣ ଠିକ୍ ? କେବଳ ଯୁଦ୍ଧ କଲେ କଣ ଶାନ୍ତି ମିଳିବ ? ମଣିଷଗୁଡ଼ାକୁ ମାଇଲେ କଣ ମଣିଷ ଶାନ୍ତି ପାଇ ପାରିବ ? ମଣିଷ ରକ୍ତରେ ପୃଥିବୀକୁ ବୁଡ଼ାଇଲେ କଣ ମନରେ

ସନ୍ତୋଷ ଆସିବ ? ଦେବତା କଣ ଏଥିରେ ସନ୍ତୋଷ ହେବେ ? ଯେଉଁ ଦେଉଳରେ ଏପରି ଦେବତା ଅଛନ୍ତି, ସେପରି ଦେଉଳ ହଜାରେ ହେବ ଭାଙ୍ଗି ଧୂଳି ହୋଇଗଲେ ମୋର ଦୁଃଖ ହେବ ନାହିଁ; ମାତ୍ର ଜଣେ ମଣିଷର ରକ୍ତ ଠୋପାଏ ତଳେ ପଡ଼ିଲେ ମୋ ପ୍ରାଣ ଥରି ଉଠିବ ।"

ଅନେକ ଦିନ ପରେ ଅଭି ପାଖରୁ ଖଣ୍ଡିଏ ଚିଠି ଆସିଲା । ଏ ଭିତରେ ସେ ବାହିନୀପତି ପଦକୁ ଉଠିଛି । ତାର ବେଶ୍ ଉତ୍ସାହ, ଉତ୍ତେଜନା ବଢ଼ିଛି । ବାଙ୍କା ସୀମାରେ ନିକଟରେ ଏକ ମରହଟ୍ଟା ଛାଉଣୀ ଆକ୍ରମଣ କରିବାକୁ ହେବ । ସେତେବେଳେ ସେ ଆଗରେ ଥାଇ ଯୁଦ୍ଧ କରିବ । ଆଉ ବେଳ ନାହିଁ ; ସେଥିପାଇଁ ଖୁବ୍ ଯୋଗାଡ଼ ଚାଲିଛି । ଏହାହିଁ ହେଉଛି ସେ ଚିଠିର ମର୍ମ ।

ସେହି ଚିଠି ଶେଷରେ ଲେଖାଅଛି "ଆଜି ଏତିକି, ବାପା, ମୋତେ ଆଶୀର୍ବାଦ କର । ଫୁଲକୁ ମୋର ସ୍ନେହ ଜଣାଇଦେଅ । ତାକୁ କହିବ, ତାର ସାହସ, ତାର ବୁଦ୍ଧି କଥା ମୁଁ ଏଠାରେ ମୋର ଜଣେ ସାଥୀଲୋକଙ୍କୁ କହିବାରୁ ସେ ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲେ—'ବାଃ' ଫୁଲର ସାହସ ପରି ସାହସ ଥିବା ଶହେଟା ଲୋକଙ୍କୁ ଆମେ ଯଦି ପାଆନ୍ତେ, ତାହାହେଲେ ଏ ଯୁଦ୍ଧ ମାସକେ ତୁଟିଯାନ୍ତା ।"

ପନ୍ଦରଦିନ ପରେ ପୁଣି ଖବର ଆସିଲା—ଯୁଦ୍ଧରେ ଓଡ଼ିଆ ମାନଙ୍କର ଜୟ ! ଢେଙ୍କାନାଳର ଏକ ଗିରି-ଗହ୍ୱର ଭିତରେ ସାତଶହ ବର୍ଗିଙ୍କୁ ପାହାଡ଼ରୁ ପଥର ଗଡ଼ାଇ ଶେଷ କରାଯାଇଛି । ଏ ସବୁ ଖବର ଆସିଲା ସତ;ମାତ୍ର ଅଭିମନ୍ୟୁ ଠାରୁ ଆଉ ଚିଠିପତ୍ର କିଛି ହେଲେ ଆସିଲା ନାହିଁ । ସୁଜନ ବଡ଼ ଅଧୀର ହୋଇପଡ଼ିଲେ । ପୁଅ ବିଷୟରେ ନାନା ପାପ ଚିନ୍ତା ତାଙ୍କ ମନକୁ ଘାରିଲା !

କେତେ ଦିନ ପରେ ଜଣେ ନାବକ ବଜୟ୍ଗଡ଼ଠାରେ ଏକ ନାଆରୁ ଓହ୍ଲାଇ ସିଧା ସିଧା ଶକୁନ୍ତଳଙ୍କ ପାଖେ ଆସି ପହଞ୍ଚିଲା । କାହାରି ଖଣ୍ଡିଏ ଚିଠି ତାଙ୍କ ହାତରେ ଦେଇ ସିଧା ସିଧା ପୁଣି ଫେରି-ଗଲା ।

ଏହା ଚିଠି ଦେବା ଢଙ୍ଗରୁ ବୁଢ଼ା ମନରେ ଘୋର ସନ୍ଦେହ ହେଲା । ଅଭି ଗଲାଦିନ ଠାରୁ ଏପରି ଭାବରେ ସେ କେଭେଁ ଚିଠି ପାଇ ନ ଥିଲେ । ଚିଠିଟା ଖୋଲିବାକୁ ତାଙ୍କ ହାତ ଥରିଲା । କେତେ କଣ ଭାବନା ମନରେ ଜାଗି ଉଠିଲା । ବଡ଼ ଦୋଦୋପାଞ୍ଚ ହୋଇ ଚିଠିଟା ଖୋଲି ପଢ଼ିବାକୁ ଆରମ୍ଭ କଲେ । ମାତ୍ର ପଢ଼ିପାରିଲେ ନାହିଁ ।

ଫୁଲ ସେତେବେଳକୁ ତାଙ୍କ ପାଖରେ ଠିଆ ହୋଇଥିଲା । ବାପାଙ୍କର ଏ ଅବସ୍ଥା ଦେଖି ସେ ହାତ ବଢ଼ାଇ ଚିଠିଟା ଧଇଲା । ଅବସ୍ଥା ବୁଝିବାକୁ ତାର କିଛି ବାକୀ ନ ଥିଲା । ସୁଜନ ଅସହାୟ— ଭାବରେ ଚିଠିଟାକୁ ଝିଅ ହାତକୁ ବଢ଼ାଇ ଦେଇ ଥର ଥର କଣ୍ଠରେ କହିଲେ—

"ପଢ଼, ମା, ପଢ଼ । କଣ ଲେଖା ହୋଇଛି ପଢ଼ ।" ଏତିକା କହି ସେ ତଳେ ବସିପଡ଼ିଲେ । ଫୁଲ ଧୀରେ ଧୀରେ ଚିଠିପଢ଼ା ଆରମ୍ଭ କଲା—

"ବଡ଼ ଦୁଃଖର କଥା, ଏହା ଲେଖିବାକୁ…" ସେ ଆଉ ପଢ଼ିଲା ନାହିଁ । ଚିଠିରେ ଯେ କି ଖବର ଆସିଛି, ଆଉ ଜାଣିବାକୁ କିଛି ବାକୀ ରହିଲା ନାହିଁ । ଅଭିମନ୍ୟୁ ଯୁଦ୍ଧ ପଡ଼ିଆରେ ସମ୍ମୁଖ ସମରରେ ପ୍ରାଣ ଦେଇଛି —ଏ ଖବର ବଜ୍ରପାତ ପରି ବୃଦ୍ଧ ସୁଜନଙ୍କ ମୁଣ୍ଡ ଉପରେ ପଡ଼ିଲା ।

ଚାହୁଁ ଚାହୁଁ ବୃଦ୍ଧ ଅଚେତା ହୋଇ ତଳେ ପଡ଼ିଗଲେ । ସତେ ଅବା ମୁହୂର୍ତ୍ତକ ମାନେ କୌଣସି ବଦ୍ୟୁତ ଶକ୍ତି ତାଙ୍କର ପ୍ରାଣକେନ୍ଦ୍ର ସ୍ପର୍ଶ କଲା ! ସଙ୍ଗେ ସଙ୍ଗେ ପାଖରେ ଥିବା ଲୋକ— କେତେ ଜଣ ଦଉଡ଼ି ଆସିଲେ । ବୁଢ଼ାଙ୍କୁ ଟେକି ନେଇ ଘରେ ଶୁଆଇ ଦେଲେ; ଦୁଇଦିନ ପରେ ତାଙ୍କର ଚେତା ହେଲା ।

ଏସବୁ ହେଲା; ମାତ୍ର ଫୁଲ ଆଖିରୁ ଲୁହ ବୋହିଲା ନାହିଁ । ସବୁବେଳେ ତା ଆଖିରେ ବିଜୁଳି ଖେଳିଲା । ଏ ବାର୍ତ୍ତା ପାଇ ତାର ନାକପୁଡ଼ା ଥରିଲା । ମରହଟ୍ଟାଙ୍କ ପ୍ରତି ତାର ଘୃଣା ତୀବ୍ରତର ହେଲା । ସ୍ୱାର୍ଥପରଗୁଡ଼ାକ ତାର ଭାଇକି ମାରିଦେଲେ; ବାପାକୁ ଦରମରା କରି ପକାଇ ଦେଲେ ଆଉ କଣ କରନ୍ତେ ? ସେ ପ୍ରତି ମୁହୂର୍ତ୍ତରେ କାମନା କଲା, ଭଗବାନ ସେମାନଙ୍କର ସର୍ବନାଶ କରନ୍ତୁ । ପୃଥିବୀ ପୃଷ୍ଠରୁ ସେ ଜାତିଟା ଲୋପ ହୋଇଯାଉ । ଏହା ଯେବେ ନ ଘଟିବ, ତାହାହେଲେ ଏ ବିଶ୍ୱରେ ଭଗବାନ ନାହାନ୍ତି ବୋଲି ବୁଝିବାକୁ ହେବ ।

ଫୁଲ ଚଟି ଖଣ୍ଡିକ ମୁଦି ଦେଇ ଠିଆ ହେଲା । ତା ପରେ ଉପରକୁ ଚାହିଁ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ିଲା । ତାର ବିଶ୍ୱାସ ହେଲା, ଧର୍ମକ୍ଷେତ୍ରରେ ପ୍ରାଣ ଦେଇ ତା ଭାଇ ବର୍ତ୍ତମାନ ଗ୍ରହ-ନକ୍ଷତ୍ର ପରପାରରେ କେଉଁ ଧ୍ରୁବଲୋକରେ ଯାଇ ବିହାର କରୁଛି ! ଆହା, ସେହିପରି ଭାବରେ ସେ ସେଠାକୁ ଯାଇପାରନ୍ତା କି !… ଏହି ସମୟରେ ଶୁଣାଗଲା ବନ୍ଦୀମାନଙ୍କର କୋଳାହଳ ! ଫୁଲ ଭାଇ ପାଖରୁ ଧ୍ରୁବଲୋକରୁ ମର୍ତ୍ତ୍ୟଲୋକକୁ ଫେରି ଆସିଲା ।

---

—ବାର—

ଚୈତ୍ର ମାସ ବୈଶାଖ ମାସରେ ପରିଣତ ହେଲା; ବୈଶାଖ ଯାଇ ଜ୍ୟୈଷ୍ଠର ଗ୍ରୀଷ୍ମ ପୃଥିବୀରେ ଚାଲିଲା । କ୍ରମେ ଆଷାଢ଼ର—ଘନଘଟା ଗଗନମଣ୍ଡଳରେ ଦେଖାଗଲା । ଗଡ଼ଜାତର ଗିରିକାନନ ଚଞ୍ଚଳ ଉଠିଲେ । ମୋଗଲବନ୍ଦୀର ସମତଳ ପ୍ରଦେଶରେ ନଦୀର ଗତି କ୍ରମେ ଉଚ୍ଛୃଙ୍ଖଳ ହୋଇଉଠିଲା । ଏହାରି ଭିତରେ ଓଡ଼ିଶାର ନାନା ସ୍ଥାନରେ ଯୁଦ୍ଧ ବିଗ୍ରହ, ଅଶାନ୍ତି ଗୋଳମାଳ !

ବରପଣ୍ଡଆର ବନ୍ଦୀ—ନିବାସରେ ପାଞ୍ଚଶତ ମରହଟ୍ଟା ସେନା ବନ୍ଦୀ; ତାଙ୍କ ସଙ୍ଗେ ସଙ୍ଗେ ଦୁଇଶହ ଓଡ଼ିଆ ପାଇକ ସେ ସ୍ଥାନର ଜଗୁଆଳ ! ସମଗ୍ର ବରପଣ୍ଡଆ ଚାରିପଟକୁ ଘେରି ମେଘନାଦ ପାଚୀରିପରି କାଠର ପାଚୀରି—ପ୍ରତି କାଠରେ ଆଙ୍ଗୁଳେ ଲେଖାଏଁ ଛାଡ଼ି ଦି ଦିଟା ଦୋମୁନିଆ ଲୁହା କଣ୍ଟା । ସେ ପାଚୀରି ଡେଇଁ ଯିବାକୁ କାହାର ସାଧ୍ୟ ନାହିଁ । ସେଟା ହେଉଛି ବାହାର ପାଚୀରି । ପୁଣି ପ୍ରତି ସାହାଲା ବାହାରେ ଆଉ ଗୋଟିଏ ଲେଖାଏ କାଠର ବାଡ଼ । ସେ କାଠ ସବୁ ଦେହକୁ ଦେହ ଘଷି ହେଲା ପରି ପୋତା ଯାଇଛି ।

ଏହି ବାଡ଼ ଓ କାଠ ପାଚୀରି ଭିତରେ ଫୁଲଚଉ ଅବାଧ ଗତି । ତାହାରି ଭିତରେ ତାର ଗାଈ–ଗୁହାଳ । ସେ ଗାଈ ନେଇ ବଣ ଭିତରକୁ ଗଲାବେଳେ ତା ପାଇଁ ବାହାର ଦରଜା ଫିଟାଇ ଦିଆଯାଏ । ସେ ଆସି ଦୁଧ ଦୁହିଁ ବଜାଇ ବେଳେ ଭିତର କବାଟ ମଧ୍ୟ ଫିଟା ହୁଏ । ସେଠାରେ ତା ପାଇଁ କିଛି ବାରଣ ନ ଥାଏ— ସେ କେବଳ ନିଜେ ନିଜେ ଯାହା ବାରଣ ମାନି ଚଳ ପ୍ରଚଳ ହେଉଥାଏ । ମେଘର ବଜୁଲି ପରି ସେ କେତେବେଳେ ଆସେ,

କେତେବେଳେ ଯାଏ, କେତେବେଳେ ମୁହୂର୍ତ୍ତେ ଠିଆ ହୋଇ ପର ମୁହୂର୍ତ୍ତରେ କୁଆଡ଼େ ଲୁଚିଯାଏ, କେହି ଜାଣି ପାରନ୍ତି ନାହିଁ ।

କିନ୍ତୁ ଏହି ବନ୍ଦୀଶାଳା ହେଲା ଦିନରୁ ଫୁଲ ମନରେ ଶାନ୍ତି ନାହିଁ । ସେ ଆକାଶର ପବନ ପରି, ବଣର ପକ୍ଷୀ ପରି, ନଦୀର ଗତି ପରି ନିଜର ସ୍ୱାଧୀନତାକୁ ଦେଖିପାରୁ ନାହିଁ । ସ୍ୱାଧୀନ ଜୀବ ହେଲେ ମଧ୍ୟ ସେ ଶତ ଶତ ବନ୍ଦୀଙ୍କ କାଠବେଢ଼ା ଭିତରେ ନିଜକୁ ଏକ ବନ୍ଦିନୀ ବୋଲି ମନେ କରେ । ଭାବି ବସିଲେ ନିଜକୁ ନିଜେ ଘୃଣା କରେ । ସେ ଏକ ଚିର ଅପରାଧିନୀ ପରି ତାର ଅନ୍ତର ଦେବତା ପାଖେ କରଯୋଡ଼ ହୋଇ କାତର କଣ୍ଠରେ କହେ—"ଛିଃ ! ଏହି ରାକ୍ଷସଗୁଡ଼ାକ ଜୀବନ ରଖିବାରେ ମୁଁ ପୁଣି ସାହାଯ୍ୟ କରୁଛି !"

ବରପଡ଼ିଆର ଏବେ ଲୋକଙ୍କ ଭିତରେ ଫୁଲ ହେଉଛି ଏକମାତ୍ର ନାରୀ ! ତାହା ଛଡ଼ା ବରପଡ଼ିଆ ରାଜ୍ୟରେ ଆଉ କେହି ନାରୀ ନାହାନ୍ତି । ଗଗନ-ମାର୍ଗରେ ଏକମାତ୍ର ଚନ୍ଦ୍ର ପରି, ମରୁ ମାର୍ଗରେ ଏକମାତ୍ର ନଦୀ ପରି ସେ ସେହି ବନ୍ଦୀରାଜ୍ୟରେ ଏକମାତ୍ର ତରୁଣୀ—ଏ କଥା ସେଠାର ସମସ୍ତେ ଜାଣନ୍ତି । ବନ୍ଦୀଶାଳାର ଯେ ବଡ଼ ହାକିମ, ସେ ବେଳେବେଳେ ଫୁଲର କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ରଖିଥାନ୍ତି । ସେ ଅନ୍ଧାରରୁ ଉଠି ଗୃହକାର୍ଯ୍ୟ କରେ, ଏକାକିନୀ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ଗାଈ ଚରାଏ, ବେଳେ ବେଳେ ବଣ ଭିତରୁ ବାଘକୋରଡ଼ରୁ ବାଘ ଛୁଆ ଧରି ଆଣି ସେହି ବନ୍ଦୀଶାଳା ଆଡ଼କୁ ଛାଡ଼ିଦିଏ, ବେଳେବେଳେ ମହାନଦୀର ସେ ପଟେ ଥିବା ହରିଣୀ ଛୁଆକୁ ଆଣିବା ପାଇଁ ନାଆ ବାହି ଚାଲିଯାଏ । ତାର ଏ ସକଳ କାର୍ଯ୍ୟ, ସାହସ ଓ ଗୁଣରେ ମୁଗ୍ଧ ହୋଇ ବନ୍ଦୀଶାଳାର ମାଲିକ ତାକୁ ଡାକନ୍ତି—"ବରପଡ଼ିଆର ବୀରବାଳା !"

ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ମହାନଦୀ କୂଳସ୍ଥ ଏହି ବନ୍ଦୀରାଜ୍ୟରେ ଏହି ବୀରବାଳାଙ୍କ ଏକମାତ୍ର ନାରୀ ମୂର୍ତ୍ତି ! ଏହି ମୂର୍ତ୍ତି ଭିତରେ କି ଅଚିନ୍ତ ଶକ୍ତି ଥିଲା କେଜାଣି, ସେଥିରେ କିଏ କେତେ କଣ ରୂପବିଭବ, ଆଶା ଆଶ୍ୱାସନା, କଳ୍ପନାଜଳ୍ପନାର ମଧୁର ଗମ୍ଭୀର ଛଳ ଛଳ ଛାୟା ଦେଖିବାକୁ ପାଇଲେ । ଏହି ମୂର୍ତ୍ତି କେତେବେଳେ ସେମାନଙ୍କର ଆଖି–ଆକାଶରେ ବିଜୁଳି ପରି ଦେଖାଗଲା, କେତେବେଳେ ବା ଧୂମକେତୁ ପରି ପ୍ରତିଭାତ ହେଲା । କେତେବେଳେ ମଧୁର ଭାବସ୍ରୋତରେ ନଚାଇଲା, କେତେ-ବେଳେ ବା ଅଗ୍ନି ବିଷ ଉଦ୍‌ଗିରଣ କରି ପଣତକାନିକୁ ପଛରେ ହଲାଇ ହଲାଇ ଚମକ ଦେଇ ଚାଲିଗଲା । କେବେ କେବେ ବା ପଛେ ପଛେ କେତେ କାହା ବୁକୁରେ ନିର୍ମମ ବଜ୍ର ପ୍ରହାର କରି ଦେଇଗଲା । ଯେ ପାଏ ସେ ବଜ୍ରର ଦାଉ, ସେହି କେବଳ ତାର କଠୋରତା ବୁଝେ । ଏକମାତ୍ର ନାରୀକୁ ନେଇ ଶତଶତ ପୁରୁଷ ପ୍ରାଣରେ ଲୀଳା ଆରମ୍ଭ ହେବା ଯେପରି ରହସ୍ୟମୟ, ସେହିପରି ବୈଚିତ୍ର୍ୟମୟ ମଧ୍ୟ !

—ଚାରି—

ଭାଇ ମରିଗଲା, ସମର ଭୂଇଁରେ ଦେଶ ପାଇଁ ଖଣ୍ଡା ଚଳାଇ ଚଳାଇ ସେ ଆଖି ବୁଜିଲା—ଏ ଶୋକର ଛାୟା କ୍ରମେ ଫୁଲି ହୃଦୟରୁ ଲିଭି ଆସିଲା । ଏଥିରେ ସେ ବାସ୍ତବିକ ଶୋକ ଅପେକ୍ଷା ଗୌରବ ବୋଧ କରୁଥିଲା ବେଶୀ । ବୃଦ୍ଧ ଶମ୍ଭୁଶିଳ କ୍ରମେ ସୁସ୍ଥ ସବଳ ହୋଇ ଉଠିଲେ । ପ୍ରତିଦିନ ଫୁଲ ଫୁଟିଲା ପରି ଫୁଲି

ପ୍ରତିଦିନର କାମରେ ଲାଗିଯାଏ । କାହାର ପରାମର୍ଶ ସେ ଲୋଡ଼େ ନାହିଁ । ବେଳେ ବେଳେ କେବଳ ଦେଶର ବୈରିଦଳଙ୍କ ପାଖରୁ ଅଲଗା ରହିବାକୁ ସେ କାମନା କରେ; ମାତ୍ର ବୁଢ଼ା ବାପାକୁ ଛାଡ଼ି ଏତେବେଳେ ଯିବ କୁଆଡ଼େ ?

ସନ୍ଧ୍ୟା ହେଲେ ଫୁଲ ଭାଗବତ ପୋଥି ମେଲେଇ ବାପାଙ୍କ କାନ ପାଖେ ଅମୃତ ଧାର ବୁହାଇଦିଏ । ତାର ସେହି ସୁମଧୁର ରାଗିଣୀ ଶୁଣି ବୃଦ୍ଧ ପରମ ଶାନ୍ତି ଲାଭ କରନ୍ତି । ତେଣେ ଖଣ୍ଡେ ଦୂରରେ ବନ୍ଧୁବାନ୍ଧବ ସଖାସୋଦରଙ୍କ ବନ୍ଧନରୁ ଦୂରରେ ରହି ଓଡ଼ିଶାର ଜଙ୍ଗଲ ଭିତରେ ବନ୍ଦୀ ହୋଇ ପଡ଼ିଥିବା ଶତ ଶତ ହୃଦୟର ସୁକୋମଳ ତନ୍ତ୍ରୀ ସବୁ ଏକାବେଳକେ ପୁଲକିତ ହୋଇଉଠେ । ଜଣେ ତରୁଣୀ କଣ୍ଠର ବାଣୀରେ ଶତ ଶତ ତରୁଣ ବାକ୍‌ଶକ୍ତି-ବିହୀନ ହୋଇ କେବଳ ନିଜ ନିଜର ମାନସୀ ମୂର୍ତ୍ତି ପୂଜା କରି-ବାରେ ଲାଗନ୍ତି । ସେତେବେଳେ ଜଣାପଡ଼େ, ସତେ ଯେପରି ସେହି ନିଷ୍ଠୁର ନିର୍ଜୀବ ଗିରିଶିଳା ତଳୁ କିମ୍ବା ସାହାରାର ମରୁଭୂମି ଭିତରୁ ଅମୃତର ଝରଣା କଳନାଦରେ ବହିଗଲା ! ସେତେବେଳେ କିଏ ଦେଖେ—କଳ୍ପନାରେ ଫୁଲର ଚାଲି, କିଏ ଦେଖେ—ତାର ଚାହାଣି, କିଏ ଦେଖେ—ବିଚଳିତ କୁନ୍ତଳର ଶୋଭା, କିଏ ବା ଦେଖେ—ଅଧରତଳର ସେ ବଚନ କହିବା ବେଳର ଭଙ୍ଗିମା ! ତାର ଗୁରୁ ଗମ୍ଭୀର ମୁଖଛବି ମାନସ-ପଟରେ ନାଚି ଉଠିଲେ ଅନେକେ ଭୟ ପାନ୍ତି । ଫୁଲ ସେତେବେଳେ ଫୁଲ ନ ହୋଇ ପାଷାଣ ପାଲଟିଯାଏ !

ଯୁଦ୍ଧ ଆରମ୍ଭ ବେଳେ, ଅଭିମନ୍ୟୁ ଯୁଦ୍ଧକୁ ଯିବା ସମୟରେ ସଜନ ଶାନ୍ତିଶୀଳଙ୍କ ହୃଦୟ ଯେପରି ଥିଲା ଏ କେତେ ମାସ ଭିତରେ ସେ ହୃଦୟ ଏକାବେଳକେ ବଦଳି ଯାଇଛି । ତାଙ୍କ

ମନର ଭାବନା ବଷାକ୍ତ ହୋଇ ଉଠିଛି । ସକଳ କଥାକୁ ସେ ବଡ଼ ତୀବ୍ର ଭାବରେ ଗ୍ରହଣ କରୁଛନ୍ତି । ବଶେଷରେ ନର୍ଜନରେ ଥିବାବେଳେ ତାଙ୍କ ମନ ଏତେ ଭାଗ୍ରକାନ୍ତ ହୋଇ ପଡ଼ୁଛି ଯେ, ସେ ନଜକୁ ସମ୍ଭାଳି ନ ପାରି ପିଲାଙ୍କ ପରି ଲୁହ ଦୁଇଧାର ବୁହାଇ ଦେଉଛନ୍ତି ।

ଦଶହ୍ରା ଯାଇ ପୁଣି ଦଶହ୍ରା ଆସି ପହଞ୍ଚିଲା । ଶୀତ ଯାଇ ବସନ୍ତର ଶୋଭା ଧରଣୀ ଉପରେ ବଛେଇ ହୋଇଗଲା । ତାହୁଁ ତାହୁଁ ମାସ ପରେ ମାସ ଗଡଯାଇ ପୁଣି ବସନ୍ତ ଦେଖାଦେଲା । ଫୁଲ ଦେଖିଲା, ପ୍ରତି ମୁହୂର୍ତ୍ତରେ ପ୍ରକୃତି ଏପରି ବଦଳି ଚାଲିଛି; ମାତ୍ର ଗୋଟିଏ କଥାର କିଛି ହେଲେ ଅଦଳ ବଦଳ ନାହିଁ ତାହା ହେଉଛି ସେହି ବନ୍ଦୀଶାଳା !

ବନ୍ଦୀ ମରହଟ୍ଟାମାନଙ୍କର ଜୀବନ ସେହି ଏକାପରି ଚାଲିଛି । ଏକା ପରି ଦୁଆର ଫିଟୁଛି, ଏକା ପରି ଦୁଆର ପଡ଼ୁଛି, ଏକାପରି ସେମାନଙ୍କୁ ଜଗୁଆଳି ଜଗି ରହିଛନ୍ତି ! ସମସ୍ତଙ୍କ ମୁଖମଣ୍ଡଳରେ ବଷାଦର ଛାୟା ଘୋଟିରହିଛି । କେଉଁଠି କେତେବେଳେ ବା ମୁହୂର୍ତ୍ତକ ପାଇଁ ହାସ୍ୟରୋଳ ଶୁଣାଯାଉଛି । ତାହା କିନ୍ତୁ ଉଦ୍ଦାମ ନୁହେଁ, କି ସହଜ ସରଳ ନୁହେ । ପିଞ୍ଜରାବଦ୍ଧ ଜନ୍ତୁ ପିଞ୍ଜରା ଭିତରେ କ୍ଷୁଧାର୍ତ୍ତ ହୋଇ ଏଣେତେଣେ ବୁଲିଲା ପରି ସେହି ପ୍ରକାଣ୍ଡ କାଠ-ଘଡ଼ା ଭିତରେ ସେମାନେ ବୁଲୁଛନ୍ତି ।

ସନ୍ଧ୍ୟା ହେଲେ ଫୁଲ ଆପଣା ଘରେ ରହେ । ଯେତେବେଳେ ଅଧିରାତ୍ରି ହୁଏ ସେ ଶୋଇବା ଘରର ଝରକାଟି ଫିଟାଇ ଦେଇ ବାହାରକୁ ଚାହେଁ । ଦେଖେ, ନୀଳ ଅନନ୍ତ ଆକାଶ ତଳେ, ଶତଲକ୍ଷ ତାରାଙ୍କ ତଳେ ତାଙ୍କର ବରପଣିଆ ଭିତରେ କେତେଟା ମାନବ ହାତରେ ତିଆରି ଘରଭିତରେ କେତେଗୁଡ଼ାଏ ମାନବ !

ସେଣ୍ଟୁ ମାନବଗୁଡ଼ାକ ଆଉ କେତେଗଡ଼ାଏ ଦୁର୍ଭାନ୍ତ ମାନବ ବିଧାତାର ହାଭୁଞ୍ଜ ପ୍ରକୋପରେ ପଡେ ଅବା ମୃତ୍ୟୁ ଦିଗକୁ ପ୍ରତି କ୍ଷଣରେ ଚାଲିଛନ୍ତି ! ଉଃ, ବିଧାତା ବିଧାନ ଲଙ୍ଘି, ବିଧାତା ସୃଷ୍ଟିରେ ମାନବ ଜାତିର ଅମଙ୍ଗଳ ସାଧି, ମାନବ ବେକରେ ଛୁରି ଦେଇ, ମାନବ ବୁକୁର ରକ୍ତ ପିଇ ଏଣ୍ଟୁ କେତେକ ନରଘାତକ ଜୀବନ୍ତ ଯନ୍ତ୍ରଣା ଭୋଗ କରୁଛନ୍ତି । ଫୁଲ ଭାବିଲା, ମାନବକୁ ଏ ଦଣ୍ଡ ଠିକ୍ ହୋଇଛି । ଅପରାଧୀର ଠିକ୍ ଦଣ୍ଡ ହୋଇଛି । ତଥାପି ସେମାନଙ୍କ ପ୍ରାଣରେ ଅନୁତାପ ଆସୁ ନାହିଁ । ସେଣ୍ଟୁମାନେ ପୁଣି ବନ୍ଦୀଶାଳାରେ ପଡି ହସୁଛନ୍ତି, କଳି କରୁଛନ୍ତି । ଆପଣା ଆପଣା ଭିତରେ ଯାହାଙ୍କୁ ସେମାନେ ଯୁଦ୍ଧବେଳେ ନିଜର ଭାଇ ବୋଲି ମନେ କରୁଥିଲେ, ସେମାନଙ୍କୁ ମାରିବାକୁ ପଛାଉ ନାହାନ୍ତି । ଓଃ, ଏ କି ଶଇତାନର ଜଗତ ! ଫୁଲ ରାଗରେ ଜଳି ଉଠେ, ରାଗରେ ଭଗବାନଙ୍କୁ ଅଭିଶାପ ଦେବାକୁ ଇଚ୍ଛାକରି କହେ—"ଭଗବାନ, ତୁମେ ଯେବେ ଅଛ, କହ ତେବେ, ଏପରି ରାକ୍ଷସଗୁଡ଼ାକୁ ସୃଷ୍ଟି କରିବାଦ୍ୱାରା ତୁମ ସୃଷ୍ଟିର ଭଲ ମହତ୍ତ୍ୱ ବଢ଼ିଛି ।" ପୁଣି ଯେତେବେଳେ ଫୁଲ ଶୁଣେ ଯେ, ବନ୍ଦୀଙ୍କ ଭିତରେ କଳି ଲାଗିବାଦ୍ୱାରା ସେଥିରୁ ପାଞ୍ଚ ଜଣଙ୍କୁ କଠୋର ଦଣ୍ଡ ଦିଆ ଯାଇଛି, ଭାବେ —"ଠିକ୍ ଦଣ୍ଡ ହୋଇଛି ।" ସେମାନଙ୍କ ପ୍ରତି ତା ହୃଦୟରେ କେବେବେଳେ ହେଲେ ଲେଶମାତ୍ର ଦୟା, ଅନୁକମ୍ପା ଆସେ ନାହିଁ ।

---

—ଚଉଦ—

ଅନେକ ସମୟରେ ବନ୍ଦୀଶାଳାର ତୃତୀୟ ଶାହାଲି ପଥ ବାଟେ ଫୁଲକୁ ଯିବା ଆସିବା କରିବାକୁ ପଡ଼େ । ଗଲାବେଳେ ସେ

ଦେଖେ, ବାଡ଼ ସେ ପଟେ ଥାଇ ବନ୍ଦୀ କେତେକେ ତାକୁ ଦେଖି ହସନ୍ତି; କିଏ କିଏ ଅତି ହୀନଭାବରେ ପରିହାସ ମଧ୍ୟ କରନ୍ତି । ଫୁଲ ଏ ସବୁ କଥାରେ କଷ୍ଟ ହେଲେ ପ୍ରତିବାଦ ନ କରି ନୀରବରେ ମୁଣ୍ଡ ପୋତି ଚାଲିଯାଏ । ମନେ ମନେ ଭାବେ—ସତେ ଅବା ଦୁଃଶାସନଗୁଡ଼ାକ ଦ୍ରୌପଦୀକୁ ଅପମାନ ଦେଉଛନ୍ତି ! ଏ କଥା ବିଚାରି ତାରି ଚମ ଭିତରେ ଫୋଟକା ହେଲପରି ଲାଗେ । କହେ, "ଏହି ଶଇତାନଗୁଡ଼ାକ ନରକ ଛଡ଼ା ଆଉ କେଉଁଠି ସ୍ଥାନ ପାଇବେ ?"

କେତେଦିନ ପରେ ଦେଖାଗଲା, କଏଦୀମାନେ କେବଳ ବସି ବସି ଖାଇବାରେ ଦିନକୁ ଦିନ ଖର୍ଚ୍ଚ ବଢ଼ୁଛି । ତେଣୁ କାହାରି ଆଦେଶରେ ପାଳି କରି ସେମାନଙ୍କୁ ପାଇଁ ପନ୍ଥା ଯୋଗାଇ ଦିଆଗଲା । ଖରା ବର୍ଷା କାକରକୁ ମୁଣ୍ଡ ଦେଖାଇ ସେମାନେ ବାହାରି ପଡ଼ିଆରେ ଯାଇ କାମ କରିବାରେ ଲାଗିଲେ । ଫୁଲ ପ୍ରଥମ ଦିନ ଏ କଥା ଦେଖି ଖୁବ ହସିଲା । ଭାବିଲା—ଠିକ୍ ହୋଇଛି, ଠିକ୍ ହୋଇଛି । ଏ ପାମରଗୁଡ଼ାକୁ ଖଲାସ ନ କରି ଏପରି ଖଟେଇ ଖଟେଇ ମାରିବା ଭଲ । ଯଉ ପଡ଼ିଆରେ ଯେତେ ରକ୍ତ ଏମାନେ ବୁହାଇଛନ୍ତି, ଏହି ଖରାବର୍ଷା କାକରରେ ଏଠି ଏଣିକି ପ୍ରାୟଶ୍ଚିତ୍ତ କରିବେ । କି ସୁନ୍ଦର ବ୍ୟବସ୍ଥା ! ଏ ମନୁଷ୍ୟନାମଧାରୀ ଜନ୍ତୁଗୁଡ଼ାଙ୍କୁ ଆଉ ଏଣିକି ମନୁଷ୍ୟ ହେବାକୁ ସୁବିଧା ଦିଆଯିବା ଉଚିତ ନୁହେଁ । ଦେଶର ଲକ୍ଷ ଲକ୍ଷ ପଶୁ ଜନ୍ତୁଙ୍କ ପରି ଏମାନଙ୍କୁ ବୁହାଇ ବୁହାଇ ଶେଷ କରିବାକୁ ହେବ—ସାରା ଜୀବନର ସମାଧି ଏହି ପଡ଼ିଆ ଭିତରେହିଁ ହେବ ! !

ଶୀତ ଋତୁ ଆସିଲା, ଫସଲ ପାଚିଲା; ମାତ୍ର ଫସଲ ଅମଳ କରିବ କିଏ ? ବନ୍ଦୀଶାଳା ଏବେ ଖାଲି । ଯେତେ ଯିଏ ବାଲକ

ଯୁବା ଥିଲେ ସମସ୍ତେ ଯାଇ କାଏ କେଉଁଠି ଯୁଦ୍ଧରେ ଲଗିଛନ୍ତି । ତେଣୁ ବରପଡ଼ିଆର ପାଖଆଖ ଫସଲ ବିଲମାନଙ୍କରେ ବ୍ୟବସ୍ଥା ହେଲା ଯେ, ଏହି ମରହଟ୍ଟା ବନ୍ଦୀମାନଙ୍କ କାମରେ ଲଗାଇ ସବୁ ଆଦାୟ କରାଯିବ ।

ଏହିପରି କିଛିଦିନ ବ୍ୟବସ୍ଥା ହେବା ଫଳରେ ମହା ଗଣ୍ଡ-ଗୋଳ ସୃଷ୍ଟି ହେଲା । ବନ୍ଦୀ ଥିବା ସାପଗୁଡ଼ାକ ପୁଣି ବିଷ କାଢ଼ିବାରେ ଲାଗିଲେ । କେତେ ବିପଥଗାମିନୀ କୃଷକ ବାଳିକା ସେମାନଙ୍କ ପ୍ରଲୋଭନରେ ପଡ଼ି ସମାଜରେ କଳଙ୍କ-କାଳିମା ବୋଳିଲେ । ଗାଁ ଗାଁରେ ନାନା ଅଶାନ୍ତି ମଧ୍ୟ ସୃଷ୍ଟି ହେଲା । ତେଣୁ ଏ ପ୍ରକାର ବ୍ୟବସ୍ଥା କିଛିଦିନ ପାଇଁ ବନ୍ଦ କରାଗଲା ।

ଏ କଥା ଶୁଣି ଫୁଲର କ୍ରୋଧର ସୀମା ରହିଲା ନାହିଁ । ସେ କହିଲା, ଖାଲି ମରହଟ୍ଟା ଜାତିରେ ସାପ ନାହାନ୍ତି, ଆମର ଜାତିରେ ମଧ୍ୟ ଅଛନ୍ତି । ବାପଭାଇ ଯାଇ ଦୂରରେ ଯୁଦ୍ଧରେ ପ୍ରାଣ ଦେଉ-ଥିବା ବେଳେ ଏହା ବନ୍ଦୀଗୁଡ଼ାଙ୍କୁ ପ୍ରେମ କରିବାର କ'ଣ ଏଇ ବେଳ ? ଛିଃ, ଏପରି ତରୁଣୀସବୁ ପୃଥିବୀରୁ ଲୋପ ହୋଇଗଲେ କ୍ଷତି କଣ ? ପ୍ରେମ କରିବାର ବେଳ ଅଛି ଅଲଗା । ମୋର ଅଧିକାର ଥିଲେ ଏହିଗୁଡ଼ାଙ୍କୁ ମୁଁ କଠୋର ଦଣ୍ଡ ନ ଦେଇ ଛାଡନ୍ତି ନାହିଁ ।

ଏହି ଦିନଠାରୁ ଫୁଲ ମରହଟ୍ଟାଙ୍କ ମୁହଁ ସୁଦ୍ଧା ଚାହିଁଲା ନାହିଁ । ସେମାନଙ୍କ ନାଁ ଶୁଣି କାନରେ ହାତ ଦେଲା । କେବଳ ବୁଢ଼ା ବାପାଙ୍କ ମୁହଁକୁ ଚାହିଁ ସେହି ଶାସ୍ତ୍ରୀଗହଳରେ ନିଜ ପିଣ୍ଡରେ ପ୍ରାଣ ଧରି ରହିଲା ମାତ୍ର ! ନ ହେଲେ ସେଠି ରହିବାକୁ ତାର ତିଳେ ହେଲେ ଇଚ୍ଛା ବଳୁ ନ ଥିଲା ।

ଦିନେ ଫୁଲ ଖୁବ୍ ବଡ଼ି ସକାଳେ କଏଦୀ ଶାହାଳମାନଙ୍କରେ ଦୁଧ ଦେବା ପାଇଁ ଦୁଧ ମାପୁଥିଲା ଭିନ୍ନ ଭିନ୍ନ ଶାହାଳମାନଙ୍କୁ

ଦୁଧ ଦେବାପାଇଁ ଭିନ୍ନ ଭିନ୍ନ ମାଠିଆ ରଖାଯାଇଥାଏ । ସବୁ ଶାହାଲର ଆଗରୁ ନିର୍ଦ୍ଦିଷ୍ଟ ଥିବା ଲୋକେ ଆସି ସେଦିନ ସେଠା ଦୁଧ ମାଠିଆମାନ ଉଠାଇ ନେଇଗଲେ; ମାତ୍ର ତୃତୀୟ ଶାହାଲର ଦୁଧତକ ନେବା ପାଇଁ କାଏ ହେଲେ ଆସିଲେ ନାହିଁ । ଅନେକ ସମୟ ଯାଏଁ ଅପେକ୍ଷା କରି ଫୁଲ ଠିଆ ହୋଇ ରହିଲା ।

ଲୋକେ ଦୁଧ ନେବାପାଇଁ ଆସିଲାବେଳେ ପ୍ରାୟ ସମସ୍ତେ ଫୁଲ ସହିତ କଥାବାର୍ତ୍ତା ହେବାକୁ ଇଚ୍ଛା କରନ୍ତି । ତାଠାରୁ କଥା ଶୁଣିବା ଆଶାରେ କାଏ କେତେ ପ୍ରକାର ପ୍ରଶ୍ନ ପଚାରନ୍ତି । ମାତ୍ର ଫୁଲ କାହାକୁ କିଛି ହେଲେ ଉତ୍ତର ଦିଏ ନାହିଁ । କାଏ କଣ ପଚାରିଲେ ହାତରେ ଠାରି କରି ଜିନିଷଟା ଉଠାଇ ନେବାକୁ ବତାଇ ଦିଏ । ମରହଟ୍ଟାମାନଙ୍କ ପ୍ରତି ତାର ଏହିପରି ଘୃଣା !

ତୃତୀୟ ଶାହାଲର ଦୁଧ ମାଠିଆକୁ ନେବାପାଇଁ ଯେଉଁ ଲୋଗା ଯୁବକଟି ନିଯୁକ୍ତ ଥାଏ, ସମସ୍ତେ ଆସି ଫେରିଲାପରେ ସେ ଆସି ପହଞ୍ଚେ । ଫୁଲ ସେଦିନ କିଛି ସମୟ କେବଳ ତାକୁ ଅପେକ୍ଷା କରି ମୁହଁ ବୁଲେଇ ଗୁହାଳ ଆଡ଼କୁ ଚାଲିଗଲା ବେଳକୁ ପଛରୁ ଜଣେ କାଏ କହିଲା —

“ଏ କଣ ମୁଁ ନେବା ପାଇଁ ଥୁଆ ହୋଇଛି !”

ଫୁଲ ଚମକି ପଡ଼ିଲା । ଏହି ସ୍ୱରରେ ସେ କିଛି ଗୋଟାଏ ନୂତନତ୍ୱ ଅନୁଭବ କଲା ପରି ଜାଣି ପାରିଲା । ଏ ସ୍ୱରଟା ଅନ୍ୟାନ୍ୟ କଏଦୀଙ୍କ ସ୍ୱର ପରି ତା କାନକୁ କଠୋର କର୍କଶ ନ ଲାଗି ବେଶ ମଧୁର କୋମଳ ଜଣା ପଡ଼ିଲା । ତାର ଅନ୍ତରର କେଉଁ କୋମଳ ତନ୍ତ୍ରୀରେ ଯାଇ ଏହି କୋମଳ ସ୍ୱରଟି ପ୍ରତିଧ୍ୱନିତ ହୋଇ ଉଠିଲା । ମୁହୂର୍ତ୍ତେ କାଳ ସେ ତାର ସ୍ୱରକୁ ଭାଇ ଅଭିମନ୍ୟୁର ସ୍ୱର ବୋଲି ଜ୍ଞାନ କରି ସ୍ଥିର ହୋଇ ରହିଗଲା ।

ବୁଲ୍ ଚାହିଁଲା—ଜଣେ ତରୁଣ ଅପରିଚିତ ଯୁବକ, ବନ୍ଦୀଶାଳାର ଜଣେ ମରହଟ୍ଟା କଏଦୀ ! !

ଏହି ବନ୍ଦୀ ଯୁବକଙ୍କୁ ସେ କେବେ ହେଲେ ସେଠାରେ ଦେଖି ନ ଥିଲା । ବୟସ ବାଇଶି ତେଇଶି, ସଳଖ ସୁନ୍ଦର କୃଶ ତନୁ ତାଙ୍କର ! ମୁଖର ଗଠନଟି ବେଶ୍ ସୁନ୍ଦର । କେଶଗୁଚ୍ଛର ଶୋଭା ଅତି ଚମତ୍କାର ! ପ୍ରଥମ ପଲକ ପାତରେ ଫୁଲ୍‌କୁ ଜଣା ପଡ଼ିଲା, ସେହି ମୁଖମଣ୍ଡଳରେ ଯୁବକ ପ୍ରାଣର ସ୍ୱଭାବ ସୁନ୍ଦର ଉଦାର ସରଳ କମନୀୟ କାନ୍ତି ପ୍ରତିବିମ୍ବିତ ହୋଇ ଉଠିଛି । ତାର ସନ୍ଦେହ ହେଲା—ତେବେ ଏ କଣ ଜଣେ ମରହଟ୍ଟା ଯୁବକ ! ଏ କଣ ବନ୍ଦୀ ! ଏ କଣ ନର-ରକ୍ତ ଶୋଷଣ ପାଇଁ ହାତରେ ଖଣ୍ଡା ଧରିଥିବା ବେଳେ ବନ୍ଦୀ ହୋଇଛି······!!

କିଛି ସମୟ ନୀରବ ରହି ଫୁଲ ପଚାରିଲା—"କିଏ ସେ ତୁମେ ?"

ଏ ପ୍ରଶ୍ନରେ ଯୁବକ ଉତ୍ତର ଦେଲେ ଯେ, ଯେଉଁ ଯୁବକଟି ପ୍ରତିଦିନ ସେଠାକୁ ଦୁଧ ଦେବାକୁ ଆସନ୍ତି, ସେ ସକାଳୁ ରକ୍ତ ବାନ୍ତି କରି ପଡ଼ିଥିବାରୁ ତାଙ୍କ କାର୍ଯ୍ୟ କରିବା ପାଇଁ ସେ ଆସିଛନ୍ତି ।

ଫୁଲ୍ ବିସ୍ମୟପୂରିତ ଚାହାଣିରେ ଚାହିଁ ରହି ପଚାରିଲା—

"ନାଁ ତୁମର ?"

"ଦେବନାଥ ।"

"ଦେବନାଥ କଣ ?"

"ଦେବନାଥ ବାଲାଜି ଗୁପ୍ତ ।"

"ତୁମେ କଣ ଏହି ତୃତୀୟ ଶାହାଲ ବନ୍ଦୀଘରେ ଥାଅ ?"

"ହଁ, ଥାଏ ।"

ଏହା ପରେ ଫୁଲ୍ କିଛି ସମୟ ନିବିଷ୍ଟ ଭାବରେ ତା ଆଡ଼କୁ ଚାହିଁରହି ତାପରେ କହିଲା—

"ହଁ, ତୁମେ ନେବାପାଇଁ ଏହା ଦୂଧତଙ୍କ ଥୁଆ ହୋଇଛି ।"

ଯୁବକ ପୁଣି ଥରେ ଫୁଲର ମହଁକୁ ଚାହିଁ ଦେଇ, କିଛି ନ କହି ମାଟିଆଟି ଉଠାଇ ଚାଲିଗଲା

ଏଣେ ଫୁଲ ଏକାପରି ସେହି ସ୍ଥାନରେ ଠିଆ ହୋଇ କଣ ଭାବୁଥିଲା । ତାକୁ ସେ ପୁଣି କଣ ପଚାରିବ ବୋଲି ଇଚ୍ଛା କଲା; ମାତ୍ର ପାରିଲା ନାହିଁ । ଯୁବକ ମାଟିଆଟି କାନ୍ଧେଇ ଯେତେବେଳେ ଘରକୁ ଚାଲିଗଲା, ଫୁଲ ଦୁଆର ମୂହରେ ଭୁଲି ତାକୁ ଚାହିଁ ରହିଲା । ପରେ ପଞ୍ଜୁରି ବାଟେ କ୍ଷଣେ ମୁଣ୍ଡ ନୁଆଇଁ ଦେଖିଲା, ସେ ମୂର୍ତ୍ତି କୁଆଡ଼େ ଅଦୃଶ୍ୟ ହୋଇ ଯାଇଛି !

ସେ ଦିନଟାଯାକ ଫୁଲର ମୁଖମଣ୍ଡଳ ବଡ଼ ଗମ୍ଭୀର । ସେ କାହାକୁ ପଦେ ହେଲେ କଥା କହିଲା ନାହିଁ । ଗୋଟାଏ କଥା ଭାବି ଆଉ ଏକ କଥାରେ ଲାଗି ରହିଲା ପରି କାର୍ଯ୍ୟ କରିଗଲା । ରାତିରେ ଯେତେବେଳେ ବାପା ଶୋଇବା ପୂର୍ବରୁ ତାକୁ ଭାଗବତ ଅଧ୍ୟାଏ ପଢ଼ିବାକୁ ଡାକିଲେ, କହିଲା—

"ନାହିଁ ବାପା, ଆଜି ପଢି ପାରିବି ନାହିଁ । ମୋ ମଣ୍ଡଟା ଆଜି କମିତି ଖରାପ ଲାଗୁଛି ।"

ତାପରେ ସେ ଶୋଇବା ଘରକୁ ଯାଇ ଖଟଟା ଉପରେ ବସିପଡ଼ିଲା । ଝରକାଟି ମେଲେଇ ଦେଇ ଦେଖିଲା, ବନ୍ଦୀଶାଳାର ଶିଖର ଦେଶ କୁହେଳି ଆଚ୍ଛନ୍ନ ହୋଇ ରହିଛି । ବେଳେ ବେଳେ ସେ ଭିତରୁ କ୍ଷୀଣ ଶବ୍ଦ ଉଠୁଛି ପହରାବାଲା କେତେବେଳେ ଚିତ୍କାର ଛାଡ଼ୁଛି । ତା ହୃଦୟଟା ଠିକ୍ ଏହିପରି—କୁହେଳିକାଚ୍ଛନ୍ନ, କେତେବେଳେ ବେଦନା-ବିଦ୍ଧ, କେତେବେଳେ ବା ଚିତ୍କାର, ଦୀର୍ଘ ଶ୍ୱାସରେ ଥରହର !!

ନିଜ ଭିତରେ ଏସବୁ କଥା ଦେଖି ଫୁଲ ବେଳେ ବେଳେ ଆଶ୍ଚର୍ଯ୍ୟ ହେଲା । ଶୁଣ ପାହିଲା; ମାତ୍ର ତା ଆଖିକୁ ନିଦ ଆସିଲା ନାହିଁ ।

—ପନ୍ଦର—

ଫୁଲର ଉଦ୍‌ଗତ-ଯୌବନ ହୃଦୟରେ ଏହି ଯେଉଁ ଶଙ୍କା ଆସି ପହଞ୍ଚିଲା, ସେଥିରୁ ନିଜକୁ ନିରାପଦରେ ରଖିବାପାଇଁ ସେ ଦିନରାତି ଯେତେ ସମୟ ପାରେ, ବାପାଙ୍କ ପାଖେ ପାଖେ ରହି କଟାଇବାକୁ ଲାଗିଲା । ସବୁବେଳେ ଭୟ ହେଲା, ଶଙ୍କା କାଲେ ତାର ପ୍ରାଣମନ ସବୁ ଏକାବେଳକେ ଅଧିକାର କରି ତାକୁ ଉପହାସରେ ଭସାଇଦେବ !

ଏଣେ ଏ ମଧ୍ୟରେ ସୁଜନ ଶନ୍ତଶାଲ ଘୋର ମରହଟ୍ଟା ବିଦ୍ୱେଷୀ ହୋଇ ଉଠିଲେ । ଅଭିମନ୍ୟୁର ମୃତ୍ୟୁବାର୍ତ୍ତା ତାଙ୍କୁ ଏପରି ଅବସ୍ଥାରେ ଆଣି ପହଞ୍ଚାଇଲା । ଦୁର୍ବୃତ୍ତ ମରହଟ୍ଟାଗଣ ପର ଦେଶ ଆକ୍ରମଣ କରି, ପର ସମ୍ପଦ ଲୁଟି କରି ତାଙ୍କର କୋଳର ସନ୍ତାନକୁ ହତ୍ୟା କରିଛନ୍ତି, ସେ କି ଆଉ ସେମାନଙ୍କୁ ଭଲେ ହେଲେ କ୍ଷମା ଦେଇ ପାରନ୍ତି ? ବହୁ ବର୍ଷର ପ୍ରାଚୀନ ପ୍ରାଣ ତାଙ୍କର କେବଳ ହାହାକାର କରି କାନ୍ଦିଲା !

ଦିନେ ବୁଢ଼ା ଶନ୍ତଶାଲ ପୁତ୍ରଶୋକରେ ଅତି ଅଧୀର ହୋଇ କହିଲେ—ସେ ଜାତିର ଧ୍ୱଂସ ହେଉ । ସେହି ଦୁର୍ବୃତ୍ତ ଜାତିର ମନକାମନା ପୂର୍ଣ୍ଣ ନ ହେଉ । ପ୍ରଭୋ, ସେମାନଙ୍କ ଉପରେ ଅକା-ଳରେ ତୁମର ବଜ୍ର ପଡ଼ୁ ! ଜଳସ୍ଥଳ ପବନରେ ସେମାନଙ୍କୁ ଆଶ୍ରୟ

ନ ମିଳୁ । ଧ୍ୱଂସ କର ପ୍ରଭୁ, ସେମାନଙ୍କୁ ଧ୍ୱଂସ କର । ପାପକୁ ପ୍ରଶ୍ରୟ ଦେବା ପାଇଁ ସେମାନେ ଆଉ ଶିର ନ ଟେକନ୍ତୁ !”

ବାପା ଏ ଅଭିଶାପ ବାଣୀ ଉଚ୍ଚାରଣ କଲାବେଳେ ଫୁଲ ଆରଘରେ ଥିଲା । ଏହା ଶୁଣି ସେ ଚମକି ପଡ଼ିଲା । ତା ହୃଦୟର ଯଉ କଥା ସେ ପାସୋରି ଦେଇ ଯେତେ ପାରେ ମରିହଠା ଜାଣ ପ୍ରତି ନାଗର ଘୃଣା, ନାଗର ବିଦ୍ୱେଷ ବିଷ ହୃଦୟ ଭିତରେ ପଶି ଉଚ୍ଛୁଳାଇ ଦେଲା ।

ଏହି ଘଟଣା ପରେ ଦେବନାଥ ସହିତ ଫୁଲର ଯେତେବେଳେ ଦେଖା ହୁଏ, ଫୁଲ ତା ଆଡ଼କୁ ଆଉ ଚାହେଁ ନାହିଁ । ଦେବନାଥ କଥା କହିବାକୁ ଚେଷ୍ଟା କଲେ ସେ ତାହା ନ ଶୁଣିଲା ପରି ଆଡ଼େଇ ହୋଇଯାଏ । କେବେ କେବେ ବା ଥରେ ଅଧେ ଆଖି କୋଣରେ ଚାହିଁ ଦେଇ ପୁଣି ମୁହଁ ବୁଲେଇଦିଏ । ସେତେବେଳେ ତା ହୃଦୟ ଭିତରେ ଟିକିଏ ଦୁର୍ବଳତା ଦେଖା ଦିଏ ।

ମାତ୍ର ଦିନେ ସକାଳେ ଫୁଲକୁ ଦେବନାଥ କଥା କହିବାକୁ ବାଧ୍ୟ ହେଲା । ଦେବନାଥ ପ୍ରଥମେ ତାକୁ କହିଲା—

“ଶିବଶଙ୍କର ଆଉ ନାହିଁ ।”

ଫୁଲ ଟିକିଏ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ‘ ଶିବଶଙ୍କର ? ସେ କିଏ ସେ ?”

“ଆଗେ ଯେଉଁ ଲୋକଟି ଏଠାକୁ ଦୁଧ ପାଇଁ ଆସୁଥିଲା, ସେହି ହେଉଛି ଶିବଶଙ୍କର ।”

‘ସେହି ଯେଉଁ ଲୋକଟି କାଶି କାଶି ଚଲେ ଲୋଟି ଯାଉଥିଲା ?’

“ହଁ, ସେଇ, ସେଇ । କାଲି ସନ୍ଧ ପହରକୁ ସେ ମରି-ଯାଇଛି । ତାକୁ ନେଇ ଏଇ ପଡ଼ିଆ ଶେଷରେ ଏକ ବଡ଼ ଶାଳଗଛ ମୂଳେ ପୋଡ଼ି ଦିଆଗଲା । ମରିବାକୁ ତାର ବୟସ ହୋଇ

ନ ଥିଲା । ମୋଟେ ବାଇଶି ବର୍ଷ; ଠୋକାଠା କଣ୍ଠରେ ଚଲେ । ତା ମା ଆର ସେ ଗୋଟିଏ ବୋଲି ପୁଅ । ମାଆ ପୁଣି ତାର ବିଧବା । ଏ ଖବର ପାଇଲେ ଆଉ ସେ ବିଧବା ମାଆ ପ୍ରାଣ ଧରି ରହିଲା ପରି ଦିଶୁ ନାହିଁ । ଆମରି ଗାଁ ପାଖେ ତାରି ଘର । କୌଣସି ଲିରିଆ ଜାତିର ଲୋକ ହାତେ ମତେ ଏ ଖବର ତା ମାଆ ପାଖକୁ ଦେବାକୁ ପଡ଼ିବ !”

ଏ କଥା ଶୁଣିଲା ବେଳେ ଫୁଲର କଣ୍ଠକୁ ଯେପରି କିଏ ଚିପି ଧଇଲା ! ଆଖି ଦୁଇଟା ତାର ଓଦା ହୋଇ ଆସିଲା । ପରି ମୁହୂର୍ତ୍ତରେ ବଡ଼ କଷ୍ଟରେ ସେ ହୃଦୟର ଭାବକୁ ଜବତ କରି ନ ଜାଣିଲା ପରି ଆଖିକୁ ପୋଛି ପକାଇ କହିଲା—“ହଁ, ବୁଝିଲି ସବୁ କଥା । ଏହିପରି ତ କେତେ ମାଆ ଏ ଦେଶରେ ଏବେ ଅଛନ୍ତି । କେତେ ମାଆ ତ ଏପରି ପୁଅକୁ ହରାଇ ଦିନରାତି ଲୁହ ଢାଳୁଛନ୍ତି ! ଯେଉଁ ଦେଶର ଲୋକେ ଏତେ ଯୁଦ୍ଧ କରି ଏତେ ଅମଙ୍ଗଳ ଘଟାଉଛନ୍ତି, ସେମାନଙ୍କ ଦେଶର ଲୋକେ କଣ ଏପରି ଦୁର୍ଦ୍ଦଶା ଭୋଗିବା କଥା ନୁହେଁ ? ଏଥିରେ ଦୁଃଖ କଲେ କଣ ହେବ ?”

ଏ ଜବାବ ଶୁଣି ଦେବନାଥ ପଦେ ହେଲେ ଉତ୍ତର ଦେଲା ନାହିଁ । ମୁଣ୍ଡ ପୋତି ନୀରବରେ ଚାଲିଗଲା । ସେ ଚାଲିଯିବା ପଛେ ପଛେ ପରି ମୁହୂର୍ତ୍ତରେ ଫୁଲ କେଜାଣି କାହିଁକି ମୁହଁ ବୁଲେଇ ତା ଆଡ଼କୁ ଚାହିଁ ରହିଲା । ମନେକଲା, ସତେ କଣ ସେ କାହାର କୋମଳ ପ୍ରାଣରେ ଦାରୁଣ ଆଘାତ କଲା କି ? ଠିକ୍ ସେହି ମୁହୂର୍ତ୍ତରେ ଦେବନାଥ ପଛକୁ ମୁହଁ ବୁଲେଇ କାହାକୁ ଚାହିଁବାକୁ ଚେଷ୍ଟା କରୁଥିଲା । ସେ ଭାବୁଥିଲା, ଫୁଲ ଏତେ ନିଷ୍ଠୁର ଭାବରେ କଥା କାହିଁକି କହିଲା ?

ଫୁଲ୍ ପଛକୁ ଚାହିଁ ଦେଇ ମନକୁ ମନ ଚମକି ପଡ଼ିଲା । ମନେ ମନେ ଅତର୍କିତରେ କେତେ ଭୁଲ୍ ସେ ନ କଲା ! ଅନୁତପ୍ତ ପାପୀ ପ୍ରଭୁଙ୍କ ସିଂହଦ୍ୱାରରେ ଛିଡ଼ା ହୋଇ ନୀଳଚକ୍ରକୁ ଚାହିଁ ପ୍ରାର୍ଥନା କଲା ପରି ହାତ ଯୋଡ଼ି ଅନନ୍ତ ଆକାଶକୁ ଚାହିଁ ଫୁଲ କହିଲା—"ପ୍ରଭୁ ହେ, ମତେ କ୍ଷମା ଦିଅ; କ୍ଷମା ଦିଅ । ମୁଁ ଜାଣି କରି ଏ ଭୁଲ୍ କରି ନାହିଁ ।" ତାକୁ ଜଣା ପଡ଼ିଲା, ଦେବନାଥକୁ ପଛରେ ଏପରି ଭୁଲ୍ କରି ଚାହିଁବା ଦ୍ୱାରା ସତେ ଯେପରି ସେ ନରକ ଦିଗକୁ ଗତି କରିଛି; ନିଜର ନିଜେ ଧ୍ୱଂସ ସାଧନ କରିଛି ଏବଂ ନିଜକୁ ନିଜେ ଘୃଣିତା ଲାଞ୍ଛିତା କରି ପକାଇଛି !!

## —ଷୋହଳ—

ଫୁଲ୍ ପ୍ରତିଦିନ ଦୁଧ ଦୁହିଁସାରି ପ୍ରତି ଗାହାଲି ପାଇଁ ବାଣ୍ଟି ଦେଇଥାଏ । ବାଣ୍ଟି ସାରି ଠିଆ ହେଲାବେଳେ ଗୋଟିଏ କଥା ତାର ମନରୁ ପାସୋରି ଯାଏ ନାହିଁ । କଥାଟି ହେଉଛି ଶିବଶଙ୍କରର ମୃତ୍ୟୁ ଖବର । ସେ କଥା ମନେ ପଡ଼ିଲେ ତା ଦେହ ଥରି ଉଠେ । କେତେ ତ ସେ ମୃତ୍ୟୁ ଖବର ଶୁଣିଛି, ନିଜ ଭାଇର ମୃତ୍ୟୁ ଖବର ପାଇଛି; କିନ୍ତୁ ଦେବନାଥଠାରୁ ଶିବଶଙ୍କରର ମୃତ୍ୟୁ ଖବର ପାଇଲା ମୁହୂର୍ତ୍ତରୁ ତା ମନଟା କାପରି ଛଟପଟ ହେବାକୁ ଲାଗିଲା । ତାକୁ ସେ ସେହି ଭେଗା ଅବସ୍ଥାରେ ଆଉ ଥରେ ଦେଖି ପାରନ୍ତା କି ! ·····ବିଧବା ମାଆ, ଗୋଟିଏ ବୋଲି ପୁଅ; ସେ ପୁଣି ତାରି କୋଳରୁ ସଙ୍ଗାଳି; ଅନ୍ଧାରି ଲଉଡ଼ି !! ଆହା, ମାଆ ହୋଇ ସେ କେତେ କାନ୍ଦୁ ନ ଥିବ ? ପ୍ରତିଦିନ କାମ କଲାବେଳେ ଫୁଲ୍ ମନରେ ଏହି ଚିନ୍ତା ବରାବର ଆସି ଖେଳିଯାଏ ।

ଗୋଟାଏ ଗଭୀର ଦୁଃଖର ପରଦା ତା ବଦନମଣ୍ଡଳକୁ ଘୋଡ଼ାଇ ପକାଏ । କେବେ କେବେ ସେ ଦୁଇ ଧାର ଠୋପା ଲୁହ ଗଡ଼ାଇ-ଦିଏ ମଧ୍ୟ !

ଦିନେ ଫୁଲ ମନରେ କାହିଁକି ସେ କଥାଟା ବେଶି ବାଡିଲା । ସେହି ଦୁଃଖପୂର୍ଣ୍ଣ ରୋଗା ମୁହଁଟା ତାର ଘନଘନ ମନେ ପଡ଼ିଲା । ଘରେ, ବାହାରେ, ଆପଣାର ହୃଦୟ ଭିତରେ ସେ ଛବିଟା ସେ ଦେଖିବାକୁ ପାଇଲା । କରିବ କଣ ? ସେ କି ଭୂତରୂପେ ଆସି ତାକୁ ଆକ୍ରମଣ କଲା ? ତାର ଆଖି ଆଗରେ ସେ ଦୁଧ ମାଠିଆ ଧରି ଚାଲିଗଲା; ତାର ଆଗରେ ସେ ନୀରବରେ ଠିଆ ହୋଇ କଣ କହିବାକୁ ଚେଷ୍ଟା କଲା । ଫୁଲ ଭାବିଲା—"ନା, ତାକୁ ସିନା ଦେଖି ପାରିବ ନାହିଁ, ଯେଉଁଠି ତାର ପାଉଁଶ ମୁଠାକ ଥିବ ସେଠିକି ତ ଯାଇ ପାରିବ ! ତାର ଜନନୀ ନାହିଁ ଯେ ତାପାଇଁ କାନ୍ଦିବ । ହୁଏ ତ ତା ମାଆ ଏ ଖବର ପାଉ ପାଉ ବରଷେ ଛ ମାସ ହେବ । କିଏ କହିବ, ସେ ପୁଅର ମୃତ୍ୟୁ ଖବର ପାଇବା ପୂର୍ବରୁ ତାର ମୃତ୍ୟୁ ଖବର ପୁଅ ଉଦ୍ଦେଶ୍ୟରେ କୁଆଡ଼େ ପଠା-ଯାଇ ନ ଥିବ ବୋଲି !

ନାଜର କାମପକ୍ଷ ସାରି ସେ ଦିନେ ବାହାର ପାଚୀରି ପାରି ହୋଇ ଆର ପାଖକୁ ଗଲା । ସେହି ନାକଠରେ ଚଉଦ ବର୍ଷ ତଳେ ଏକ ଶାଳଗଛ ମୂଳେ ତାର ସ୍ନେହମୟୀ ଜନନୀଙ୍କର ଶେଷ ଚିତା ଜଳିଥିଲା । ତାହାର ତଳେ ଏତେ ଦିନ ପରେ ପୁଣି ଥରେ ଚିତାଗ୍ନି ଜଳି ଉଠିଲା । ସେ ଦେଖିଲା, କେଉଁ ଦୂରଗତ ଅଞ୍ଚଳ ପରି ଆସି ଶିବଶଙ୍କର ସେଠାରେ ଆସନ ମାଡ଼ି ବସିଛି ! ସେ ତ ଆଉ ନାହିଁ; ଅଛି କେବଳ ତାର ଖଣ୍ଡ ଖଣ୍ଡ ଅସ୍ଥି, ଆଉ ଗଦାଏ ପାଉଁଶ ! ସେହି ନର୍ଜନ ଛାୟାଚ୍ଛନ୍ନମୟ ଶଶାନ

ଭୂମି ତାକୁ ବଡ଼ ଅଭୂତ ବୋଧହେଲା । କେତେ ନୂଆ ନୂଆ ଭାବ ତା ମନ ବଚନ ଅଧିକାର କରି ବସିଲା । ବିଚାରିଲା—ମଣିଷ-ଗୁଡ଼ାକ ସତେ କେଡ଼େ ମୂର୍ଖ ! ଯୁଦ୍ଧ କରୁଛନ୍ତି, ରାଜ୍ୟ ଜିଣିବାକୁ ଆସିଛନ୍ତି, ଭାଇର ରକ୍ତ ଢ଼ାଳୁଛନ୍ତି······;କିନ୍ତୁ ଶେଷକୁ ତ ଏହି ଅବସ୍ଥା ! ଏହି ତ ପୁଣି ଘରୁ ଯୁଦ୍ଧକୁ ଆସିଥିଲା ! ! କେତେ ଯୁଦ୍ଧ କରିଥିବ, କେତେ କାହାକୁ ମାରିଥିବ, କେତେ କାହାର ରକ୍ତ ଢାଳିଥିବ, କେତେ ଜନନୀଙ୍କି କନ୍ଦାଇଥିବ; କିନ୍ତୁ ଶେଷରେ ହେଲା କଣ ? ସେ ଗର୍ବ ଗଲା, ସେ ବାହୁର ବଳ ଗଲା; ସେ ରକ୍ତ-ପିପାସା ଗଲା, ହେଲା ଶେଷକୁ ପାଉଁଶ ମୂଠାଏ !······ତାହା ପୁଣି ଏକମାତ୍ର ସ୍ନେହମୟୀ ଜନନୀଙ୍କ ଠାରୁ ଶହ ଶହ କୋଶ ଦୂରରେ!

ଏହିପରି ନାନା ଚିନ୍ତାରେ ଘାରିହୋଇ ସେଠାରୁ ସେ ଫେରି ଆସୁଛି, ପଛରେ କାହାର ପଦ ଶବ୍ଦ ଶୁଭିଲା । ବୁଲି ଚାହିଁଲା, ବନ୍ଦୀଶାଳାର ବଡ଼ ହାକିମ ତାକୁ ଲକ୍ଷ୍ୟ କରି ଆସୁଛନ୍ତି । ସେ ସ୍ଥିର ହୋଇ ଠିଆ ହେଲା । ହାକିମ ପଚାରିଲେ—"କୁଆଡ଼େ ଏଠାକୁ ଆସିଥିଲ କି ?"

ଫୁଲ ଟିକିଏ ଲଜ୍ଜିତ ହେଲା ପରି ରହି କହିଲା—"ସେହି ମଶାଣି ପାଖକୁ ଯାଇଥିଲି । ସେହିଠାରେ ମୋ ମାଆ ପୋଡ଼ା ହୋଇଥିଲେ ।"

ଏ କଥା କହି ସାରିବା ପରେ ସେ ଯେ କି ପାପ କରିଛି, ବୁଝି ପାରିଲା । ଜଣକ ନାଁ ସ୍ମରଣ କରି ଆସି ମାଆଙ୍କ ନାଁରେ ସେ କହି ପକାଇଲା—ଏ ଦୁର୍ବଳତା ଘଟିବ ବୋଲି ପୂର୍ବରୁ ସେ କଳ୍ପନା କରି ନ ଥିଲା । ହାକିମ କହିଲେ—"ଆସିଛ, ଭଲ କରିଛ । ମାତ୍ର ଏପରି ସ୍ଥାନକୁ ଆସିବା ଆଗରୁ ବାପାଙ୍କ ଅନୁମତି ନେଇ ଆସୁ-ଥିବ । ଏକୁଟିଆ ଆସିବା ଭଲ ନୁହେଁ । ନିକଟରେ ଏଠାରେ ଆଉ

ଲକ୍ଷେ ଲୋକ ପୋଡ଼ା ହୋଇଥଲେ । ତାଙ୍କର ହାଡ଼ ପାଉଁଶ ଜମା ହୋଇଛି । ତୁମେ ତାହା ଦେଖି ଭୟ କରୁଥାଉ; ବୁଝିଲୁ ମା !"

ଏ ସବୁ କଥା ଭିତରେ ଫୁଲକୁ କାହିଁକି କାନ୍ଦ ଲାଗିଲା, ସେ ନିଜେ ବୁଝି ପାରିଲା ନାହିଁ । ହୃଦୟ ଭିତରର ତତଲା ରକ୍ତ-ଗୁଡ଼ାକୁ କାନ୍ଦି କାନ୍ଦି ଆଖି ବାଟେ ବାହାରକୁ ବାହାର କରି-ଦେବାକୁ ସେ ଇଚ୍ଛା କଲା । ତା ନିଜ ଭିତରେ ଯେଉଁ ଶକ୍ତ୍ରୁ ଯୁଦ୍ଧ ଚାଲିଥିଲା, ସେଥିରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରି ଯେତେବେଳେ ସେ ନ ପାରିଲା, ବାହାରକୁ ବୁଲି ଯାଇଥିଲା । ବାପାଙ୍କ ପାଖେ ବସି ନିଜକୁ ସେ ଆୟତ୍ତ କରି ପାରିଲା ନାହିଁ । ଭଗବାନ ! ଫୁଲ ପାଇଁ ପଥ କାହିଁ ?

ବୃଦ୍ଧ ସୁଜନ ଶତ୍ରୁଶାଲ ଏ ମଧ୍ୟରେ ସୁସ୍ଥ ହୋଇ ଯାଇଛନ୍ତି । କେତେଆଡ଼ୁ କେତେ ଲୋକ ତାଙ୍କୁ ଦେଖିବାକୁ ଆସୁଛନ୍ତି । ଦିନେ ବଜାୟ ଗଡ଼ର କେତେ ଜଣ ବେପାରୀ ଆସି ତାଙ୍କ ସଙ୍ଗେ ଆଳାପ କରୁଥିଲେ । ସେ ମଧ୍ୟରୁ ଜଣେ କହିଲେ ଯେ, ଚାରିଦିନ ତଳେ ଛଅଶହ ବଡ଼ ନାଆରେ ପାଇକ ସେନାମାନେ ମହାନଦୀ ପାରି ହୋଇ ଯାଉଥିଲା ବେଳେ କେତେକ ମରହଟ୍ଟା ସେମାନଙ୍କୁ ବୁଡ଼ାଇ ମାରି ଦେଇଛନ୍ତି । ମୁହୂର୍ତ୍ତକ ମଧ୍ୟରେ ସେଠାରେ ଚାରି ଶହ ଲୋକ ଜଳ-ସମାଧିରେ ଶୋଇ ପଡ଼ିଲେ । ସେମାନଙ୍କର ଆଉ ଠିକଣା ମିଳିଲା ନାହିଁ ।

ଏ ଖବର ଶୁଣିବା ମାତ୍ରେ ବୃଦ୍ଧ ଶତ୍ରୁଶାଲଙ୍କର ଆଉ ଧୈର୍ଯ୍ୟ ରହିଲା ନାହିଁ । ଘୋର ଅଭିଶାପ ଦେଲା ପରି ସେ ପାଟିକରି କହିଲେ—"ଶଇତାନର ସନ୍ତାନଗଣ ଦେଶଟାକୁ ଛାରଖାର କରିଦେଲେ । ସେହି ମୃତ ଆତ୍ମାଙ୍କ କାତର ଚିତ୍କାରରେ ସେ ଜାତିର ହୃତ୍‌ପିଣ୍ଡ ଖଣ୍ଡ ଖଣ୍ଡ ହୋଇଯାଉ । ସେମାନେ ପୃଥିବୀ-ପୃଷ୍ଠରୁ ଶେଷ ହୋଇଯାନ୍ତୁ ।"

ଫୁଲ ପାଖରେ ଥାଇ ବାପାଙ୍କୁ କହୁଥା—"ତୁନି ହୁଅ ବାପା, ତୁନି ହୁଅ । ଏପରି ହେଲେ ଦେହ ଖରାପ ହେବ । ପାପୀକୁ ଶାସ୍ତି ଭଗବାନ ଦେବେ । ତୁମେ ଏପରି ହେଲେ ତାଙ୍କୁ ନ ମାନିଲା ପରି ହେବ ।"

ଫୁଲ ବାପାଙ୍କୁ ଏପରି ଆଶ୍ୱାସନା ଦେଲା ସତ; ମାତ୍ର ନିଜ ପାଇଁ କାହାଠାରୁ ପଦେ ହେଲେ ଆଶ୍ୱାସନା ପାଇଲା ନାହିଁ । ସେ ତାଙ୍କ ହୃଦୟ ଭିତରେ କାହାକୁ ଡାକି ପକାଇଲା—"ସାହା ହୁଅ ପ୍ରଭୁ, ସାହା ହୁଅ । ମୁଁ ଆଉ ସମ୍ଭାଳି ପାରୁ ନାହିଁ ।" ଏ ଭାବନା ଆସିଲା ବେଳେ ଦେବନାଥର ମୁହଁଛବି ଏବଂ ଶିବଶଙ୍କରର ମଟାଣି ହାଡ଼ ତା ଆଖି ଆଗରେ ନାଚିଯାଏ ।

## —ସତର—

ଦିନେ ବନ୍ଦୀଶାଳାର ବଡ଼ ହାକିମ ବୁଢା ଶିବଶଙ୍କରଙ୍କ ପାଖକୁ ଆସି ତାଙ୍କୁ ଏକ ସୁନା ପଦକ ଦେଖାଇ କହିଲେ—"ଏଇଟିକି ଗଜପତି ପଠାଇଛନ୍ତି । ଏ ହେଉଛି ଗୋଟିଏ ଜୟ ଚକ୍ରର ପଦକ । ତୁମର ପୁଅ ଅଂଶୁପା ହ୍ରଦ କୂଳରେ ଅସୀମ ସାହସ ଦେଖାଇ ଯୁଦ୍ଧରେ ପ୍ରାଣ ଦେଇଥିଲେ । ତା ସାହସରେ ତୁଷ୍ଟ ହୋଇ ଗଜପତି ଏ ପଦକ ପଠାଇଅଛନ୍ତି ।"

ବୁଢ଼ା ଆଖିକୁ ଲୁଗା କାନିରେ ପୋଛି କହିଲେ—"ଅନ୍ଧ ତ ଚାଲିଯାଇଛି; ଏହାକୁ ଆଉ ଲଗାଇବ କିଏ ?"

"ହଁ ତା ସତ; ମାତ୍ର ଗଜପତି ତ ପଠାଇଛନ୍ତି । ଫେରାଇ ଦେବା କଣ ଉଚିତ ?"

ଫୁଲ୍ ପାଖରେ ଠିଆ ହୋଇଥିଲା । ଏ କଥା ଶୁଣି କହିଲା— "ନା, ନା; ଫେରେଇବାକୁ ହେବ ନାହିଁ । ଭାଇର ପଦକରେ ମୋର ଅଧିକାର ଅଛି ।"

ବୁଢ଼ା କିଛି କହିଲେ ନାହିଁ ।

ତା ଆର ଦିନ ଫୁଲର ଆନନ୍ଦର ସୀମା ଦେଖେ କିଏ ? ପଦକଟାକୁ ସେ ମାଳା ସଙ୍ଗେ ଗୁନ୍ଥି ଛାତି ଉପରେ ପକାଇଥାଏ । ଦୂଧ ଦେଲାବେଳେ ଯେତେବେଳେ ସେ ଦେବନାଥକୁ ଦେଖିଲା, ତା ମୁହାଁମୁହିଁ ଠିଆ ହୋଇ ପଦକକୁ ଟିକିଏ ଚାହିଁଦେଲା । ଦେବନାଥ ଆଶ୍ଚର୍ଯ୍ୟ ହୋଇ ସେହି ପଦକ ବିଷୟରେ କଣ ପଦେ ପଚାରିବାକୁ ନିଜ ଭାଇର ବୀରତ୍ୱ ବିଷୟରେ ସେ ଗଳ୍ପ ଆରମ୍ଭ କଲା । ଦେବନାଥ ସବୁ ଶୁଣି ଶେଷରେ କହିଲା—

"ବାଃ, ତୁମ ଭାଇ ସତେ କେଡ଼େ ବଡ଼ ବୀର ନୁହନ୍ତି !"

ଫୁଲ୍ ଏଥର ଉତ୍ତର ଦେବାକୁ ଯାଉଥିଲା; ମାତ୍ର ବେଶୀ ସମୟ ମୁହଁକୁ ମୁହଁ ସିଧା ଚାହିଁ ପାରିଲା ନାହିଁ । ଆଖି ପତା ମୁଦି ଆଣି ନୀରବରେ କେବଳ ଠିଆ ହେଲା । ତା ମନର ସକଳ ସାହସ, ସକଳ ଗର୍ବ—ଯାହା କିଛି ମରହଟା ବିରୁଦ୍ଧରେ ତାକୁ ଠିଆ କରାଇଥିଲା, ଜୁଆର ପଛେ ଭଟ୍ଟା ପରି ମୁହୂର୍ତ୍ତକେ କୁଆଡେ ଉଭେଇଗଲା । ଚାହୁଁ ଚାହୁଁ ମୁହୂର୍ତ୍ତକେ ସେ ନିତାନ୍ତ ଅସହାୟା ହୋଇ ପଡ଼ିଲା ।

ପ୍ରତିଦିନ କେତେ ଯୁଦ୍ଧଖବର ଆସେ । ତାହା ସବୁ ଜୟ-ପରାଜୟର ବିଚିତ୍ର ବାର୍ତ୍ତା । ଥରେ ଶମ୍ଭୁଶୀଲଙ୍କର ଜଣେ ବନ୍ଧୁ ତାଙ୍କୁ ଏକ ଗଳ୍ପ କହୁଥିବାର ଫୁଲ ଶୁଣିଲା । ସେ କହୁଥିଲେ, "କୌଣସି ଏକ ସ୍ଥାନରେ ସମୁଦ୍ର କୂଳରେ ମରହଟା ଦସ୍ୟୁ ଓ ଓଡ଼ିଆ ପାଇକମାନଙ୍କର ତିନଦିନ କାଳ ଘୋର ଯୁଦ୍ଧ ହେଲା ।

ସେହି ଯୁଦ୍ଧରେ ଜଣେ ଯବନ ପାଇକ ଶରମଗ୍ନ ହୋଇ ପଡ଼ିଥିଲେ । ଯୁଦ୍ଧ ପରେ ଜଣେ ମରହଟ୍ଟା ବୀର ତାଙ୍କୁ ଭଲ ଦେଖାନେଇ ବଡ଼ ଆଦରରେ ସେବା ଶୁଶ୍ରୂଷା କଲେ । ଶତ୍ରୁଜାତିର ଜଣକ ପାଖରୁ ସେବା ପାଇ ପାଇକଟି ନବଜୀବନ ଲାଭ କଲା । ସେମାନେ ଶତ୍ରୁତା ଭୁଲିଯାଇ ତାକୁ ବାଟ ଛାଡ଼ିଦେଇଥିଲେ ।

ଏ ଗଳ୍ପଟି ଶୁଣି ଫୁଲର ହୃଦୟ ଭିତରେ କେତେ ନବଭାବ ଜାଗିଲା । ଆଖି ଆଗରେ ଦେବନାଥ ଛବିଟି ଖେଳିଗଲା । ମନେ ମନେ ଭାବିଲା, "ସତେ କଣ ଶତ୍ରୁଜାତି ଭିତରେ ଏପରି ସବୁ ଦୟାବନ୍ତ ପୁରୁଷ ଅଛନ୍ତି ? ସତେ କଣ ସେମାନଙ୍କ ହୃଦୟରେ ସ୍ନେହ ମମତା ଅଛି ?—ଯେଉଁ ଦେଶ ଲୁଟି କରିବାକୁ ସେମାନେ ଆସିଛନ୍ତି, ସେଠା ଲୋକଙ୍କୁ କଣ ସେମାନେ ବେଳେ ବେଳେ ଭଲ ପାନ୍ତି ?" ତା ପରେ ସେ ବାପାଙ୍କ ପାଖେ ବସି ଧୀରେ ଧୀରେ ପଚାରିଲା—"ବାପା, ଆମର ଲୋକଙ୍କ ପରି ତ ଏହି ମରହଟ୍ଟା ଜାତିର ଲୋକେ ! ସବୁ ଜାତିରେ ଭଲ ମନ୍ଦ ଲୋକ ଅଛନ୍ତି ! ସେହି ଯେଉଁ ମରହଟ୍ଟାଟି ଓଡ଼ିଆ ପାଇକକୁ ବଞ୍ଚାଇଲା ସେ ନିଶ୍ଚେ ଭଲ ଲୋକ ହୋଇଥିବ ।"

ଝିଅର କଥା ଶୁଣି ବୁଢ଼ା ହଠାତ୍ କିଛି ଉତ୍ତର ଦେଲେ ନାହିଁ । ଓଠକୁ ଚପି ରଖି ମନେ ମନେ ଖୁବ୍ ରାଗିଲେ । ମନକୁ ଟିକିଏ ଶାନ୍ତ କରି କହିଲେ—"ହୋଇପାରେ; ମାତ୍ର କିଏ କହିବ ସେ ଲୋକଟା କୌଣସି ପାପାଚାରୀର ବାପ ନୁହେଁ ବୋଲି ? କିଏ କହିବ ତାହାରି ପାପାଚାରୀ ପୁଅ ମୋର ଅଣ୍ଡା ବୁକୁକୁ ଗୁଳି ନ ମାରିଛି ବୋଲି...... ?"

ଫୁଲକୁ ବୋଧହୁଏ ଏ କଥାଟା ଭଲ ଲାଗିଲା ନାହିଁ । ସେ ହଠାତ୍ ସେଠୁ ଉଠି ଚାଲିଗଲା । ସେ ଯିବା ପଛେ ପଛେ ବୁଢ଼ା କ୍ଷୀଣସ୍ୱରରେ ଡାକ ପକାଇଲା ପରି କହିଲେ—

"କଣ ହେଲା କି ଫୁଲ ତୋର ? ତୋର ଏବେ କଣ ହେଉଛି ମୁଁ ବୁଝିପାରୁ ନାହିଁ ! ତୁ ଏବେ ଏପରି କାହିଁକି ହେଉଛୁ ?"

## —ଅଠର—

ଦିନେ ଫୁଲ ବନ୍ଦୀଶାଳା ଭିତରର ଗୋଟିଏ କରୁଣ କାହାଣୀ ଶୁଣି ଆଖି ଛଳ ଛଳ କରି ପକାଇଲା । କୌଣସି କାରଣରୁ ଜଣେ ବନ୍ଦୀକୁ ଦଣ୍ଡ ଦେବାର ବ୍ୟବସ୍ଥା ହୋଇଥିଲା । ସେହି ସମ୍ପର୍କରେ ସେ ତାର ଆତ୍ମକାହାଣୀ କହିଲା—"ମୁଁ ଥିଲି ଗୋଟିଏ ମଫସଲ ଗାଁର ଲୋକ । ଦରଜୀ କାମ କରି ମୁଁ ପେଟ ପୋଷେ । ମୋତେ ଯେତେବେଳେ ୨୬ ବର୍ଷ, ମୁଁ ଜଣେ ଲରିଆ ଯୁବତୀକୁ ବାହା ହେଲି । ବର୍ଷକ ପରେ ଆମର ଗୋଟିଏ ପୁଅ ହେଲା । ଯାହା ସେ ପର୍ଯ୍ୟନ୍ତ ରୋଜଗାର କରୁଥିଲି, ଆମର ସୁଖଶାନ୍ତି ପାଇଁ ସବୁ ସାରି ଦେଲି । ଶେଷକୁ ଜବଲପୁର ସହରରେ ଗୋଟିଏ ଦରଜୀ ଦୋକାନରେ ବସିଲି । ତା ପରେ ଏ ଯୁଦ୍ଧ ଆରମ୍ଭ ହେଲା । ମୋତେ ଦଳେ ଲୋକ କହି ପୋଛି ଯୁଦ୍ଧକୁ ଠାଣି ଆଣିଲେ । ହାତରେ ଖଣ୍ଡା ଧରି ଯୁଦ୍ଧକୁ ଆସିଲି ; କିନ୍ତୁ ମନ ରହିଲା ମୋର ସେହି ଘରେ । ଆଗ ଆଗ ଘରର ଭଲ ଖବର ପାଉଥିଲି । ଏବେ ଖବର ଆସିଲା, ମୋ ସ୍ତ୍ରୀର ଦୁର୍ଦ୍ଦଶାର ସୀମା ନାହିଁ । ମୁଁ ଯେ ଓଡିଆ ହାତରେ ବନ୍ଦୀ ହୋଇଛି, ଏଇଟା ହେଲା ତାକୁ ଘୋର ଅପମାନ ! ଏବେ ସେ ଦାଣ୍ଡର ଭିଖାରୁଣୀ । ମୋର ଜଣେ ଜାତିଭାଇ ଏହା ପୂର୍ବରୁ ଏହିପରି ଭାବରେ ବନ୍ଦୀ ଥିଲା । ସେ ହେଉଛି ମୋ ସ୍ତ୍ରୀର ବିପଦର କାରଣ । ଏ ଖବର ପାଇ ମୁଁ ପାଗଳ ହୋଇଗଲି । ରାତିରେ ଆଉ ନିଦ ହେଲା ନାହିଁ । କିପରି ମୁଁ ସ୍ତ୍ରୀକୁ ଭେଟିବି, ଏ ବିପଦରୁ କିପରି

ତାକୁ ରକ୍ଷା କରିବ—ଏଥିପାଇଁ ମୁଁ ଚାଲିଯିବାକୁ ବସିଥିଲି; ଆଉ କିଛି ନୁହେଁ !”

ଏହି କାହାଣୀ ଶୁଣି ଫୁଲ ଆଖିରୁ ଦୁଇ ଧାର ଲୁହ ବୋହି ପଡ଼ିଲା । ଆଉ କିଛି ସମୟ ଯାଇଥିଲେ, ସେ ଭୋ କରି କାନ୍ଦି ଉଠିଥାନ୍ତା ! ନିଜକୁ ସମ୍ଭାଳି ନେଇ ସେ ବଡ଼ ବ୍ୟସ୍ତରେ ଘରକୁ ଚାଲି ଆସିଲା ।

ଏହା ଦିନଁରୁ କିଏ କେବେ ଯେବେ ଶମ୍ଭୁଶିଳଙ୍କ ପାଖେ ମରହଟ୍ଟାଙ୍କ ବିଜୟ-କାହାଣୀ କହି ବସେ, ଫୁଲକୁ ତାହା ନିତାନ୍ତ ଖରାପ ବୋଧହୁଏ । ବାପା ଯେତେବେଳେ ମରହଟ୍ଟାମାନଙ୍କ ଖରାପ ଭାବରେ ସମାଲୋଚନା କରନ୍ତି, ଫୁଲ ସେଥିରେ ବାଧା ଦେଲା ପରି ଭାବ ଦେଖାଏ । ଏ କଥା ବାପା ତାର ବୁଝି ଯେ ନ ପାରନ୍ତି, ତା ନୁହେଁ ।

ଫୁଲ ଏଣିକି ପ୍ରତିଦିନ ସକାଳୁ ଉଠି ମନରେ କି ଭାବନା ପୋଷି ସେହି ବନ୍ଦୀଶାଳା ଆଡ଼କୁ ଆଖି ପକାଇ କିଛି ସମୟ ଠିଆ ହୁଏ । ରାତିରେ ଯେତେବେଳେ ଶୋଇବାକୁ ଯାଏ, ଝରକା ଫିଟାଇ ସେହି ଘନ ଅନ୍ଧକାର ଭିତରେ ବନ୍ଦୀଶାଳା ଆଡ଼କୁ ମୁହଁ ବୁଲାଏ । ଦେଖେ, ଚାରିଆଡ଼ ଅନ୍ଧକାରମୟ ! ତାହାର ଭିତରେ କେତେ ଗୁଡ଼ାଏ ଲୋକ ପଶୁଙ୍କ ପରି ବନ୍ଧା ହୋଇ ପଡ଼ିଛନ୍ତି । ସେହିମାନଙ୍କ ଭିତରେ ବିଚରା ଦରଜୀଟି ତାର ପିଲାଙ୍କ କଥା ଭାବି କି ଦୁଃଖରେ ସଢ଼ୁଛି ! ସେତିକି ବେଳେ ତା ହୃଦୟରେ ଦୟାର ଉଦ୍ରେକ ହୁଏ । ଭାବେ, ସେହି ଦରଜୀ ବିଚରାଟି କିପରି ଜେଲରୁ ଖସି ଚାଲିଯାନ୍ତା କି ! ତାକୁ ଦେଖିଲେ ତାର ସ୍ତ୍ରୀ କେଡ଼େ ଖୁସି ନ ହୁଅନ୍ତା—ଏ କଥା ଭାବିଲା ବେଳେ, ତା ହୃଦୟରୁ ମରହଟ୍ଟା-ବିଦ୍ୱେଷ କୁଆଡ଼େ ଲୋପ ହୋଇଯାଏ ।

ଏହା ଭିତରେ ବନ୍ଦୀ ଦେବନାଥର ଭାଗ୍ୟ ବଦଳି ଯାଇଛି। ତୃତୀୟ ଶାହାଲରେ ଥିବା କଏଦୀମାନଙ୍କ ଭିତରେ ସେ ହୋଇଛି ଜମାଦାର। ତା କଥା ମାନି ସମସ୍ତେ ଚଳିବାକୁ ବାଧ୍ୟ। ତାକୁ ଅଧିକାର ମିଳିଛି, ସେ ଅବାଧରେ ତା ଭିତରେ ବୁଲି ପାରିବ; ସମସ୍ତଙ୍କୁ କଥା କହି ପାରିବ; ଭିତର ପାଖ ବାଡ଼ ବାହାରକୁ ଯାଇ ପାରିବ।

ଏଥି କେତେ ଦିନ ଭିତରେ ଦେବନାଥ ଆଉ ଫୁଲି ଭିତରେ ବହୁତ ଦେଖା-ସାକ୍ଷାତ ହେଲାଣି। କିନ୍ତୁ କିଏ କାହାକୁ କଥା କହି ନ ଥିଲେ। ଦିନେ ଦେବନାଥ ଫୁଲର ଗାଈ-ଗୁହାଳି ପାଖକୁ ଆସି ହାତରେ ଗୋଟିଏ କି ଜିନିଷ ଦେଖାଇ ପଚାରିଲା "ଏ ଜିନିଷଟାକୁ ତୁମେ ଜାଣ ?"

ସେଟି ହେଉଛି ଅଭିମନ୍ୟୁ ବେକରେ ଥିବା ତା ପିଲାଦିନର ସୁନାପଦକ।

ଫୁଲି ଖୁବ୍ ବ୍ୟଗ୍ର ଭାବରେ ପଚାରିଲା, "ତୁମେ ଏହାକୁ ପାଇଲ କେଉଁଠୁ ?"

ଦେବନାଥ କହିଲା, "ମୋର ଜଣେ ସାଥୀ ମୋତେ ଏହା ଆଣି ଦେଇଛନ୍ତି।"

"ସେ ବା ପାଇଲେ କିପରି ଏହାକୁ ?"

ଦେବନାଥ କଥାଟି କହିଲା—"ଅଂଶୁପା ହ୍ରଦକୂଳରେ ଯୁଦ୍ଧ ହେଉଥିବା ବେଳେ ପ୍ରଥମ ଦିନ ତାଙ୍କର ଜଣେ ଯୁବକ ବନ୍ଧୁ ଦେଖିଲେ, କିଏ ଜଣେ ଆହତ ବୀର ତଳେ ପଡ଼ିଛନ୍ତି। କିଛି ସମୟ ପରେ ସେହିଠାରେ ସେ ନିଜେ ଆହତ ହୋଇ ପଡ଼ିଲେ। ଦୁହିଙ୍କ ଉପରେ କେତେ ଅସ୍ତ୍ରଶସ୍ତ୍ର ଚାଲିଲା। ଚେତା ହରାଇ ପଡ଼ିଥିଲା ବେଳେ ସେମାନେ ତାହା କିଛି ଜାଣନ୍ତି ନାହିଁ। ଯେତେ

ବେଳେ ଚେତା ହେଲା, ଦେଖିଲେ—ଯୁଦ୍ଧ ସରିଛି ! ତାଙ୍କ ବନ୍ଧୁ ବଳ ପାଇ ଉଠିଲେ; କିନ୍ତୁ ପାଖରେ ପଡ଼ିଥିବା ଆହତ ବୀରଙ୍କର ଅବସ୍ଥା ଶୋଚନୀୟ ହେଲା । ତାଙ୍କର ପ୍ରାଣବାୟୁ ଉଡ଼ିଯିବା ପୂର୍ବରୁ ନିଜ ଗଳାରୁ ପଦକଟି କାଢ଼ି ସେ ଏହି ବନ୍ଧୁଙ୍କ ହାତରେ ଦେଲେ । କହିଲେ 'ବିଜୟ ଗଡ଼ ନିକଟରେ ତୁମକୁ କେବେବେଳେ ଯଦି ଯୁଦ୍ଧ କରିବାକୁ ପଡ଼େ, ସେତେବେଳେ ଦୟା କରି, କାହାକୁ ସୁଜନ ଶକ୍ତିଶାଳଙ୍କ କଥା ପଚାରିବ । ସେ ହେଉଛନ୍ତି ମୋର ବାପା ।' ଏହି ଯେଉଁ ଶେଷ ଦଳକ ସୈନ୍ୟ ବନ୍ଦୀଶାଳାରେ ଆସି ପହଞ୍ଚିଥିଲେ, ସେମାନଙ୍କ ଭିତରେ ତାଙ୍କର ବନ୍ଧୁ ଆସିଥିଲେ । ପଦକଟି ସେହି ତାହାଙ୍କୁ ଦେଇଛନ୍ତି ।"

ସେ ଦିନ ରାତ୍ରିରେ ଫୁଲ ଆଖିକୁ ଆଉ ନିଦ ଆସିଲା ନାହିଁ: ଶେଯରେ ଖାଲି ଛଟପଟ ହେଲା । ବାହାରକୁ ବନ୍ଦୀଶାଳା ଆଡ଼କୁ ଚାହିଁବାକୁ ତାକୁ ଭୟ ଲାଗିଲା । ଭୟରେ ସେ ଝରକା ଦୁଆର କିଳି ଦେଲା । ତାର ବାପା ସେ ଦିନ ମରିଯିବା ସୈନିକର ଦୟା କଥା ଶୁଣି କଣ କହୁଥିଲେ, ତାର ମନେ ପଡ଼ିଲା । ଏତେବେଳେ ଭାଇର ପଦକଟି ନେଇ ତାଙ୍କୁ ଦେଖାଇବାକୁ ତାର ଇଚ୍ଛା ହେଲା ନାହିଁ । ନିଜ ବାକ୍ସ ଭିତରେ ନେଇ ସେ ତାହାକୁ ଲୁଚାଇ ରଖିଲା ।

ଫୁଲ ମନରେ କେତେବେଳେ କି ଭାବନା ଜାଗ୍ରତ ହେଲା, ସେ କଥା ଫୁଲ ଛଡ଼ା ଆଉ କାଏ ଜାଣିଲେ ନାହିଁ । ଦେବନାଥଙ୍କ ଚାହିଁ ସେ ଯେତେଦୂର ଅଗ୍ରସର ହୋଇଛି, ଯେପରି ଅବସ୍ଥାରେ ଭାଇର ପଦକଟା ତା ପ୍ରତି ଏକ ଗୁରୁ ଭର୍ତ୍ସନା ପରି ମନେ ହେଲା । ଏପରି କି, ବେଳେ ବେଳେ ସେ ତାକୁ ଚାହିଁବାକୁ ସାହସ କଲା ନାହିଁ । ପୁଣି ପର ମୁହୂର୍ତ୍ତରେ ଭାବିଲା—"କାହିଁକି ?

ଦୋଷ ବା ଏଥିରେ କଣ ? ରଣ-ପ୍ରାନ୍ତରରେ ସେହି ଯେଉଁ ଦୁଇଟି ଯୁବକ ପାଖେ ପାଖେ ମୃତ୍ୟୁଶଯ୍ୟାରେ ଶୋଇଥିଲେ, ତା ଭିତରୁ ଜଣେ ଭାବୁଥିଲା, ଷିରପଞ୍ଜାବରେ ତା ବାପା-ଭଉଣୀଙ୍କ କଥା ଓ ଆଉ ଜଣେ ଭାବୁଥିଲା, ମରହଟ୍ଟା ଦେଶରେ ତାର ମା'ର କଥା । ସେ ଦୁହେଁ କି ଏପରି ଅବସ୍ଥାରେ ବନ୍ଧୁ ହୋଇ ପାରିବେ ନାହିଁ ? ପାଖେ ପାଖେ ଶୋଇ ସେମାନେ ତ ଯୁଦ୍ଧକଥା ବିଚାରୁ ନ ଥିଲେ ! ଯୁଦ୍ଧରେ ସିନା ସ୍ନେହ, ଦୟା, ମମତା ନାହିଁ; ସେତେବେଳେ ସିନା ମନୁଷ୍ୟ ମନୁଷ୍ୟଙ୍କୁ ଶତ୍ରୁ ରୂପେ ଦେଖୁଛି; କିନ୍ତୁ ଯେତେବେଳେ ଏ ସଂସାରରୁ ଅପର ସଂସାରକୁ ଯିବାପାଇଁ ଦୁଇଟି ଯାତ୍ରୀ ଏକାବେଳକେ ସଜବାଜ ହୋଇଛନ୍ତି, ସେତେବେଳେ ସେ ଦୁହେଁ ପଥିକ-ବନ୍ଧୁ, ଯାତ୍ରିବନ୍ଧୁ ନ ହେବେ କାହିଁକି ? ବନ୍ଧୁଙ୍କର ବନ୍ଧୁ ମୁଁ; ତେଣୁ ଜଣେ ମରହଟ୍ଟା ବିଷୟରେ ମୋର ସ୍ନେହମମତା ଆସିଲେ ସେଥିପାଇଁ ଅପରାଧିନୀ ହେବି ବା କାହିଁକି ?"

## —ଊନବିଂଶ—

ଫୁଲ ବୁଝିଲା, ଦିନକୁ ଦିନ ତା ମନରେ ଯେ ଭାବାନ୍ତର ଆସୁଛି, ତାର ପରିଣାମ ଅତ୍ୟନ୍ତ ଭୀଷଣ ହୋଇ ଉଠିବ । ମନ ତାର ଦେବନାଥ କଥା ଭାବିବାରେ ବରାବର ବ୍ୟସ୍ତ ରହିଲା ! ରାତିରେ ଶୋଇଲେ ସେହି ଚିନ୍ତା, ସକାଳୁ ଉଠିଲେ ସେହି ଭାବନା । ସେ ବେଳେ ବେଳେ ବ୍ୟସ୍ତ ବିବ୍ରତ ଭାବରେ ମନକୁ ମନ ପଚାରେ—"ଏଥିରୁ କି ଫଳ ଫଳିବ !" ବେଶି ସମୟ ସେ କିଛି ଭାବିପାରେ ନାହିଁ । ଲଜ୍ଜା ଓ ଆଶଙ୍କାରେ ସେ ବୁଡ଼ିଯାଏ ।

କଣ୍ଠରୁଦ୍ଧ ହୋଇ ତାର ବାଗ୍‌ସ୍ଫୁରଣା ବନ୍ଦ ହୋଇଯାଏ । ଥରେ ତାଙ୍କର ଜଣେ ବନ୍ଧୁ ତାଙ୍କ ଘରକୁ ବୁଲି ଆସିଥିଲେ । ଦେଶର ଯୁଦ୍ଧକଥା ପଡ଼ୁ ପଡ଼ୁ ସେ ଏକ ବିଚିତ୍ର ଗଳ୍ପ କହି ବସିଲେ । ହିନ୍ଦୋ ବିପ୍ଳବରେ ଖୋର୍ଦ୍ଧା ଗଡ଼ ପାଖ ଦୁଇ ଚାରି ଖଣ୍ଡ ଗାଁରେ ବର୍ଗିଦଳ ପଶି ନିଃସହାୟ ଗ୍ରାମବାସୀଙ୍କୁ ପରବା କାଟିଲା ପରି କାଟି ପକାଇ ଦେଲେ । ଭୟଙ୍କର ଖେଳ୍‌ବେଳ ! ଗାଁର ଏ ମୁଣ୍ଡ ସେ ମୁଣ୍ଡ ଜଗି ରହି ନିଆଁ ଲଗାଇଦେଲେ । ଆକାଶକୁ ଭେଦ କରି ନିଆଁ ଜଳି ଉଠିଲା । ପ୍ରାଣବିକଳରେ ଯେ ଘରୁ ଚାଲି ଆସିଲେ, ସେମାନଙ୍କୁ ଠେକା ନେଇ ସେ ନିଆଁକୁ ଫିଙ୍ଗିଦେଲେ । ଛୋଟ ଛୋଟ ପିଲାମାନଙ୍କୁ ଗଛରେ ପିଟି ମାରି ପକାଇଲେ । ଗର୍ଭିଣୀର ପେଟ ଚିରି ପିଲା କାଢ଼ି ଦେଲେ । ବୁଢ଼ାମାନଙ୍କୁ ତତଲା ପଥର-ଚାଙ୍ଗୁଡ଼ାରେ ଗୋଡ଼ହାତ ବାନ୍ଧି ଶୁଆଇ ଦେଲେ ।

ଏହି ଗଳ୍ପ ସତ ହୋଇପାରେ ବା ଉଡ଼ା-ଖବର ହୋଇପାରେ; ମାତ୍ର ବୃଦ୍ଧ ସୁଜନ ଶାସ୍ତ୍ରୀଙ୍କୁ ଏହା ବଜ୍ରପାତ ପରି ଜଣାପଡ଼ିଲା । ଫୁଲ ଦେଖିଲା, ବାପା ତାର ଉତ୍ତେଜନାରେ ବରଡ଼ା ପତ୍ର ପରି ଥରୁଛନ୍ତି; ଆଖି ରଙ୍ଗ ପଡ଼ିଯାଇଛି ! ଥରି ଥରି ଉଠିବାକୁ ଚେଷ୍ଟା କରୁଛନ୍ତି; ମାତ୍ର ଉଠିପାରୁ ନାହାନ୍ତି । ତାଙ୍କ କଣ୍ଠରୁ କେବଳ ଅଭିଶାପର ବାଣୀ ବାହାରୁଛି । ସେ କହୁଛନ୍ତି—"ଏ ଦେଶର ଗୋଟିଏ ବାଳକ ହତ୍ୟା କରିଥିବା ଫଳରେ ସେ ଦେଶର ଶତ ଶତ ବାଳକଙ୍କୁ ହତ୍ୟା କରିବାକୁ ହେବ । ଗଜପତି ଏହା ବୁଝନ୍ତୁ ।"

ବାପାଙ୍କର ଏ ଅଭିଶାପ ବାଣୀ ଶୁଣି ଫୁଲ ତାଙ୍କୁ ଶାନ୍ତ କରିବାକୁ ଚେଷ୍ଟା କଲା । କହିଲା—"ବାପା, ଆମ ଦେଶର ପିଲାଏ ତ ମଲେ; ସ୍ୱାଗ ରଖି ଅନ୍ୟ ପିଲାଙ୍କୁ ମାଇଲେ କଣ ଏମାନେ ଜୀଇ

ଫେର ଆସିବେ ? ପିଲାଙ୍କର ବା କି ଦୋଷ ? ସେମାନେ ତ ହେଲେ ଶାନ୍ତ ନରୀହ ଶିଶୁ !”

ଏ ଯୁକ୍ତି ଶୁଣି ସୁଜନଙ୍କର ହୃତ୍‌ପିଣ୍ଡ ଥରିଲା । କଠମଠ କରି ଫୁଲ ଆଡ଼କୁ ଚାହିଁ କହିଲେ—

“ଶାନ୍ତ ! ନରୀହ ! ସେମାନେ ସବୁବେଳେ ଶାନ୍ତ ନରୀହ ହୋଇ ରହିବେ ନାହିଁ, ଫୁଲ ! ବଢ଼ି କରି ସେମାନେ ଠିକ୍ ସେମାନଙ୍କ ବାପମାନଙ୍କ ପରି ନିଷ୍ଠୁର ଅତ୍ୟାଚାରୀ ହେବେ । ଯେଉଁ ଗଛର ମଞ୍ଜି, ଗଛ ହୋଇ ତାହା ଠିକ୍ ସେହି ଗଛ ପରି ହେବ; ଠିକ୍ ସେହିପରି ଫୁଲ ଫୁଟିବ, ସେହିପରି ଫଳ ଫଳିବ ! ଅସୁର ପୁଅ କଣ ଅସୁର ନ ହୋଇ ଦେବତା ହେବ ? ହେଲେ, ତାହା କେତେ ହଜାରରେ ଜଣେ ବା ହେବା ସମ୍ଭାବନା । ତେଣୁ ମୋ ମତରେ କୁରୁବଂଶ ଧ୍ୱଂସ ହେଲା ପରି ସେଗୁଡ଼ାକ ଧ୍ୱଂସ ହେଲେ ଜଗତରେ ଶାନ୍ତି ବିରାଜିବ । ନାରୀ ଆଉ କାନ୍ଦିବେ ନାହିଁ; ପୁତ୍ରହୀନା ଆଉ ଲୁହ ଢାଳିବେ ନାହିଁ ।”

“ବାପା, ବାପା, ତୁନି ହୁଅ; ଏମିତି ଗୁଡ଼ାଏ କଣ କହୁଛ ?”

“କାହିଁକି କହିବି ନାହିଁ ? ତୁ ଯେ ଏହା ଭିତରେ ବଦଳି ଯାଉଛୁ, ମୁଁ ଜାଣି ପାରୁଛି; ମାତ୍ର କାରଣ କିଛି ଜାଣିପାରୁ ନାହିଁ । ତୋ ଭାଇଙ୍କି ଯେ ମାରିଲେ, ସେ କି ତୋର ଦୟାର ପାତ୍ର ହେଲେ, ଫୁଲ ?”

ବାପାଙ୍କ ମୁହଁରୁ ଏ କଥା ଶୁଣି ଫୁଲର ବୁକୁ ଭିତରେ କଣ୍ଟା ବାଡ଼େଇଲା ପରି ଲାଗିଲା । ମନେ ମନେ ଲଜ୍ଜା, ଅପମାନ ଓ ଘୃଣାରେ ମୁଣ୍ଡ ପୋତିଦେଇ ଆର ଘରକୁ ସେ ପଶିଗଲା । ଭାବିଲା, “ଶେଷରେ କଣ ତାହାହେଲେ ଧରା ପଡ଼ିବି ? ଦେଖୁଛି, ମୁଁ ତ ଏବେ ମୋ ନିଜ ପାଖରୁ ବହୁବର ଦୂରରେ ରହୁଛି । କରିବି କଣ ?” ଭଟାଇ ଭଟାଇ ସେ ଆପଣା ବୁକୁକୁ ଚପି ଧରି ମୁହଁକୁ ପୋତି ବସି ରହିଲା !

ଆଖି ବୁଜିଲା; ତାପରେ ଆଉ ତାକୁ ଅନ୍ଧାର ଦେଖାଗଲା ! ସେହି ଅନ୍ଧାର ଭିତରେ କୌଣସି ଏକ ଛିଦ୍ର ଫାଙ୍କ ଆଲୋକ ଦେଖାଯାଉଛି । ସେହି ଆଲୋକ ଭିତରେ ଦେବନାଥ ତାର ତରୁଣ ମୁହଁଟିକୁ କାଢ଼ି ଦେଇ ତାର ଆଡ଼କୁ ଚାହିଁ ରହିଛି । ସେ ଥରେ ଯାଇ ଆଖି ଫିଟାଇ ଦେଲା—ପରିଷ୍କାର ଆଲୋକ !

ଠିକ୍ ପର ମୁହୂର୍ତ୍ତରେ ମାତୃ-ବାତ୍ସଲ୍ୟରେ ତାର ପ୍ରାଣ ପୂରି ଉଠିଲା । ସେ ବୁଝିଲା, ତା ବାପା ଯାହା କହୁଛନ୍ତି, ତାହା ଠିକ୍ । ଯେଉଁମାନେ ଏପରି ଅତ୍ୟାଚାର କରନ୍ତି, ସେମାନେ ନିଶ୍ଚୟ ରାକ୍ଷସ ଅଂଶର; ମନୁଷ୍ୟ ନୁହନ୍ତି । ସେ ଦିନ ସନ୍ଧ୍ୟାବେଳେ ଫୁଲ ଯେତେବେଳେ ତୃତୀୟ ଶାହାଲି ବାଟେ ଗୁହାଳ ଆଡ଼କୁ ଯାଉଥିଲା, ଦେବନାଥ ସହିତ ହଠାତ୍ ବାଟରେ ଦେଖା ହେଲା । ତାକୁ ସେ ଚାହିଁ ନ ଚାହିଁଲା ପରି ମୁହଁ ଆଡ଼େଇ ଦେଲା । କଥା ପଦେ କହିବା ପାଇଁ ବା ପଦେ ତା ମୁହଁରୁ ଶୁଣିବା ପାଇଁ ଅପେକ୍ଷା ସୁଦ୍ଧା କଲା ନାହିଁ । ଦେବନାଥ ହଠାତ୍ ତାକୁ ପଚାରିଲା—

"ଏଇ ଅଳ୍ପଦିନ ତଳେ ଖୋରଧା ଗଡ଼ ପାଖେ ଯେଉଁ ଗୋଳମାଳ ହୋଇଛି, ଶୁଣିଥିବ ତ ?"

ଫୁଲ ସେହିପରି ମୁହଁକୁ ବୁଲେଇ ଉତ୍ତର ଦେଲା—

"ହଁ, ଶୁଣିଛି ନିଶ୍ଚୟ ।"

'ଆମର ଜାତିର ଲୋକେ ଏପରି କରିଥିବାର ଶୁଣି ମୋ ମୁଣ୍ଡ ପୋଡ଼ି ହୋଇ ଯାଉଛି । ଭଗବାନ କେତେ ଦିନ ଯେ ଏପରି ନାଟ ଲଗାଇବେ, ବୁଝିପାରୁ ନାହିଁ !"

ଫୁଲ କହିଲା—"ଏ କଥା ଶୁଣି ପଶୁର ମଧ୍ୟ ମୁଣ୍ଡ ପୋଡ଼ି ହୋଇଯିବ । ଏହାର ପ୍ରତିକାର ନିଶ୍ଚୟ ଏ ଦେଶର ଲୋକେ କରିବେ । ସେତେବେଳେ ଦେଖିବ, ଶହ ଶହ ମରହଟ୍ଟା ହଣାକାଟଣୀ ଏହିପରି ଦିନେ ଶୁଣାଯିବ ।"

ଏ କଥା କହିଲା ବେଳେ ଫୁଲ ହୃଦୟରେ ବାପାଙ୍କର କେତେ ପଦ କଥା ଖେଳୁଥିଲା । ଦେବନାଥ ତାକୁ ଆଉ କଣ କହିବାକୁ ଯାଉଥିଲା, ଫୁଲ ତାହା ଆଦୌ ଶୁଣିବାକୁ ଇଚ୍ଛା କଲା ନାହିଁ; ମୁହଁ ଟେକି ଦର୍ପର ସହିତ ଚାଲିଗଲା ।

## —କୋଡିଏ—

ସପ୍ତାହେ କଟିଗଲା ।

ଫୁଲ ଦେବନାଥକୁ ଆଉ ଆଗ ପରି ଦେଖିବାକୁ ପାଇଲା ନାହିଁ । ଖୁବ୍ ସମ୍ଭବ, ଦେବନାଥ ଫୁଲ ପାଖରୁ ନିଜକୁ ଦୂର କରି ରଖିବାପାଇଁ ବନ୍ଦୀଶାଳା ଭିତରେ ପ୍ରାଣପଣେ ଚେଷ୍ଟା କରୁଥିଲା । ସେ ଯେପରି ଭିତର ବାହାର ସବୁଆଡ଼େ ଯାଇ ପାରିବା ସୁବିଧା ପାଇଥିଲା, ଇଚ୍ଛା କରିଥିଲେ ସେଠି ପ୍ରତିଦିନ ଫୁଲ ସହିତ ଦେଖା କରି ପାରୁଥାନ୍ତା; ମାତ୍ର ଜାଣି ଜାଣି ତାହା କଲା ନାହିଁ ।

ଏଣେ ଫୁଲ ମନରେ ପଶି ଭାବାନ୍ତର ପହଞ୍ଚିଲା । ଦେବନାଥକୁ ସେପରି ନିଷ୍ଠୁରିଆ କରି କହି ଆସିବା ପରେ ଘରେ ଖଟରେ ପଡ଼ି ନାନା କଥା ସେ ବିଚାରିଲା । ତାକୁ ଘରଦ୍ୱାର, ବଣ ପର୍ବତ କିଛି ସୁଖ ଲାଗିଲା ନାହିଁ । ଭାବିଲା—ଏ ତ ଯୁଦ୍ଧ ଚାଲିଛି । ଯୁଦ୍ଧ ହେଲେ ହଣାମରା ଚାଲିବା ସ୍ୱତଃସିଦ୍ଧ । ଖଣ୍ଡା ହାତିଆର ଧରି ଧାଇଁଲା ବେଳେ, ଜୟ କରିବା ପାଇଁ ପ୍ରାଣପଣେ ଲାଗିଲା ବେଳେ କିଏ କାହା ପ୍ରାଣକୁ କାତର ବା ଅପେକ୍ଷା କରିବ ? କେବେ କି ଏପରି ଯୁଦ୍ଧ ହୋଇଛି ? ରକ୍ତ ନ ବୋହି, ମଣିଷ ହଣା ନ ଯାଇ, କିଏ ଭଲା ସଂସାରରେ କେଉଁଠି ଯୁଦ୍ଧ କରିଛି ? ବାପା କହୁଥିଲେ,

ଯୁଦ୍ଧ ହେଲେ ଲୋକ ମରିବା ନିଶ୍ଚୟ । ପୁରାଣରେ ତ ସେଇ କଥା ଅଛି; ବାପା ତ ସେହି କଥା କହୁଛନ୍ତି । ତାହା ହେଲେ ଯୁଦ୍ଧରେ ଆମ ଲୋକ ମଲେ ବୋଲି ଦେବନାଥ ଉପରେ ମୁଁ ରାଗ ହେଲେ କଣ ହେବ ? ତାକୁ ଏପରି କହି ଚାଲି ଆସିବା ଦ୍ୱାରା ମତେ ସେ କଣ ବୋଲି ମନେ କରି ନ ଥିବ !”

ଦେବନାଥ ଆଉ ଆସିଲା ନାହିଁ; ଫୁଲି ଆଉ ତାକୁ ଦେଖି-ବାକୁ ପାଇଲା ନାହିଁ । କ୍ରମେ ଦଶହରା ପାଖେଇ ଆସିଲା । ଏ ହେଉଛି ବରପଣ୍ଡିଆରେ ସୈନ୍ୟ ରହିବାରେ ତୃତୀୟ ଦଶହରା । ଏହା ପୂର୍ବରୁ ଗୋଟି ଗୋଟି ହୋଇ ଦୁଇଟି ଦଶହରା ଯାଇଛି; ମାତ୍ର ସେ ସବୁ ଦଶହରାରେ ଫୁଲି ଯାହା ଥିଲା ଏ ଦଶହରା ବେଳକୁ ସେ ବହୁତ ବଦଳି ଯାଇଛି । ଯାହାଙ୍କ ମୁହଁ ଚାହିଁବ ନାହିଁ ବୋଲି ବାପାଙ୍କ ଆଗରେ ଜିଦ୍ ଧରି କହିଥିଲା, ସେମାନଙ୍କ ମୁହଁ ଚାହୁଁଛି । ଖାଲି ତୁଚ୍ଛା ଆଖିରେ ଚାହୁଁ ନାହିଁ, ଚାହୁଁ ଚାହୁଁ ବେଳେ ବେଳେ ପରମ ତୃପ୍ତି ମଧ୍ୟ ଲାଭ କରୁଛି । ଯାହାଙ୍କ କଥା ଶୁଣିବାକୁ ସେ ଆଦୌ ଇଚ୍ଛା କରି ନ ଥିଲା, ଦୁଇବର୍ଷ ପରେ ସେ ସେହିମାନଙ୍କ ମୁହଁରୁ ପଦେ ଶୁଣି ବେଳେ ବେଳେ ଗୀତମୁଗ୍‌ଧା ବନ୍ୟହରିଣୀ ପରି କଣ ଭାବି ଠିଆ ହୋଇ ରହୁଛି । ଖାଲି ଏତିକି ନୁହେଁ, ନିଜେ ମୁହଁ ଫିଟେଇ କଥା ମଧ୍ୟ କହୁଛି ! ଏ ଦଶହରା ବେଳକୁ ନିଜର ଏହି ପରିବର୍ତ୍ତନରେ ସେ କମ୍ ବିସ୍ମିତ ହେଲା ନାହିଁ । ତାର ସକଳ ଗର୍ବ କୁଆଡ଼େ ଉଭେଇଗଲା । ମୌନବତୀ ହୋଇ ସବୁବେଳେ ସେ କଣ ଭାବିବାରେ ଲାଗିଲା । ଶରତ୍ ଆସିଲା; ଗିରିବନ ହସିଲେ । ଆକାଶ ଦିବ୍ୟ ସୁନ୍ଦର ଦେଖାଗଲା ; ବନଭୂମିର ଶୁଭ୍ର ଶୋଭା ଜଡ଼ ହୃଦୟରେ ସୁଦ୍ଧା ଜୀବନ ଖେଳାଇଦେଲା । ଆକାଶରେ ତାରକାମାଳ ହସିଲେ; ବନେ ବନେ ମନ୍ଦ ମଧୁର କଲରୋଳ

ଶୁଣାଗଲା । ବହୁ ବର୍ଷର ପୁରାତନ ବାରପଣ୍ଡିଆରେ ସତେ ଯେପରି ନବଜୀବନର ସଞ୍ଚାର ହେଲା !

ଏହାପରେ ସମୟରେ ଏକ ସନ୍ଧ୍ୟାବେଳେ ବାପାଙ୍କ ପାଖରେ ବସି ଫୁଲ ଭାଗବତ ପଢ଼ିଲା । ବାପା ତାରେ ପଚାରିଲେ—

"କହ ମା, ଏବେ କେତେ ଦିନ ହେଲା ତୋ ମୁହଁରେ ମୁଁ କାଆ ହସ ଦେଖୁନାହିଁ ? ଇମିତି କାଆଁ ଆନମନା ହୋଇ ସବୁବେଳେ ତୁ ବସୁଚୁ ?"

ଏ କଥା ପଚାରି ବୁଢ଼ା କେବଳ ଉପରକୁ ମୁହଁ କରି ଚାହିଁ ରହିଲେ । ଫୁଲ କିନ୍ତୁ ଉତ୍ତର ଦେଇ ପାରିଲା ନାହିଁ । ଅପରାଧିନୀ ପରି ସେ ବାପାଙ୍କ ମୁହଁକୁ ବାଲୁ ବାଲୁ ଚାହିଁ ରହିଲା । ତା ଆଖି ଆଗରେ ବେଳେ ବେଳେ ଦେବନାଥର ମୁହଁଟି ଦେଖାଗଲା ।

ବୁଢ଼ା କଣ ଭାବୁ ଭାବୁ କେତେବେଳେ ଆଖିପତା ମୁଦି ହୋଇଗଲା । ସେ ସ୍ୱପ୍ନରାଜ୍ୟରେ ରହି ଶୋଇ ପଡ଼ିଲେ । ଫୁଲ ଏଣେ ଜାଗ୍ରତ ସ୍ୱପ୍ନ ଦେଖିଲା ପରି ଆଖି ଫିଟେଇ କେବଳ ବସି ରହିଲା । ରାତି ପ୍ରାୟ ପହରେ ହେବ ; ଆକାଶ-ପୃଥିବୀ ରୁପାର ସ୍ରୋତରେ ଗାଧୋଇଲା ପରି ଦେଖାଯାଉଛି ! ଫୁଲ ଭାବୁଛି, ପ୍ରକୃତିର ଏ ପବିତ୍ର ଶୋଭାରାଶି ଭିତରେ ମଣିଷ ପଣି ମଣିଷକୁ ବନ୍ଦୀ କରିଛି ! ଏ ବୁଦ୍ଧି ମଣିଷକୁ ପ୍ରଥମେ ଦେଲା କିଏ ?

ହଠାତ୍ ତା ମନରେ ଏକ ଖିଆଲ୍ ଆସି ଜୁଟିଲା । କା ଏକ କଳ୍ପନା-ରାଜ୍ୟରେ ସେ ଭାସିଲା । ଜଣା ପଡ଼ିଲା, ସେ ଦେବ-ନାଥ ସହିତ ସ୍ୱର୍ଗର ପକ୍ଷୀ ପରି କୁଆଡ଼େ ଉଡ଼ି ଚାଲିଛି । ସେଠି ବନ୍ଦୀଶାଳାର ପହରୀବାଲା ନାହାନ୍ତି; ସେଠି ବାରପଣ୍ଡିଆର ସୁଜନ ଶକ୍ତି ଶାଳ ନାହାନ୍ତି; ସେଠି କେବଳ ଅନନ୍ତ ଚନ୍ଦ୍ରାଲୋକ, ଅପୂର୍ବ ପକ୍ଷୀସଙ୍ଗୀତ, ଅଶ୍ରୁତ କୋଳାହଳ ! ତାହାରି ଭିତରେ ସେ ଦୁଇଟି

ପ୍ରାଣୀ ପରମ ଆମୋଦରେ ପରସ୍ପରକୁ ତାଙ୍କ ପରମ ତୃପ୍ତି ଲାଭ କରୁଛନ୍ତି !

---

## —ଏକୋଇଶ—

ଫୁଲ ଯାଇ ଖଟରେ ଶୋଇଲା । ଝରକା ଫଟାଇ ବାହାରକୁ ଦେଖିଲା—କେବଳ ଏକ ବିରାଟ ବନ୍ଦୀଶାଳା ତାକୁ ଦେଖାଗଲା । ସେହି ବନ୍ଦୀଶାଳା ଭିତରେ ଜଣେ ମାତ୍ର ବନ୍ଦୀକୁ ସେ ଚିହ୍ନିଲା । ସେ ହେଉଛି ଦେବନାଥ !

ନୀରବ ନିସ୍ତବ୍ଧ ଜଗତ୍—ତରୁଲତାର ଗୋଟିଏ ସୂକ୍ଷ୍ମ ପତ୍ର ହଲୁ ନ ଥିଲା । କେବଳ ମଝିରେ ମଝିରେ କେବେ କାପର କୁକୁରଟାଏ ଭୁକ୍କା ଉଠି ସେହି ବନରାଜ୍ୟରେ ହଠାତ୍ ଚମକ ଆଣୁଥିଲା । ଏହା ଛଡ଼ା ଆଉ କୌଣସିଠାରେ ସ୍ୱରଶବ୍ଦ ଶୁଣାଯାଉ ନ ଥିଲା । ଏ ପାଖେ ଆଗରେ ବନ୍ଦୀଶାଳାରେ ସମସ୍ତେ ନିଦ୍ରାମଗ୍ନ; ତେଣେ ସେ ପାଖେ ବୃଦ୍ଧ ଶମ୍ଭୁଶଙ୍କର ଗଭୀର ସ୍ୱପ୍ନରେ ଅଭିଭୂତ ! କେବଳ ତା ଭିତରେ ଫୁଲ ଏକାକିନୀ ତାଙ୍କ ରୁଦ୍ଧ ମାନସ-ପଟରେ କେତେ କଣ ବଚନ ଚିତ୍ର ଆଙ୍କି ଯାଉଛି ! ମନେ ପଡ଼ୁଛି ଭାଇ ଅଭିମନ୍ୟୁର କଥା; ତା ପରେ ମାନସ-ରାଜ୍ୟରେ କ୍ଷୀଣ ଭାବରେ ଦେବନାଥର କ୍ଷୀଣଛାୟାଟାଏ ଚକାମେଘର ଛାଇ ପରି ପଡ଼ି ଯାଉଛି ! ଭାଇର ପଦକ କଥାଟା ମନ ଭିତରେ ନାଚୁଛି ! ସେତେବେଳେ ତା ଦେହର ରୋମ ଠାଙ୍କୁର ଉଠୁଛି !

ଏହିପରି ସମୟରେ ଦୂରରେ କାହାର କଣ୍ଠସ୍ୱର ଶୁଣାଗଲା; କ୍ରମେ ସେ ସ୍ୱର ନିକଟରୁ ନିକଟତର ହେଲା । ଭାବିଲା, ଏ କିଏ ? ନିଶ୍ଚେ ତାର ଘର ଆଡ଼କୁ ଆସୁଛି ! କିଛି ସମୟ ପରେ ଉଜ୍ଜ୍ୱଳ

ଚନ୍ଦ୍ରାଲୋକରେ ଦେଖାଗଲା ଏକ ଛାୟା ··ମନୁଷ୍ୟର ଛାୟା ·· ! ସେ ଷ ତାକୁ ଚହ୍ନିଲା ! ଅର୍ଦ୍ଧଚେତନ ଅବସ୍ଥାରେ ସେ ଅଧୀର ହୋଇ-ପଡ଼ିଲା । ତା ପରେ ଦୁଆରଟା ଫିଟାଇ ଦେଇ ମଝି ପର ଠିଆ ହେଲା ।

ଦୁଆର ମୁହଁରେ ଦେବନାଥ ଠିଆ ! ଘରେ ଜଳୁଥିବା କ୍ଷୀଣ ଆଲୋକରେଖା ଯାଇ ତା ମୁହଁ ଉପରେ ପଡ଼ିଲା । ସେହି ଆଲୋକ ଭିତରେ ତାକୁ ଦେଖି ଫୁଲର ସର୍ବାଙ୍ଗ କ୍ଷଣକ ପାଇଁ ଥରିଗଲା । ଦେଖିଲା, ତାର ମୁହଁର ପୂର୍ବ ଜ୍ୟୋତି କୁଆଡେ ଉଭେଇ ଯାଇଛି । କଣ କଥା ବିପଦ କାହାକୁ କହିବା ଅପେକ୍ଷାରେ ତାର ଷକଳ ମଳିନ ଓଷ୍ଠ ଘନ ଘନ ଥରି ଉଠୁଛି ! ମୁହଁଟା ନିତାନ୍ତ ପାଣ୍ଡୁର ! ସତେ ବା ବହୁଦିନ ହେଲ ସେ ଦେହରୁ ରକ୍ତ ଯାଇ ଏ ଅବସ୍ଥାକୁ ଆସିଛି ! କାନ୍ଦିବାକୁ ଆଖିରେ ବୋଧହୁଏ ଲୁହ ନାହିଁ; ହସିବାକୁ ହୃଦୟରେ ବୋଧହୁଏ ରସ ନାହିଁ ! ଆଗରେ ଫୁଲକୁ ଦେଖିବା ମାତ୍ରେ ସେ ପଚାରିଲା—

"ଏ ଘର ଭିତରକୁ କଣ ମୁଁ ଯାଇ ପାରିବ ?"

ସେ ଆଶା କରିଥିଲା, ଫୁଲ ତାକୁ ଚାହିଁ ମୁହଁ ବୁଲେଇ ଦେବ କିମ୍ବା ଶବ୍ଦ ମରିହଟା ଜାତିର ଲୋକ ମତେ କରି ଘୃଣାରେ ଚିତ୍କାର କରି ଉଠିବ । ସେତେବେଳେ ତା ଅବସ୍ଥା କଣ ନ ହେବ ! କିନ୍ତୁ ତା ଭାବନାର ଓଲଟା ହେଲା । ଫୁଲ ପ୍ରଶ୍ନ ଶୁଣି ଉତ୍ତର ଦେଲା—"ନିଶ୍ଚୟ ଆସି ପାରିବ ! ଆସ !"

ଦେବନାଥ ଫୁଲକୁ କେବେ ସେପରି ଭାବରେ କିଛି ପଚାରି ନ ଥିଲା । ଅନୁମତି ପାଇ ଘର ଭିତରକୁ ପଶିଗଲା । ଏହା ପୂର୍ବରୁ ସେ କେବେ ସେ ଘରେ ପାଦ ପକାଇ ନ ଥିଲା । ତା ପାଦ ସେଠି ପଡ଼ିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଷଚାରି ନ ଥିଲା । ଘର ଭିତରକୁ ଯାଇ ଠାଏ ଆଉଜିଲା ପରି ଠିଆ ହୋଇ ବାଲୁଁବାଲୁ ଚାହିଁଲା । ଫୁଲ

ନିତାନ୍ତ ଉତ୍ସୁକ ନେତ୍ରରେ କଣ କଥା ଶୁଣିବ ବୋଲି ଚାହିଁଛି । ସେ ନିଜର ଗଭୀର ଭାବକୁ ସମ୍ଭାଳି ନ ପାରି ରହି ରହି କହିଲା—

"ଶୁଣିବ ତୁମେ ମୋ ଘର କଥା ?"

"ତୁମ ଘର ?"

"ହୁଁ, ମୋର ଘର ! ମୋ ଘର ହେଉଛି ଛତିଶଗଡ଼ ଶେଷ ସୀମାରେ ।"

"ହେଲା କଣ ?"

"ନା କିଛି ହେଲା ନାହିଁ"—ଏତିକି କହି ଦେବନାଥ ମୁହଁ ପୋତିଦେଲା । ଟପ ଟପ ହୋଇ ଦି ଠୋପା ଲୁହ ତଳେ ପଡ଼ିଗଲା ।

ଫୁଲ କିଛି ବୁଝି ପାରିଲା ନାହିଁ । ନାନା ଆଶଙ୍କାରେ ତା ମୁହଁକୁ କେବଳ ବଲ ବଲ ଚାହିଁ ରହିଲା ।

ଦେବନାଥ ଧୀରେ ଧୀରେ ଆତ୍ମସ୍ଥ ହୋଇ ପୁଣି କହିଲା—

"ଯୁଦ୍ଧ····· ଯୁଦ୍ଧରେ ମୋର ସବୁ କଥା ସରି ଯାଇଛି !"

ଫୁଲର ଦୃଷ୍ଟି ଠିକ୍ ସେହିପରି ତାର ମୁଖମଣ୍ଡଳରେ ନିବଦ୍ଧ ରହିଲା । ଦେବନାଥ ଯେ ଯୁଦ୍ଧ ବିଷୟରେ ଆସି କଣ କହିବ, ଏ କଥା ସେ ମନେ ମନେ ଭାବିଥିଲା । ମାତ୍ର ସେ ଯୁଦ୍ଧ ଯେ ନିଜ ହୃଦୟର ଯୁଦ୍ଧ, ଏହା ହି ତାର ଧାରଣା ହେଲା ।

ଦେବନାଥ ଟିକିଏ ତୁନି ରହି ପୁଣି କହିଲା—"ମୋର ସଂସାରରେ ଆଉ ଏକମାତ୍ର ମାଆ !"

ଫୁଲ ସେହିପରି ନୀରବ ।

ପୁଣି ସେ ଶୁଣିଲା—"ଦୁଇ ମାସ ତଳର ଖବର ଏ । ସେଦିନ ସନ୍ଧ୍ୟାବେଳେ ଆମ ଗା ପାଖେ ଯୁଦ୍ଧ ଚାଲିଲା । ସମ୍ବଲପୁର ବାଟେ ଓଡ଼ିଆ ପାଇକମାନେ ଯାଇ ଆମ ପଠ ଗାଁ ସବୁ ଲୁଟି କରିବାରେ ଲାଗିଲେ । ସ୍ତିତରେ ଗାଁ ଗାରେ ନିଆଁ ଲଗିଲା । ମୋର ଏକମାତ୍ର

ଭଉଣୀ ସେହି ଘରରେ ନିଆଁରେ ପୋଡ଼ି ମରିଗଲା । ଆଉ······ ମାଆ ମୋର ପ୍ରାଣ ଧରି ଏବେ କେବଳ ମୋରି ବାଟ ଚାହିଁ ଚାହିଁ · ···;"

ଦେବନାଥର କଣ୍ଠକୁ ଯେପରି କିଏ ଚପି ଧଇଲା । ସେ ଆଉ କଥା କହି ପାରିଲା ନାହିଁ । ଚକ୍ଷୁପଥ ପାର ହୋଇ ବହୁ ବର୍ଷର ସ୍ମୃତି-ନଦୀର ଆବଦ୍ଧ ଜଳରାଶି ଅଶ୍ରୁ ରୂପେ ଝରି ଝରି ହୋଇ ବାହାରକୁ ବାହାରି ପଡ଼ିଲା ।

## —ବାଇଶି—

ଫୁଲ ଆଉ ସେଠି ଦେବନାଥକୁ କି ଆଶ୍ୱାସନା ଦେବ, କିଛି ବୁଝିପାରିଲା ନାହିଁ ! କେବଳ ନୀରବରେ ତାର ମାଆ ଭଉଣୀ କଥା ସବୁ ଶୁଣିଗଲା—ଯୁଦ୍ଧ ହେଲା, ଭଉଣୀ ମୃତ୍ୟୁମୁଖରେ ପତିତ ହେଲା । ସେହି ଦାଉପୋଡ଼ା ଛାରଖାର ଗାଁର କୁଡ଼ିଆ ଭିତରେ ଏବେ ଜନନୀ ଦରମରା ହୋଇ ପଡ଼ି ଏକମାତ୍ର ପୁଅର ବାଟ ଚାହିଁ ଛଟପଟ ହେଉଛି ! ସେ ଜାଣେ, ପୁଅ ଯାଇଛି ଯୁଦ୍ଧକୁ;ଯୁଦ୍ଧ ସାରି ଘରକୁ ଫେରିବ ···· ! ସେହି ଗାଁର କେତେ ଜଣ ସୈନ୍ୟ ତାଲଚେର ଗଡ଼ ଆକ୍ରମଣ ବେଳେ ଧରା ହୋଇ ମହାନଦୀ ବାଟେ ଏବେ ଆସି ଖରପଡ଼ିଆରେ ବନ୍ଦୀ ହୋଇଛନ୍ତି । ସେହିମାନେ ଦେବନାଥର ମାଆ ଭଉଣୀଙ୍କ ଖବର ଆଣି ଦେଇଛନ୍ତି ।

ଏସବୁ କରୁଣ କାହାଣୀ ଶୁଣିଲା ବେଳେ ଫୁଲ ହୃଦୟଟା କେଜାଣି କେଉଁ ଅଜ୍ଞାତ ସହାନୁଭୂତିରେ ପୂର୍ଣ୍ଣ ହୋଇଗଲା । ଆଖି ଛଳଛଳ କରି ସେ ପଚାରିଲା—

"ତୁମର ଭଉଣୀଟି··· !"

"ହୁଁ, ମୋର ଭଉଣୀଟି ଏ ସଂସାର ଖେଳା ଛାଡ଼ି ଚାଲି ଯାଇଛି ! ସେ ଦିନ ତୁମର ଆଗେ ତାର କଥା କହିବାକୁ ବିଚାରିଥିଲି । ମାତ୍ର ତୁମେ ମୁହଁ ଆଡ଼େଇ ଦେଇ ଚାଲିଯିବାରୁ ଭିନ୍ନ ହୋଇଗଲି । କାହାକୁ ଏସବୁ କଥା କହିବି କହିବି ବୋଲି ଦିନ-ରାତି ମୋର ଚିନ୍ତା ଥିଲା । ତୁମକୁ ଏତେବେଳେ ପାଇଲି; ମନ ବୋଧକରି କହିଦେଲି ।"

ଫୁଲ କହିଲା—"ହଁ,ମୋର ମନେ ପଡ଼ୁଛି । ସେ ଦିନ ତୁମେ ......!" ସେ ଆଉ କିଛି ଉତ୍ତର ଦେଲା ନାହିଁ । ଅଧାରେ କଥାକୁ ରଖି କଣ ଭାବି ଠିଆ ହୋଇ ରହିଲା । ତାର ଗତ ଦିବସର ଘଟନାଟି ମନେ ପଡ଼ିଲା । ଦୁଃଖପୂର୍ଣ୍ଣ ହୃଦୟର ପଦେ କଥା ନ ଶୁଣି ସେ ଯେ ସେ ପ୍ରାଣକୁ କିପରି ଆଘାତ କରିଥିଲା, ଏହି କଳ୍ପନା ସେ କଲା । ମନେ ମନେ ଲଜ୍ଜିତ ହୋଇ ମୁହଁ ପୋତି ଭାବିଲା; ଏପରି ସମୟରେ ଦେବନାଥ ନୀରବତା ଭଙ୍ଗ କରି ଆରମ୍ଭ କଲା—

"ମୋଟେ ତାକୁ ଦଶ ବରଷ । ଦଶ ବରଷର ସେ ଗୋଟିଏ କାଚକୁଣ୍ଢେଇ ପରି ! ସ୍ୱର୍ଗର ଗୋଟିଏ ଅପ୍ସରୀ ଅବା ଆମ ଘରେ ଜନ୍ମ ହୋଇଥିଲା ! ଆହା, ତାର ସେ ହସ, ସେ ଚାହାଣି, ସେ କଥା କି କେବେ ଏ ଜୀବନରେ ଆଉ ଭୁଲି ପାରିବି ? ଆସିଲା-ବେଳେ ସେ ମୋ ପଛରେ ଗୋଡ଼େଇ ଗୋଡ଼େଇ କହୁଥିଲା—"ଭାଇ, ଯାଉଛ ତ, କେବେ ପୁଣି ଫେରିବ ? ଆସିଲେ ମତେ ଗପ କହି ଖେଳ ଶିଖାଇଦେବ ।" ମୁଁ ତାକୁ ଘୋଡ଼ା ଢ଼ା, ତୀରମରା ଶିଖାଇଦେବି ବୋଲି କହି ଆସିଥିଲି । ବାପା ମୋର ମଲାବେଳକୁ ତାକୁ ହୋଇଥିଲା ମୋଟେ ତିନି ବରଷ । ତାକୁ ମୁଁ ବାପ ପରି ପାଳିଲି । ଓହୋ, ଲୋକଗୁଡ଼ାକ ସତେ କେଡ଼େ ନିଷ୍ଠୁର ! ଦଶ ବରଷର ବାଳିକାକୁ ମାରି କି ଜୟ ଲଭ କରନ୍ତି !"

ଫୁଲ ମୁହଁରୁ କିଛି ଉତ୍ତର ନ ପାଇ ସେ ପୁଣି ସେହି କଥା କହିଲା—"ଓହୋ, ଲୋକଗୁଡ଼ାକ ନିଷ୍ଠୁର ନ ହେଲେ କି ଏପରି କାମ କରିପାରନ୍ତେ ?" ଏତିକି କହି ସେ ନିଜ ଦୁଇ ହାତ ଭିତରେ ଆପଣା ମୁହଁଟାକୁ ଘୋଡାଇ ପକାଇଲା । ଫୁଲ ମୁହଁକୁ ବା ବାହା-ରକୁ ଚାହିଁବାକୁ ତାର ଇଚ୍ଛା ହେଲା ନାହିଁ । ଫୁଲ ଦେଖିଲା, ଦେବନାଥର ଆଙ୍ଗୁଠି ଭିତର ଫାଙ୍କ ଦେଇ ଧାର ଧାର ଲୁହ ବାହାରି ପଡ଼ି ତଳେ ପଡ଼ୁଛି । ସେହି ଅବସ୍ଥାରେ ରହି ସେ ତା ଭଉଣୀର ନା ଧରି ପଦେ ମାତ୍ର ଡାକ ଦେଲା ! ତା ବୁକୁ ଭିତରେ କି ଦାରୁଣ ବେଦନା କୁହୁଳି ଉଠିଥିଲା !

ତଥାପି ଫୁଲ କିଛି ହେଲେ କହିଲା ନାହିଁ । ଶେଷରେ ଦେବନାଥ ଯିବାକୁ ଉଦ୍ୟତ ହୋଇ କହିଲା—"କେବଳ ତୁମେ ବୋଲି ଏସବୁ କଥା କହିଲି । ସଂସାରରେ ମୋର ତୁମ ଛଡ଼ା..." ଟିକିଏ ଅଟକି ଯାଇ ପୁଣି କହିଲା "ମୋର ଆଉ କାହାକୁ କିଛି କହିବାକୁ ନାହିଁ !"

ଏତିକି କହି ପକାଇ ସେ ଯିବାକୁ ମୁହଁ ବୁଲେଇ ଦେଲା । ଫୁଲ ଏ ପର୍ଯ୍ୟନ୍ତ ବଡ଼ ଧୈର୍ଯ୍ୟ ଧରି ସବୁ ଶୁଣୁଥିଲା; ଏହି ଶେଷ-ପଦକ ତାକୁ ଅତି ବିଚଳିତ କରି ପକାଇଲା । କି ଏକ ଅଜ୍ଞାତ ଅପୂର୍ବ ପ୍ରବଳ ଉତ୍ତେଜନାରେ ସେ ଆଗପଛ କିଛି ବିଚାରି ନ କରି ଦେବନାଥର ହାତ ଦୁଇଟାକୁ ଧରି ପକାଇ କେବଳ କାତର ଭାବରେ ତା ମୁହଁକୁ ଚାହିଁ ରହିଲା !

## —ତେଇଶ—

ଏହିପରି ସମୟରେ ତେଣେ ଆଉ ଘରେ ବୃଦ୍ଧ ଶଙ୍କୁଶଳ ନିଦରୁ ଉଠି ମନେ ମନେ ଅନେକ କଥା ଭାବୁଥିଲେ । ଜ୍ୟୋତ୍ସ୍ନା ରାତିର ସେ ପବିତ୍ର ଶାନ୍ତି ତାଙ୍କ ମନକୁ ଛୁଉଁ ନ ଥିଲା । ହୁତାଶନ ପରି ଅଶାନ୍ତିପରଶ ବୁକୁତଳେ ଶିଖା ଟେକି ଉଠୁଥିଲା । ଶୟନ ସ୍ୱପନ ଜାଗରଣରେ ସେ କେବଳ ଅନ୍ଧାର ଛାୟା ଦେଖୁଥିଲେ । ଭାବୁଥିଲେ, ଏ ବାହାର ଶାନ୍ତିରେ ଜୀବନରେ ଆଉ ଶାନ୍ତି ନାହିଁ । ନିଜେ ଭଗବାନ ଯେବେ କଳ୍କି ଅବତାରରେ ଉଠି ଏ ନରଘାତକଗୁଡ଼ାଙ୍କୁ ଧ୍ୱଂସ ନ କରିବେ, ତାହା ହେଲେ ଶାନ୍ତି ଅସମ୍ଭବ ।

ଏହିପରି ନାନା ସମ୍ଭବ-ଅସମ୍ଭବ ଚିନ୍ତାରେ ସେ ଅଭିଭୂତ ଅଛନ୍ତି, ଏପରି ସମୟରେ ପାଖ ଘର ଭିତରେ କଥାବାର୍ତ୍ତା ସ୍ୱର ଶୁଣି ଚିହ୍ନାଏ କାନେଇଲେ । ରାତି ଭିତରେ ଆସି କିଏ ଯେ ତାଙ୍କ ଘରେ କାହା ସହିତ କଥାବାର୍ତ୍ତା ହେଉଥିବ, ପ୍ରଥମେ ସେ କିଛି କଳ୍ପନା କରି ପାରିଲେ ନାହିଁ । ଅନ୍ୟମନସ୍କ ମଲା ପରଠାରୁ ବେଳେ ବେଳେ ତାଙ୍କ କାନକୁ ନାନା ସମ୍ଭବ-ଅସମ୍ଭବ ସ୍ୱରଶବ୍ଦ ଶୁଣାଯାଏ । ଅନ୍ଧାର ଡାକ ମନେ କରି ସେ କେବେ କେବେ ବାହାର ପାଖକୁ ଚାଲିଯାନ୍ତି । କେତେବେଳେ ବା ଶେଯରେ ଶୋଇଥିବା ଅବସ୍ଥାରେ ସେହି କଳ୍ପିତ ସ୍ୱରକୁ ଲକ୍ଷ୍ୟ କରି ପାଠି କରି ଉତ୍ତର ମଧ୍ୟ ଦିଅନ୍ତି । ତାଙ୍କର ଏ ଭ୍ରମ ଫୁଲ୍ ଜାଣେ ଏବଂ ତାଙ୍କୁ ଠିକ୍ କଥା ବୁଝାଇଦିଏ । କ୍ରମେ କ୍ରମେ ତାଙ୍କର ଏ ଭ୍ରମ କମି ଆସିଲା; ମାତ୍ର ସେ ଦିନ ରାତିରେ ପାଖ ଘରେ ଏ ଶବ୍ଦ ଶୁଣି ମନକୁ ପୁଣି ସେହି ଭ୍ରମ ଆସିଲା । ଚମକି ସେ କାନେଇଲେ । ହାତରେ ବାଡ଼ିଖଣ୍ଡିଏ ଧରି ଅନ୍ଧାର ଘରୁ ଧୀରେ ଧୀରେ ବାହାରକୁ ବାହାରି ପଡ଼ିଲେ ।

ଆକାଶରେ ଚନ୍ଦ୍ର ହସୁଥିଲା । ବାହାର ବାରଣ୍ଡାଟା ସେହି ଆଲୋକରେ ପରିଷ୍କାର ଦେଖାଯାଉଥିଲା । ସୀମାବଦ୍ଧ ବୃକ୍ଷସଦଳ ପରି ଦୂରର ପାହାଡ଼ଗୁଡ଼ାକ ମୂଣ୍ଡ ଟେକି ଛିଡ଼ା ହୋଇ ରହିଥିଲେ । କାହିଁ କେଉଁ ଦୂର ଶିଖରୀ ତଳେ କୁମ୍ଭାଟୁଆ ବେଳେ ବେଳେ ହୁଙ୍କାର ଉଠୁଥିଲା; ମୂହୂର୍ତ୍ତକ ପାଇଁ ବାୟୁମଣ୍ଡଳ ସେତେବେଳେ ପ୍ରତିଧ୍ୱନିତ ହୋଇ ଉଠୁଥିଲା । ଏପରି ସମୟରେ ବୃଦ୍ଧ ଫୁଲ ଥିବା ଘରେ ଯାଇ ପହଞ୍ଚିଗଲେ ।

ଫୁଲ୍ଲ ଆଉ ଦେବନାଥ କେତେବେଳ ଯେ ସେଠି ପରସ୍ପରର ହାତ ଧରାଧରି ହୋଇ ଠିଆ ହୋଇଛନ୍ତି, ସେମାନେ ଜାଣନ୍ତି ନାହିଁ । ଧରଣୀ-ଗଗନର ପରପାରରେ କେଉଁ ସ୍ୱପ୍ନଲୋକର ଅରୁଣ ଆଲୋକରେ ଦିହେଁ ବିହାର କରୁଥିଲେ ! ତେଣୁ ପୃଥିବୀର କୁମ୍ଭାଟୁଆ ହୁଙ୍କାର ତାଙ୍କର ଚେତନା ଜାଗ୍ରତ କରି ପାରିଲା ନାହିଁ !

ଶଙ୍କୁଶଳ ବାଡ଼ିଟି ଧରି ଯାଇ ପାଖରେ ଠିଆ ହୋଇ ଆଖି ତରାଟି ଦେଲେ । ଭଗବାନ ! ଏ ଫୁଲ, ନା ଆଉ କିଏ ! ବୁଢ଼ାକୁ ଚାହୁଁଛି, ଅଥଚ କଥା କହୁ ନାହିଁ ! ଏ କାହିଁର କଥା ?

ଶବ୍ଦ ଶୁଭିଲା—"ଫୁଲ !"

କେବଳ ସେହି ପଦେ ମାତ୍ର । ଶବ୍ଦଟା ଘର ବାହାର ସବୁଆଡ଼ୁ ବୁଲି ଆସି ସେହିଠାରେ ପ୍ରତିଧ୍ୱନିତ ହେଲା—"ଫୁଲ !"

ବୁଢ଼ା ପୁଣି ଡାକିଲେ—"ଫୁଲ !"

ଫୁଲର ଆଖିପତା ପଡ଼ି ପୁଣି ଉଠିଲା । ସତ ମନେ କଲା ନାହିଁ । ଚାହିଁଲା, ଆଗରେ ଦେବନାଥ ! ତା ଉପରେ ଏକାବେଳକେ ସହସ୍ର ବଜ୍ର ଆସି ପଡ଼ିଲା କି ! ତା ପାଖରେ କାହୁଁ ଆସି ତାର ବାପା !! ନିଜ ଆଖିକି ବିଶ୍ୱାସ ନ କରି ପୁଣି ଆଖି ମୁଦି ପୁଣି ଚାହିଁଲା । ଆଖି ମୁଦିଲା ବେଳେ ସେ ଦେଖିଲା ତରୁଣ ସୁନ୍ଦର

ଦେବନାଥର ଛବି; ଆଉ ଆଖି ଫେରାଇ ଦେଖିଲା ବ୍ୟସ୍ତ ବିବ୍ରତ ଶଶି ଶେଖରଙ୍କ ଚକ୍ଷୁ । ଦେଖିଲା, ତାଙ୍କ ଦେହଟା କାଠପରି ରୁକ୍ଷ ହୋଇ ଯାଇଛି । ଆଖି ଦୁଇଟା ନିଆଁ ଜଳିଲା ପରି ଜଳୁଛି, ପାଟି ମେଲା ହୋଇଛି ଓ ଓଠ ଥରୁଛି; ଯେପରି କି ସେ ନିଃଶ୍ୱାସ ନେବା ପାଇଁ ଏବଂ କଥା କହିବା ପାଇଁ ବହୁତ କଷ୍ଟ ଅନୁଭବ କରୁଛନ୍ତି !

କିଛି ସମୟ ପରେ ଅତି ଭୟଙ୍କର ଭାବରେ ବୁଢା ଗର୍ଜନ କରି ଉଠିଲେ— ରାକ୍ଷସି ! ଶେଷକୁ ତୁ ଏହା ହିଁ କରିଲୁ ଭାଇ ମଲା ଘଡ଼ିରେ ଆଉ ତୁ ଏଠି ବସି ଗପ ସପେ ଆଳାପ କଲୁ ? ଭଗବାନ ତୋର ସର୍ବନାଶ କରନ୍ତୁ ତୋ ଭାଇର ଆତ୍ମା ତୋତେ ଅଭିଶାପ ଦେଉ ” ବୁଢା ଆଉ କିଛି କହି ପାରିଲେ ନାହିଁ ପାଟି ଫେନ ମାରିଗଲା ସେ ସେଇଠାରେ ଶ୍ରାନ୍ତକ୍ଲାନ୍ତ ହୋଇ ଧରି ବସି ପଡ଼ିଲେ । ବସି ବସି ସେ ବେହୋସ୍ ହୋଇଗଲେ ।

ଦେବନାଥ ଯେତେ ଭଲିଆ, ସେତିକିଟା ମନ୍ଦ ଭଲିଆ ହୋଇଲା ସେ ଦୃଶ୍ୟ ଦେଖିବାପରେ ଲାଗିଲା ସେ ଅନ୍ତରର ଧାଇଁ ଠେଲିଛି କହିଦେଇ ଫେରି ଯାଉଥିଲା ବନ୍ଦୀଶାଳାକୁ ତାକୁ ସେ ଫୁଲ କେତେବେଳେ ହାତ ବଢାଇଲା, କେତେବେଳେ ସେ ଫୁଲର କରସ୍ପର୍ଶରେ ତାର ବାକ୍ଶକ୍ତି ଲୋପ ହେଲା ସେ ଜାଣେ ନାହିଁ । ବୁଢାର ଗର୍ଜନରେ ତାର ମୋହ ଭାଙ୍ଗିଲା ।

ଶଶି ଶେଖରଙ୍କର ଭର୍ତ୍ସନାରେ ଫୁଲର ପାଟିରୁ ପଦେ ବାହାରିଲା ନାହିଁ । ଦେବନାଥ ଧୀରେ ଧୀରେ ପାଦ ପକାଇ ବାହାରେ କୁଆଡେ ମିଶିଗଲା । ଜଗତର ଅନ୍ଧକାର ଫୁଲର ଆଖି-ଆଗରେ ଘନୀଭୂତ ହୋଇ ଉଠିଲା । ମୃଦୁ ଠେକା ଚାହିଁଲା ଦେବ-ନାଥକୁ । ସେ ସେତେବେଳକୁ ବାହାରେ । ଦେଖିଲା, ଘରର ଚାକର ବାକର ଆସି ତା ବାପାକୁ ଧରି ତାଙ୍କ ଶୋଇବା ଘରକୁ

ନେଇ ଯାଉଛନ୍ତି । ସେ କେବଳ ଚହପିଭୁଲା ପରି ସେହି ସ୍ଥାନରେ ବସି ରହିଲା । ସେ ଯେ ମୁହୂର୍ତ୍ତକ ଭିତରେ କି ଅବସ୍ଥା ସୃଷ୍ଟି କଲା, ଏହି ଭାବନା ତାର ମନ-ବଚନକୁ ଅଧିକାର କରି ବସିଲା ।

## —ଚବିଶ—

ସେହି ରାତିକର ଦୁଶ୍ଚିନ୍ତା ଫଳରେ ବୃଦ୍ଧ ଶଙ୍କଲାଲଙ୍କର ମୃତ୍ୟୁ ହେଲା । ମରିବା ପୂର୍ବରୁ ସେ ଫୁଲକୁ ପାଖରେ ବସାଇ ଯଦି ହେଲେ କଥା କହି ପାରିଲେ ନାହିଁ ।

ଫୁଲ ବାପାଙ୍କ ରୋଗଶଯ୍ୟା ପାଖରେ ବସିଥାଏ, ଗୋଡ଼-ହାତକୁ ଆଉଁଷି ଦେଇ କାତର ଭାବରେ ପ୍ରଭୁଙ୍କ ପାଦେ କର ଯୋଡ଼ି ମନେ ମନେ ପ୍ରାର୍ଥନା କରୁଥାଏ—"ପ୍ରଭୁ ହେ, ବାପାଙ୍କୁ ମୋର ଭଲ କରିଦିଅ । ମୁଁ ମୋର ମନ କଥା ଯଦି ହେଲେ ତାଙ୍କୁ ଶୁଣାଇଥାଏ... ।"

ତାର ପ୍ରାର୍ଥନା କିନ୍ତୁ ଭଗବାନଙ୍କ ପାଖରେ ଶୁଣାଗଲା ନାହିଁ । ତାର ମନର କଥା ସେ ବାପାଙ୍କ ପାଖରେ କହି ପାରିଲା ନାହିଁ । ଯେତେବେଳେ ବୃଦ୍ଧଙ୍କର ଶେଷବାୟୁ ଉଡ଼ିଯିବାର ସମୟ ହେଲା, ସେ କେବଳ ବଲ ବଲ କରି ଫୁଲ ମୁହଁକୁ ଚାହିଁ ରହିଥିଲେ । ବୋଧ ହୁଏ ସେ ଫୁଲକୁ କଣ କହିବାକୁ ଇଚ୍ଛା କରୁଥିଲେ କିମ୍ବା ତାଠାରୁ କଣ ଶୁଣିବାକୁ ବ୍ୟସ୍ତ ହେଉଥିଲେ । ଫୁଲ ସେ ଚାହାଣି ଦେଖି କଣ ଉତ୍ତର ଦେବ, ଠିକ୍ ମଧ୍ୟ କରିଥିଲା । ତାର ମନେ ହେଉଥିଲା, କହି ଦେବ—"ବାପା, ମୁଁ କିଛି ଦୋଷ କରି ନାହିଁ, ଦୋଷ କରି ନାହିଁ ! ତୁମେ ଯେବେ ମୋର କାର୍ଯ୍ୟରେ ଦୁଃଖ କରି ମରୁଥାଅ, ତାହାହେଲେ ମୋ ପରି ଅଭାଗିନୀ ଏ ସଂସାରରେ କିଏ ନାହିଁ ।"

ଫୁଲର ଏ ଭାବନା କିନ୍ତୁ କଥାରେ ପ୍ରକାଶ ପାଇଲା ନାହିଁ । ସେ ବାପାଙ୍କ ପାଖରେ ଦୋଷ କରିଛି ବୋଲି ନିଜ ପାଖରେ ନିଜେ ସ୍ୱୀକାର କଲା ନାହିଁ । ଯେତେବେଳେ ସେ ସେହି କଥା ଭାବିଲା, ମନ-ଗଗନରେ ଚନ୍ଦ୍ରବେଶରେ, ତାରକାବେଶରେ, ବିଜୁଳି ବେଶରେ ଦେବନାଥ ଆସି ଦେଖାଦେଲା । ଦେବନାଥକୁ ମନରୁ ପାସୋରି ପାରିଥିଲେ ସେ ବାପାଙ୍କ କାନପାଖରେ କଣ ବା ପଦେ କହି ପାରିଥାନ୍ତା । ସେ ପାସୋରି ପାରିଲା ନାହିଁ, କି କହି ପାରିଲା ନାହିଁ ।

ସେ ଦିନର ଉଜ୍ଜ୍ୱଳ ପ୍ରଭାତ ପାସୋରି ହେବ ନାହିଁ । ଧୀର ମନ୍ଥର ଶୀତଳ ପବନ ବହୁଥିଲା । ବନ୍ଦୀମାନେ ଦୂରରେ ଗୀତ ଗାଉଥିଲେ । ଫୁଲ ସେପରି ସମୟରେ ଉଚ୍ଛ୍ୱସିତ ହୃଦୟରେ ଚେତନା-ଶୂନ୍ୟ ପିତାଙ୍କର ଧୂଳି ହାତ ଧରି କହିଲା—"ବାପା, ବାପା, ମୁଁ ଜାଣିଶୁଣି ଏହା କରି ନାହିଁ । ମୋର ଏଥିରେ ଦୋଷ ନାହିଁ ମୋତେ କ୍ଷମା ଦିଅ !" ତାର ଏ ପ୍ରାର୍ଥନା ପିତାଙ୍କ ହୃଦୟରେ ବାଜିଲା କି ନାହିଁ, ସେ ଜାଣିଲା ନାହିଁ ।

ଶଙ୍କରଲାଲଙ୍କର ଜଡ଼ ଶରୀରଟି ବରପଡ଼ାଆର ସେହି ପ୍ରାଚୀନ ଶାଳତରୁ ତଳେ ପାଉଁଶ ମୁଠାଏ ହୋଇ ରହିଲା; ବରପଡ଼ାଆର ବୀର କୃଷକ-ଜଗତରୁ ଚିରକାଳ ପାଇଁ ବିଦାୟ ନେଲେ । ସମସ୍ତେ ଜାଣିଲେ, ଶଙ୍କରଲାଲ ପୁତ୍ରଶୋକରେ ମଲେ; ମାତ୍ର ଫୁଲ ଜାଣିଲା, ତାର ବ୍ୟବହାର ପିତାଙ୍କ ମନରେ ଯେ ଆଘାତ ଦେଲା—ସେ ଆଘାତ ସେ ସମ୍ଭାଳି ନ ପାରି ସଂସାରରୁ ଚାଲିଗଲେ । ପିତୃ-ଶୋକରେ ସେ ଏତେ ବିହ୍ୱଳା ହୋଇପଡ଼ିଲା ଯେ, ସେଠି କେତେ ଦିନ ଲୋକେ ତାକୁ ପାଗଳିନୀ ବୋଲି ମନେକଲେ । ସେ ଦିନ ସ୍ମୃତିର ଘଟଣାଟି ସେ ମନରୁ ପାସୋରି ପାରିଲା ନାହିଁ ।

ପାଖକେ ମୃତ ପିତାଙ୍କ ଛବି, ଆଉ ପାଖକେ ଦେବନାଥର ଛାୟା ତା ମନକୁ ବିଚଳିତ କରିଦେଲା ।

—ପଚିଶ—

ବୃଦ୍ଧ ଶମ୍ଭୁଶେଲ ଯେ କି ଦାରୁଣ ଆଘାତ ପାଇ ମଲେ, ଏ କଥାର ଆଭାସ ଘରେ ଥିବା ଚାକରବାକର କିଛି କିଛି ପାଇଥିଲେ । ସେହି ଗୁପ୍ତ ଘଟଣା ପରଠାରୁ ଫୁଲ ପ୍ରତି ସେମାନଙ୍କର ବ୍ୟବହାର ମଧ୍ୟ ଭିନ୍ନରକମର ହେଲା । ସେମାନେ ଅନେକ ସମୟରେ ଫୁଲର ପଛରେ ଶମ୍ଭୁଶେଲଙ୍କ ମୃତ୍ୟୁର ନାନା ସମ୍ଭବ ଅସମ୍ଭବ ଗପ କରି-ବାରେ ଲାଗିଲେ । ଦିନେ ସନ୍ଧ୍ୟାବେଳେ ଫୁଲ ଘରଭିତରେ ବସି ଭୁନ ହୋଇ କଣ ଭାବନାରେ ବୁଡି ରହିଛି; ଏପରି ସମୟରେ ବାହାରେ କେତେ ଜଣ ଚାକରବାକର କଣ କଥାବାର୍ତ୍ତା ହେବାର ଶୁଣାଗଲା । ବାହାରେ ପର ମୁହଁରେ ନିଜ ନା ଶୁଣି ଫୁଲ ଚମକି କାନେଇଲା । ସେମାନଙ୍କ ଭିତରୁ ଜଣେ କହିଲା—

"ମୁଁ ଯାହା କହୁଛି, ଠିକ୍ ସେଇ କଥା । ଗାଁ ଗାଁ ସେହି କଥା ହୁରି ହୋଇ ଯାଇଛି । ପୁତ୍ରଶୋକ ବୁଢ଼ାକୁ ଯେତେ ବାଧି ନ ଥିଲା, ଝିଅର ବ୍ୟବହାର ସେତେ ବାଧିଲା । ନ ହେଲେ କି ସେ ଘଣ୍ଟାକ ଭିତରେ ଏପରି ହୋଇଥାନ୍ତେ ?"

ତାର ଉତ୍ତରରେ ଆଉ ଜଣେ କହିଲା—"ଏ କଥାଟା ଅଧାଅଧି ସତ । ବୁଢ଼ା ଯେ ଫୁଲର ସେ ବ୍ୟବହାରରେ ଅଚେତା ହୋଇ ପଡିଲା, ଏଥିରେ କାହାର ସନ୍ଦେହ ନାହିଁ । ମାତ୍ର ଚେତା ହରେଇ ଲୋକ କଣ ଆଉ ଚେତା ପାଉ ନାହାନ୍ତି ? ଏଥିର ଆଉ ଏକ କାରଣ ଅଛି ।"

ତୃତୀୟ ବ୍ୟକ୍ତି ପଚାରିଲା—"କି କାରଣ ଥିବାର ତୁ ଅନୁମାନ କରୁଛୁ ?"

"ଅନୁମାନ ? ଏଥିରେ ପୁଣି ଅନୁମାନ କଣ ? କଥାଟା ଦାଣ୍ଡରେ ପଡ଼ି ବାଟରେ ଗଡ଼ୁଛି । ଏହା କଣ ଜଣା ପଡ଼ୁନି ? ଏକେ ତ ନାୟିକାଙ୍କ ଘର-ବୋଲକରା । ତହିଁରେ ସେ ପଡ଼ିଲେ ପର ପୁରୁଷ ଲୋଭରେ ! ଏଥିରେ ସେମାନେ ଯାହା ଇଚ୍ଛା ତାହା କରିପାରନ୍ତି ।"

"ତୁ କଣ କହୁଛୁ ତାହା ହେଲେ ବୁଢ଼ାକୁ ସେ··"

"ନିଶ୍ଚୟ ! ନ ମାରିଲେ କି କାହାର ଏପରି ହଠାତ୍ ମୃତ୍ୟୁ ହୁଏ ?"

ଏ କଥା ଶୁଣି ସମସ୍ତେ ଅନେକ ସମୟ ନୀରବ ହୋଇଗଲେ । ମଝିରେ ମଝିରେ କାହାର କାହାର ଦୀର୍ଘଶ୍ୱାସର ଶବ୍ଦ ଶୁଣାଗଲା । ପୁଣ୍ୟଶ୍ଳୋକ ଶିବ ଶିଲଙ୍କ ନାମ ସ୍ମରଣ କରି କେହି କେହି କପାଳକୁ ହାତ ଠେକିଲେ । ଜଣେ କିଏ କହିଲେ—"ତାହା ହେଲେ ବୁଢ଼ା ଭାଗ୍ୟରେ ଏହା ହିଁ ଥିଲା ? ଯାହାକୁ ସେ ଏତେ ସ୍ନେହ କରୁଥିଲା ସେ ତାକୁ ମାରିଲା !"

କିଏ କହିଲା--"ଆରେ ଭାଇ, କାହାକୁ କହନ୍ତି ଆପଣାର? ଯାହାକୁ ଯେ ଯେ ପରିମାଣରେ ଭଲ ପାଇଲା । ଫୁଲ ଯେ ମରହଟା ଠୋକା ପଛରେ ଗୋଡ଼େଇଚି, ଏ କଥା କଣ ଆଗରୁ ଶୁଣାଯାଉ ନ ଥିଲା । ସେହି ଦିନୁ ମୁଁ ସନ୍ଦେହ କରୁଥିଲି । ଭାବୁଥିଲି, ଏ ନିଶ୍ଚୟ କିଛି ବପଦର ଗୋଡ଼ା । ଶେଷକୁ ତାହା ହିଁ ହେଲା । ବୁଢ଼ା ଥିଲେ ଯେ ସବୁ ଅସୁବିଧା ହୋଇଥାନ୍ତା !! ବର୍ତ୍ତମାନ ସମସ୍ତେ ନିଶ୍ଚିନ୍ତ ! କିଏ କାହାକୁ କିଛି ମନା କରିବାକୁ ନାହିଁ; କିଏ କଣ କରୁଛି, କେହି ଦେଖିବାକୁ ମଧ୍ୟ ନାହିଁ । କିନ୍ତୁ ଏତିକି ଦୁଃଖ ଲାଗୁଛି,

ଶନ୍ଟୁଗୁଡ଼ାକୁ ଯେ ଏତେ ଘୃଣା କରୁଥିଲା, ଆଉ ଆଖିରେ ଚାହୁଁ ନ ଥିଲା, ସେ ପୁଣି କପରି ଏତେ ବଦଳିଗଲା ! ବୁଢ଼ା ଗଲାଦିନୁ ମୋତେ ଏ ଥାନଟା ପିତା ଲାଗିଲାଣି । ଭାବୁଛୁ, ଏଇ ପୂନଅଁଠାରୁ ଆଉ ଏଠି ଚାକିରି କରିବ ନାହିଁ । ଏଠି ରହି ଏସବୁ କାଣ୍ଡ ଦେଖିଲେ ପାପ ଲାଗିବ !"

ଅନ୍ୟ ବ୍ୟକ୍ତି କହିଲା—"ମୁଁ ମଧ୍ୟ ସେହି କଥା ଠିକ କରୁଛୁ । ମୁଁ ଆଉ ଏଠାକୁ ଆସିବି ନାହିଁ; ମୋର ଚାକିରି ଏଠି ଏତିକି !"

ଏହିପରି ଭାବରେ ଚାରି ଛଅ ଜଣ ଲୋକ ନିଜ ନିଜର ସ୍ୱଚ୍ଛନ୍ଦ ମତ ବ୍ୟକ୍ତ କରିବାରେ ଲାଗିଲେ । ଫୁଲ ଘର ଭିତରେ ରହି ସେମାନଙ୍କ କଥା ଗୋଟି ଗୋଟିକରି ଶୁଣିଲା; କିନ୍ତୁ ହେଲେ ଏଥିର ପ୍ରତିବାଦ କଲା ନାହିଁ । ଘରେ ବାହାରେ ତାର ଯେ ଦୁର୍ନାମ ଶତଗୁଣ ବଢ଼ିଛି, ସେ ତାହା ଜାଣି ପାରିଲା । ଲୋକଯାକ ଯେତେବେଳେ ବିଦାୟ ନେଇ ଚାଲିଗଲେ, ସେ କେବଳ ଶେଯରେ ପଡ଼ି ଛଟପଟ ହେଲା । ଭାବିଲା—"ସତେ କଣ ମୁଁ ପାପ କରୁଛି ?" ତା ହୃଦୟ ଭିତରେ କିଏ କହିଲା—"ନା, ପାପ ନୁହେଁ; ପାପ ନୁହେଁ ।"

## —ଛବିଶ—

କେତେଦିନ ତଳେ ଫୁଲ ଉପରେ ସୁଖ୍ୟାତିର ଯେଉଁ ଫୁଲ ବରଷୁଥିଲା, ତାହା କ୍ରମେ ଝଡ଼, କୁଆପଥର ବର୍ଷାରେ ପରିଣତ ହେଲା । ଶନ୍ଟୁଶାଳ ସଂସାରରୁ ଯିବା ସଙ୍ଗେ ସଙ୍ଗେ ତାଙ୍କର ପୁରୁଣା ଚାକରବାକର ସବୁ ଫୁଲ ପାଖରୁ ଗୋଟି ଗୋଟି ହୋଇ ଅଲଗା ହୋଇଗଲେ । ସେମାନେ ଚାରିଆଡ଼େ ଫୁଲର ଦୁର୍ନାମ ଗାଇ

ବୁଲିଲେ । ଫୁଲ ନିଜ ହାତରେ ତା ବାପକୁ ମାରି ଦେଇଛି, ଏ ଖବର ସବୁଆଡ଼େ ଶୁଣାଗଲା ।

ଏ ସବୁ ହେଲା ସତ; ମାତ୍ର ଫୁଲ ମନରେ କିଛି ପରିବର୍ତ୍ତନ ଘଟିଲା ନାହିଁ । ପ୍ରଶ୍ନରେ ଦେବନାଥ ସହିତ କଥାବାର୍ତ୍ତା ହୋଇ ସେ ଯେ ପିତାଙ୍କ ମୃତ୍ୟୁର କାରଣ ହୋଇଛି, ଏ କଥା ସେ ସ୍ୱୀକାର କରିବାକୁ ରାଜି ହେଲା ନାହିଁ । ସେ ମନକୁ ମନ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଲା—ଏ ସବୁ ତାର ଦୋଷ ନୁହେଁ । ସେ ଜାଣି ଜାଣି କିଛି କରିନାହିଁ ।

ଚାକରବାକର ଘରୁ ବିଦାୟ ନେଲେ । ସେ ହସି ହସି ସେମାନଙ୍କୁ ବିଦା କରିଦେଲା । ଲୋକେ ଚାରିଆଡ଼େ ତାର ଦୁର୍ନାମ ଗାଇ ବୁଲିଲେ । ସେ ହସି ହସି ତାହା ଶୁଣିଲା । ମାତ୍ର ଦେବନାଥକୁ ଦିନେ ନ ଦେଖିଲେ ସେ ଚିନ୍ତା କରି କରି କାଳ କଟାଇଲା । ପୂର୍ବ ପରି ତାକୁ ଏକୁଟିଆ ଜଙ୍ଗଲରେ ଗାଈ ପାଳିବାକୁ ପଡ଼ିଲା; ଏକୁଟିଆ ଗାଈ ଦୁହିଁ ଦୁଧ ବିକିବାକୁ ହେଲା । ସେ କାହାର ସାହାଯ୍ୟ ଆଦୌ ଲୋଡ଼ିଲା ନାହିଁ । କେବଳ ସେ ଦେବନାଥର ସାହାଯ୍ୟ ଛଡ଼ା ଆଉ କୌଣସିଥିକି କଳ୍ପନା ସଙ୍ଗୀ କଲା ନାହିଁ ।

ସେ ଶୁଣେ, ଦେବନାଥ ନିଜର ଆଚରଣରେ ସମସ୍ତଙ୍କର ଅତି ପ୍ରିୟ ହୋଇଛି । ଏ ଖବର ପାଇ ସେ ଯେ କି ଆନନ୍ଦ ଅନୁଭବ କରେ, ସେ କଥା ଦେବନାଥ ହୁଏ ତ ବୁଝେ ନାହିଁ । ସେ ବନ୍ଦୀଶାଳା ଭିତରେ ଫୁଲର ସୌରଭ ପାଇଁ ବ୍ୟାକୁଳ ହେଉଥାଏ; କେବେ କେବେ ବା ଫୁଲ ଉପରେ ତାର ଆଖି ପଡ଼େ । ସେତେବେଳେ ସେ ସମୟ ଅସମୟ ନ ବିଚାରି ଅନ୍ୟମନସ୍କ ହୋଇପଡ଼େ ।

ଏ ମଧ୍ୟରେ ଛଅଟି ମାସ କଟିଗଲା । ଫୁଲ ଦେବନାଥର ଆଉ ସାକ୍ଷାତ୍ ପାଇଲା ନାହିଁ । ବନ୍ଦୀଶାଳା ଭିତରେ କୌଣସି ଏକ ଦଙ୍ଗାହାଙ୍ଗାମାରେ ଦଳଭୁକ୍ତ ହୋଇ ଦେବନାଥକୁ ଅନ୍ୟ ଏକ ଶାହାଲକୁ ବଦଳି କରାଯାଇଥିଲା । ତେଣୁ ବାହାରକୁ ଆସିବାର ବାଟ ତାର ବନ୍ଦ ହୋଇଥିଲା ।

ଦେବନାଥର ଦେଖା ନ ପାଇ ଫୁଲ ମନରେ କେତେ ମାନ-ଅଭିମାନର ଜୁଆର ଖେଳିଲା । କେତେବେଳେ ରାଗିଲା, କେତେ-ବେଳେ ନାନା ମଧୁର କଳ୍ପନା କରି ହସିଲା; କେତେବେଳେ ବା ମୂକ ପରି ବସି ରହିଲା । ସେ ଦେଖିଲା, ବହୁତ ସୁଖସ୍ୱପ୍ନ —ଯୁଦ୍ଧ ବନ୍ଦ ହେବ, ବନ୍ଦୀମାନେ ଖଲାସ ହେବେ; ସେତେବେଳେ ଦେବନାଥକୁ ସେ ସେହି ବାଟେ ବରପଣ୍ଡିଆରେ ଆପଣା ବାହୁ ଭିତରେ ବନ୍ଦୀ କରି ରଖିବ—କହିବ "ତୁମ ସହିତ ମୋର ଶାନ୍ତି ସ୍ଥାପିତ ନ ହେଲେ କୌଣସିମତେ ଖଲାସ ହୋଇ ପାରିବ ନାହିଁ ... !" କେତେ ଅସମ୍ଭବ ସୁଖ କଳ୍ପନା ଯେ ସେ କରି-ବସେ, କଳନା କରି ହେବ ନାହିଁ ।

ଦିନେ ଫୁଲ ଗଡରୁ ଫେରୁଛି, ଶୁଣିଲା—ଲୋକେ କଥାବାର୍ତ୍ତା ହେଉଛନ୍ତି—"ଏଇ ସେହି ରାକ୍ଷସୀ ଆସୁଛି । ହାତରେ ବାପକୁ ମାଇଲା; ଏବେ ଗୋଟେ ମରହଟା ଟୋକା ସାଙ୍ଗରେ ମାଣ୍ଡି କୁଳରେ କଳଙ୍କ ବୋଳିବାକୁ ଯାଉଛି । ଏଇଠାକୁ ସେଇ ଯୁଦ୍ଧକୁ ପଠାଇଦେଲେ ଚଳନ୍ତା, ସେଇଠି ଶେଷ ହୋଇଯାନ୍ତା; ଆଉ ଏତେ ହଟଗୋଳ ଦାଣ୍ଡଘାଟରେ ହୁଅନ୍ତା ନାହିଁ ।"

ଏତେ କଥା ଶୁଣି ଫୁଲ କିଛି ଉତ୍ତର ଦେଇ ପାରିଲା ନାହିଁ । ନୀରବରେ ନାନା କଥା ଭାବି ଘରେ ଆସି ପହଞ୍ଚିଲା । ଆସିଲା ବେଳେ ପ୍ରତି ଶାହାଲର ବନ୍ଦୀମାନେ ଆଗ୍ରହରେ ତା ଆଡ଼କୁ ଚାହିଁ

ରହିଥିଲେ । ଘରକୁ ଆସି ସେ ଶୋଇବା ସ୍ଥାନରେ ବସି ରହିଲା । ବସି ବସି ରାତ୍ରି ପ୍ରାୟ ଶେଷ ହେଲା; ମାତ୍ର ତାର ବସିବା ମୋହ ଭାଙ୍ଗିଲା ନାହିଁ । ଏ ପର୍ଯ୍ୟନ୍ତ ସେ ହୃଦୟର ଯେଉଁ ଗୋପନ କଥାଟି ନେଇ ଭିତରେ ଭିତରେ ଯୁଦ୍ଧ କରୁଥିଲା, ଏବେ ତାହା ପରିଷ୍କାର ବାହାରକୁ ଜଣା ପଡିଗଲା । ଯେଉଁ କଥାକୁ ସେ ନିଜେ କେବେ ବିଶ୍ୱାସ କରିବ ବୋଲି ଭାବି ନ ଥିଲା, ତାହା ଏବେ ତା ଆଗରେ ଦର୍ପଣ ପରି ଥିଆ ହେଲା । ଲୋକେ ଜାଣିଲେ, ଫୁଲି ଦେବନାଥ ମୋହରେ ପଡିଛି ! ମରହଠା ଯୁବକ—ଯେଉଁ ଜାତିକୁ ସେ ମନ-ବଚନରେ ପ୍ରତି ମୁହୂର୍ତ୍ତରେ ଘୃଣା କରୁଥିଲା, ସେହି ଜାତିର ଜଣକ ପ୍ରତି ତାର ଏତେ ମମତା ! ରାତ୍ରି ରାତ୍ରି ଅନିଦ୍ରା ରହି, ଏ ସବୁ କଥା ବିଚାରି ବିଚାରି ସେ କେବଳ ନିଜ ମନକୁ କହିଲା, "ମୋ ଆୟତ୍ତରେ କଣ ଏ ହେଉଛି ! ପ୍ରଭୁ ହେ !"

ଫୁଲି ଯେ ସବୁବେଳେ ଏଥିରେ ଆନନ୍ଦ ଅନୁଭବ କରୁଥିଲା, ତା ନୁହେଁ । ବେଳେ ବେଳେ ସେ ମନକୁ ମନ ଭାବେ, "ଯେତେ-ବେଳେ ମୋ ଜାତିର ଗୌରବକୁ ମୁଁ ପାଦରେ ଦଳି ଏ ଅନ୍ୟାୟ କରି ବସିଛି, ମୋର ଉଚିତ ହେଉଛି ଏ ସ୍ଥାନ ଛାଡିଯିବା !" ମାତ୍ର ଏ ଭାବନା ପଛେ ପଛେ କାହିଁ ଦେବନାଥର ମୂର୍ତ୍ତିଛବିଟା ତା ଆଗରେ ଆସି ନାଚିଯାଏ । ତାହା ଦେଖି ସେ ପୁଣି ଠିକ୍ କରେ—"ମୁଁ ଯାଇ ପାରିବି ନାହିଁ । ଯିବା ମୋ ପକ୍ଷରେ ସମ୍ଭବ ମଧ୍ୟ ନୁହେଁ ।" ତା ହୃଦୟରୁ କାତର ଧ୍ୱନି ଉଠେ—"ଯିବି କୁଆଡେ ? ଚାଲିଗଲେ କି ଦେବନାଥକୁ ଦେଖିବାକୁ ପାଇବି ?" ବେଳେ ବେଳେ ସେ ଦେବନାଥ କଥା ଭାବି ଜଗତର ସକଳ କଥା ଭୁଲିଯାଏ । ପୁଣି ପର ମୁହୂର୍ତ୍ତରେ ଚେତନା ଆସିଲେ କହେ, "ପ୍ରଭୁ ହେ ! ପଥ ଦେଖାଅ !"

## —ସତେଇଶ—

କାଳଚକ୍ର ଗଡ଼ିରେ ପୁଣି ଆସି ଦଶହରା ପହଞ୍ଚିଲା ।

ପ୍ରକୃତିର ବିଜୟୋତ୍ସବ ବେଳେ ବରପଡ଼ିଆର ବନ୍ଦୀଶାଳାରେ ନବ ଉତ୍ସାହ ଦେଖାଗଲା । ଖବର ଆସିଲା ଯେ, ଯୁଦ୍ଧରେ ବାରମ୍ବାର ହାରିବା ଫଳରେ ନାଗପୁରର ମରହଟ୍ଟାପତି ଯୁଦ୍ଧ ବନ୍ଦ କରି ଦେଉଛନ୍ତି । ଏ ଖବର ପାଇଁ କାହା ମନରେ ଦୁଃଖ ଆସିଥାଇ ପାରେ; ମାତ୍ର ବର୍ଷ ବର୍ଷକାଳ ବନ୍ଦୀ ଥିବା ମରହଟ୍ଟା ବୀରମାନଙ୍କ ମନ ମାତି ଉଠିଲା । ମନେ କଲେ, ସ୍ୱଦେଶକୁ ଫେରି ନବ ବଳ ନବ ଉତ୍ସାହ ନେଇ ପୁଣି ରଣରଙ୍ଗରେ ମାତିବେ ।

ଏ ଖବରଟା ଯେ କେବଳ ବନ୍ଦୀମାନଙ୍କୁ ବିଚଳିତ କରି ଦେଲା, ତାହା ନୁହେଁ; ସେହି ବନ୍ଦୀଶାଳା ପାଖରେ ବଣର ହରିଣୀ ପରି ବୁଲୁଥିବା ଫୁଲ ହୃଦୟରେ ନବ ନବ ବିପ୍ଳବ ସୃଷ୍ଟି କଲା । ମହାନଦୀ ପରି ତାର ଭାବନା-ସ୍ରୋତ ବହିଲା ଏକ ଦିଗରେ—ସମୁଦ୍ର ଦିଗରେ; ଏକମାତ୍ର ସେହି ଦେବନାଥ ଦିଗରେ ! ଆକାଶର ଚନ୍ଦ୍ରସୂର୍ଯ୍ୟ, ପୃଥିବୀର ବନଗିରି ସବୁ ତାକୁ ସମାନ ଦେଖାଗଲେ । ସ୍ୱାଧୀନତାର ପୂଜାରୁଣୀ ସେ, କି ଚକ୍ରଲୀଳା ଭିତରେ ପଡ଼ି ଜଣକର ନାମରେ ସେ ବନ୍ଦିନୀ ଥିଲା; ପୁଣି କାହାକୁ ସେ ବନ୍ଦୀ କରି ରଖିଥିଲା- ଏ ସକଳ ସମସ୍ୟା ତା ଆଖି ଆଗରେ ପ୍ରତିଭାତ ହେଲା । ଭାବିଲା, "ଏ କି ସତ୍ୟ ଖବର ? ତାହା ହେଲେ ତ ତାର ଆନନ୍ଦର ସୀମା ରହିବ ନାହିଁ । ପୁଣି ଦେବନାଥ ପ୍ରତି… ସତେ କି ଏ କଥା ଦେବତାଙ୍କ ଆଶୀର୍ବାଦ ନ ହେବ ?"

ଏ ଖବର ପାଇଁ ଦିନ ତମାମ ଫୁଲ ପାଗଳିନୀ ପରି ବୁଲିଲା । ଗଛ ପାଖକୁ ଗଲା ଫୁଲ ତୋଳିବ ବୋଲି; ମାତ୍ର ଫୁଲ ତୋଳି କାହାକୁ ଦେବ — ଏ କଥା ଭାବୁ ଭାବୁ ପକ୍ଷୀର କୂଜନରେ ତା

ମନରେ ଚମ ପଶିଲା । ଘରେ ବସିଲା କଣ କାମ କରିବ ବୋଲି । ଦେଖୁ ଦେଖୁ ହରଣର କୁହାଟ ଶୁଣି ଚମକ ଚାହିଁଲା — ବେଲ ମୁଣ୍ଡ ଉପରୁ ଗଡିଲାଣି । ତା ମନରେ ଜଗତଯାକର ଚନ୍ତା ଆସି ଜାଲ ଛନ୍ଦିଲା ପରି ରହିଲା । ଭାବିଲା, 'କଣ ସତେ ଭୁଲ କରୁଛୁ ? ଦେବନାଥ ମରିହଟା—ଏଟା ତାର କଣ ପାପ ? ବାପା ତ ପ୍ରଥମେ କହୁଥିଲେ, ପାପ ଜଣକର ହେଲେ ଜାଣଟାର ବୋଲି ଧରିବା ପାପ । ସେପରି ଭାବି ତାହାହେଲେ ମୁଁ ବା କାହାଁକ ପାପ କରିବ ? ଲୋକେ ବୁଝନ୍ତୁ ବା ନ ବୁଝନ୍ତୁ, ପାପଟା ତ ସବୁବେଳେ ପାପ ! ହାଁ ରେ ଦେବନାଥ, ମରିହଟା ବଂଶରେ ଜନ୍ମ ହେବାକୁ ଥିଲା !"

ପିତୃସ୍ନେହ ଫୁଲର ହୃଦୟକୁ ଦଗ୍ଧ କଲା । ସେହି ସନ୍ଧ୍ୟା, ସେହି ରାତି, ସେହି ଗୋପନ ଆଳାପ, ସେହି ହାତ ଧରାଧରି, ସବୁ ଆସି ମାନସ-ଚକ୍ଷୁରେ ନାଚଗଲା । ଆଖିରୁ ଲୁହ ବୋହିଲା— ପାଟିରୁ କଥା ବାହାରିଲା ନାହିଁ ! ସକାଳୁ ପେଟରେ ଅନ୍ନ ପଡି ନାହିଁ; ରାତିରେ ଆଖିକି ନିଦ ମଧ୍ୟ ଆସିଲା ନାହିଁ । ଗଗନରେ ତାରକାମାଳା କେବଳ ଚାହିଁ ରହିଲେ ନୀରବରେ ! ତାର ଦୁଃଖରେ କାହା ଆଖିରୁ ଲୁହ ବହିବାର ସେ ଜାଣିଲା ନାହିଁ । ବନ୍ଦୀଶାଳା ଆଡକୁ ଚାହିଁଲା, ନିଜର ହୃଦୟ ଭିତରକୁ ଆଖି ପକାଇଲା—ଠିକ୍ ସେହି ରୂପ—ସେହି ଦେବନାଥ ! ଓହୋ, ସେ କି ତାର ପୂର୍ବଜନ୍ମର ସହଚର ଥିଲା ! ସେ କି ତା ଅଧରର ଅଧେ ! ତା ଅଭାବରେ ଏ ଅଧରଟା ଅସହାୟ ଭାବରେ କେବଳ ଥରିଲା ! ସମ୍ଭାଳି ନ ପାରି ତକିଆ ଉପରେ ମୁହଁ ମାଡି ଶୋଇ ପଡିଲା ··!

ଆସିଲା ବଉଳ, ଆସିଲା ବଜ୍ର, ଆସିଲା ଘନଘୋର ବର୍ଷା ! ମହାନଦୀ ଉଛୁଳିଲା, ବନଗିରି ଗର୍ଜନ କଲେ, ଜଗତ ପ୍ରକମ୍ପିତ

ହେଲା । ତାହାର ଭିତରେ ଗଗନର ଘନପରଦା ବିଦୀର୍ଣ୍ଣ କରି ତାରକା ହସିଲା ! ଫୁଲ ଦେଖିଲା, ସେହି ତାରକାରାଜ୍ୟରେ ସେ ଯାଇ ପହଞ୍ଚିଛି ! ସେ ଜାଣେ ନାହିଁ ଦେବନାଥର ବୁକୁରେ ସେ ବସା ବାନ୍ଧି ସାରିଛି ! ସେ ଜାଣେ ନାହିଁ, କେତେବେଳେ କି ସୂତ୍ରରେ ଆସି ଦେବନାଥ ତାକୁ ବନ୍ଦିନୀ କରି ରଖିଛି ! ତା ମୁହଁକୁ ଚାହିଁ ଚିତ୍କାର କଲା—"କିଏ, ଦେବନାଥ !"

ତାର କ୍ଷଣିକ ମୋହ ଉଭେଇଗଲା । ସେ ବିସ୍ମୟ-ବିସ୍ଫାରିତ ନୟନରେ ଦେଖିଲା, ବନ୍ଦୀଶାଳା ଭାଙ୍ଗି ନାହିଁ, ମହାନଦୀ ଉଛୁଳି ନାହିଁ, ବିଜୁଳି ହସି ନାହିଁ, ସେ ଦେବନାଥ ବାହୁତଳେ ଆହୁରି ଆଶ୍ରୟ ପାଇ ନାହିଁ । ହାୟ ରେ ବିଧାତା—କି ଲୀଳାମୟ ନାରୀର ପ୍ରାଣ !

---

## —ଅଠେଇଶ—

ବନ୍ଦୀଶାଳାର ଶୃଙ୍ଖଳ କୋହଳ ହୋଇ ଆସିଲା । ବନ୍ଦୀ-ମାନଙ୍କୁ ଦଳ ଦଳ ହୋଇ ସ୍ୱଦେଶକୁ ଫେରିବାକୁ ହେବ !

ମାତ୍ର ଦେବନାଥ କଣ କରିବ, କିଛି ଠିକ୍ କରି ପାରିଲା ନାହିଁ । ସେ ଦେଖିଲା, ତାର ଶୃଙ୍ଖଳ ବେଳକୁ ବେଳ ଟାଣ ହୋଇ ଆସିଲା । ତାହା ଯେଉଁ ଆଡ଼କୁ ଟାଣି ହେଉଥିଲା, ସେହି ଆଡ଼କୁ ସେ ଗତି କଲା । ରାତି ପ୍ରାୟ ଛଅ ଘଣ୍ଟା ହେବ, ବନଭୂମିର ଭିତି ପରି ସେ ଚାଲି ଚାଲି ଯାଇ ଠିଆ ହେଲା ଫୁଲର ଦୁଆର ମୁହଁରେ ।

କେତେ ବିତାଇଲା ଫେରି ଆସିବ ପଛକୁ ! ପାରିଲା ନାହିଁ । ଦେଖିଲା, ଚାରିଆଡ଼ୁ ବୃଦ୍ଧ ଶିବୁଶିଲଙ୍କର ଗ୍ରାମ୍ୟ କଣ୍ଠସ୍ୱର ଯେମିତି ତାକୁ ନିର୍ଦ୍ଦେଶ କରି କହୁଛି, "ଏଇ ସେହି—ସେହି ଦେବନାଥ

ଏ !" ବୁକୁତଳର ରକ୍ତ ବିଜୁଳି ଗତିରେ ଖେଳିଲା—ନିଜ ଆୟତ୍ତରେ ରହି ନ ପାରି ଡାକ ଦେଲା—"ଫୁଲ... !"

ଫୁଲକୁ 'ଫୁଲ' ବୋଲି ସେ କେବେ ଡାକି ନ ଥିଲା । ତାର ମର୍ମସ୍ଥଳ ସତେ ବା ରସାତଳରେ ଖସି ପଡ଼ିଲା ! ଦୁଇ ବାହୁରେ ବୁକୁକୁ ଚପି ଧରି ଆକାଶକୁ ଚାହିଁଲା । ପୁଣି ଡାକିଲା—"ଫୁଲ !"

ଫୁଲର ସ୍ୱପ୍ନ ଭାଙ୍ଗିଥିଲା । କହିଲା—"କିଏ ସେ ?"

ଆଉ କିଛି ଉତ୍ତର ନାହିଁ । ଦେବନାଥ ଉତ୍ତର ଦେବା ପାଇଁ ପ୍ରସ୍ତୁତ ହେଉ ହେଉ ତେଣେ ଦୁଆରଟା ଫିଟିଲା । ଫୁଲ ଆସି ଦେଖିଲା ଆଗରେ ଦେବନାଥ ଠିଆ ! ମୁହଁକୁ ମୁହଁ ଦେଖାଗଲା, ହାତକୁ ହାତ ବାଜିଲା ! ଦେବନାଥ ପ୍ରଥମେ ନୀରବତା ଭଙ୍ଗ କରି କହିଲା—

"ଫୁଲ, ଏବେ ତ ସବୁ ଶେଷ ହେଲା ।"

ନିଜର ନାଁଟି ଦେବନାଥ ମୁହଁରେ ଫୁଲ ସେହି ପ୍ରଥମ ଥର ଶୁଣିଲା । ତା ଦେହରେ ରୋମାଞ୍ଚ ଜାତ ହେଲା । ପଚାରିଲା—

"କଣ ଶେଷ ହେଲା ?"

"ଯୁଦ୍ଧ ଶେଷ ହେଲା !"

"ସତ ? ଏ କଥା କି ସତ ?"

"ନିଶ୍ଚୟ ! ଶେଷ ହେଲାଣି କହିଲେ ଚଳେ !"

ଫୁଲ କଣ ଏଥିର ଉତ୍ତର ଦେବ, ଠିକ୍ କରୁ କରୁ ମୁହୂର୍ତ୍ତେ ଖଣ୍ଡେ ବିତିଗଲା । ମୁହଁ ଉପରକୁ ଟେକି ପଚାରିଲା—

"ଯୁଦ୍ଧ ସରିଲା ବୋଲି କଣ ତୁମେ ପ୍ରକୃତରେ ଖୁସି ଅଛ ?"

ଦେବନାଥ ତା ମୁହଁକୁ ଚାହିଁ ପୁଣି ମୁହଁ ପୋତି ଦେଲା । କିଛି ସମୟ ସେପରି ରହି କହିଲା—"ନା...ମୁଁ ..କହି ପାରିବି ନାହିଁ, କହି ପାରିବି ନାହିଁ .....!"

ଦେବନାଥ ଯେତେବେଳେ ସେଠାରୁ ପାଦ କାଢ଼ି ଚାଲି ଆସିଲା, ଫୁଲ୍ କେବଳ ପଛରେ ନୀରବରେ ଚାହିଁ ରହିଲା । ମନେ ମନେ କେବଳ ଗୋଟିଏ କଥା ନୃତ୍ୟ କଲା—"ଯୁଦ୍ଧ ଶେଷ ହେଲା, ନା ଯୁଦ୍ଧ ଆରମ୍ଭ ହେଲା !"

ଦେବନାଥ ସେପରି ଉତ୍ତର ଦେଇ ଭୁଲ୍ କଲା କି ଠିକ୍ କଲା, ବୁଝି ପାରିଲା ନାହିଁ । ସନ୍ଦେହ-ଦୋଳାରେ ତା ମନ ଏ ପାଖ ସେ ପାଖ ହେଲା । ରାତିରେ ହୁଇ ଥର ଉଠିଲା; ଭାବିଲା, ପୁଣି ଯାଇ କହିଦେଇ ଆସିବ—"ବେଶ୍ ଖୁସି ଅଛି, ବେଶ୍ ଖୁସି ଅଛି !" ମାତ୍ର ପର ମୂହୂର୍ତ୍ତରେ ଭାବିଲା—"ସେ ଯେବେ ଖୁସି ନ ଥାଏ, ସେ ଯେବେ ପ୍ରତ୍ୟାଖ୍ୟାନ କରେ, ତାହା ହେଲେ ?"

ଆଶା-ନିରାଶାର ତୁମୁଳ ଯୁଦ୍ଧ ଭିତରେ ଦେବନାଥକୁ ସେ ରାତିକ କାହିଁକି, ସେହିପରି କେତେ ଦିନରାତି କଟାଇବାକୁ ପଡ଼ିଲା । କେତେ ସେ ଚଳନ୍ତ ନୌକାରେ ଫୁଲ ଆସିବା ବାଟକୁ ଚାହିଁଲା, କେତେ ସେ ସ୍ୱପ୍ନରେ ତାକୁ ଭେଟିଲା; ମାତ୍ର କେତେବେଳେ ହେଲେ ସେ କହିପାରିଲା ନାହିଁ—"ବେଶ୍ ଖୁସି ଅଛି, ବେଶ୍ ଖୁସି ଅଛି !"

## —ଅଣତିରିଶ—

ବର୍ଷପଡ଼ିଆରେ ବିପ୍ଳବ··· ।

ଖବର ସତ୍ୟ । ଯୁଦ୍ଧ ଶେଷ ! !

ବନ୍ଦୀମାନେ ଖଲାସ ହେଲେ । ଦଳକୁ ଦଳ ମହାନଦୀର ବିଶାଳ ବକ୍ଷରେ ନାଆ ବାହି ଉପରକୁ ଉଠିଲେ । ଆଠଦିନ କାଳ ଏହି ଲୀଳା ଚାଲିଲା । ଫୁଲ୍ ଘରର ବାରଣ୍ଡାରେ ଠିଆ ହୋଇ

ଏହି ଉଦାସୀ ଉତ୍ସବ ଦେଖିଲା । ଗଲାବେଳେ ସମସ୍ତେ ଥରେ କାହିଁକି, କେତେ ଥର ତା ଆଡ଼କୁ ଆଖି ପକାଇଲେ ।

ମାତ୍ର ଦେବନାଥ !

ଦେବନାଥ ଫୁଲକୁ କହିଲା—ସେ ଶେଷ ଦଳରେ—ଶେଷ ନାଆରେ ଯିବ ।

ଦେବନାଥ ଆଉ ବନ୍ଦୀ ନୁହେଁ; ସେ ମୁକ୍ତ । ଫୁଲ ପାଖକୁ ତାର ଅବାଧ ଗତି, ଫୁଲ ସହିତ ତାର ଖୋଲାଖୋଲି ଆଳାପ !

ବନ୍ଦୀ ଖଲାସ ହେବାର ପଞ୍ଚମ ଦିନ ସନ୍ଧ୍ୟା ହେଲା । ଦେବନାଥ ଫୁଲକୁ ପଚାରିଲା—

"କଣ କରିବାକୁ ହେବ ?"

ଫୁଲ କେବଳ ମୁହଁ ପୋତି ବସି ରହିଲା । ତାର ଯେ ଦୁର୍ନାମ ଜଗତ ବ୍ୟାପିଛି ! ମରହଟ୍ଟା ଯୁଦ୍ଧରେ ଜିଣିଥିଲେ ବା କଥା ଅନ୍ୟ ପ୍ରକାର ଗତି କରିଥାନ୍ତା ! ସେ ଏବେ ଆଉ ଗାଈ ଜଗୁ ନାହିଁ, ଦୁଧ ଦୁହୁଁ ନାହିଁ, ବଣରେ ବୁଲୁ ନାହିଁ, ଖାଉ ନାହିଁ, ପିଉ ନାହିଁ, ଶୋଉ ନାହିଁ ମଧ୍ୟ !

କିଛି ସମୟ ପରେ ମୁହଁ ଟେକି ସେ ଉତ୍ତର ଦେଲା—

"ଏ ଜଗତର ବାହାରେ !"

ଦେବନାଥ କହିଲା—"ଠିକ୍ ସେୟା ଭାବୁଛି ଫୁଲ ମୁଁ । ଏ ପ୍ରେମରାଜ୍ୟ ନୁହେଁ ; ଏ ସଇତାନର ରାଜ୍ୟ ! ଏଠି ତୁମର ଦୁର୍ନାମ, ସେଠି ମୋର ଦୁର୍ନାମ ! ଏଠି ତୁମେ ରହିପାରିବ ନାହିଁ, ସେଠି ମୁଁ ରହିପାରିବ ନାହିଁ । ଯୁଦ୍ଧ ହେଲା ଦୁଇଟା ରାଜ୍ୟର । ଏକ ପକ୍ଷ ଜିଣିଲା, ଅନ୍ୟ ପକ୍ଷ ହାରିଲା; କିନ୍ତୁ ଆମର ହେଲା କଣ ? ଓଡ଼ିଆ ରାଜ୍ୟରେ ସ୍ଥାନ ନାହିଁ କି, ମରହଟ୍ଟା ରାଜ୍ୟରେ ସ୍ଥାନ ନାହିଁ ...... ।"

ବନ୍ଦୀ ଜୀବନର ଷଷ୍ଠ ଦିନ ଶେଷ ହେଲା । ଆଉ ଦୁଇଟି ଦିନ ରହିଲେ । ବାରପଟ୍ଟଆରେ କ୍ରମେ କ୍ରମେ ନୀରବତା ରାଜତ୍ୱ କଲା । ମାତ୍ର ଦେବନାଥ ଫୁଲ ପାଖରୁ ବା ଫୁଲ ଦେବନାଥ ପାଖରୁ ଅଲଗା ହେବାର ଆଉ ଦେଖାଗଲା ନାହିଁ । ଦେବନାଥ କହିଲା, "ଶୁଣିଛ ଫୁଲ ! ଏଇ ଯେ ଆମର କଥା, ଯାଇ ମହାରାଷ୍ଟ୍ର-ପଣ୍ଡିତଙ୍କ କାନରେ ବାଜିଲାଣି !"

ଫୁଲ କହିଲା—"ଗଜପତି ମଧ୍ୟ ଶୁଣିଛନ୍ତି ଏଇ କଥା !"

"ତାହା ହେଲେ ତ ଠିକ୍ ଅନୁମାନ ! ଆମର ଏ ରାଜ୍ୟରେ ସ୍ଥାନ ନାହିଁ, କି ସେ ରାଜ୍ୟରେ ସ୍ଥାନ ନାହିଁ !"

ଫୁଲ କହିଲା—"ଖାଲି ଏତିକି ନୁହେଁ, ଖବର ଆସିଛି ଯେ ମୋର ଏ ଅପରାଧ ପାଇଁ ମୋତେ ବନ୍ଦିନୀ କରାଯିବ… !"

ଦେବନାଥ ନୀରବ ରହି ଭାବିଲା । ଭାବିଲା, "ସେ ଯୁବକରୁ ଆସି ଓଡ଼ିଆଣୀର ପ୍ରେମରେ ବନ୍ଧା ! ମହାରାଷ୍ଟ୍ରପଣ୍ଡିତଙ୍କ ପାଖରେ ଏ ତ ଅମାର୍ଜନୀୟ ଦୋଷ ! ଉଃ - ପଥ କାହିଁ !"

ସେ ଆଉ କିଛି ଭାବିବାର ପଥ ପାଇଲା ନାହିଁ । ଆଗରେ ଦିଶୁଥିଲା ପାହାଡ଼—ସେହି ଆଡ଼କୁ ଚାହିଁ ରହି ଫୁଲକୁ କହିଲା—"ତେବେ କଣ ଆମର ପଥ ନାହିଁ ?"

"ପଥ ଅଛି ।"

"ଅଛି, ଦେଖିଛ ତୁମେ ?"

"ହଁ, ଦେଖିଛି ! ନିତି ଦିନର ଦେଖା ପଥ ମୋର ! ସେ ପଥ ଛାଡ଼ିଲେ ଆଉ ପଥ ନାହିଁ ।"

"ତେବେ ଯିବାକୁ ହେବ କାଲି ?"

"ହଁ, ଏହି ଶେଷ ଦଳକ ଯେତେବେଳେ ଏ ବାରପଟ୍ଟଆକୁ ନିର୍ଜନ କରି ଛାଡ଼ିଯିବେ, ତାହା ଆଗରୁ ଆମକୁ ପଥ ଦେଖିବାକୁ ହେବ… !"

ଦେବନାଥର ଚନ୍ଦ୍ରା ବଢିଲା । ଗଗନର ଘନ ଅବଗୁଣ୍ଠନ ଭିତରୁ ତାର ମୁହଁ କାଢ଼ି ଜୀବିବରେ କେବଳ ଏହି କଥୋପକଥନ ଶୁଣୁଥିଲେ ।

× × ×

ଶେଷ ଦିବସ ।

ଖୋକା ପଚାରିଲା, "ଦେବନାଥ ?"

ଦେବନାଥ ପଥ ଖୋଜି ବାହାରିଛି ।

ଚହଳ ପଡ଼ିଲା—"ଦେବନାଥ !"

ଦେବନାଥ ଫୁଲକୁ ହାତରେ ଧରି ଠିଆ ହୋଇଛି ଏକ ଶିଖର ଦେଶରେ ।

କେହି ତାର ସନ୍ଧାନ ପାଇଲେ ନାହିଁ ।

ଦେବନାଥ ସେହି ଉନ୍ନତ ଶିଖରଦେଶରେ ଠିଆ ହୋଇ ପଚାରିଲା—

"ଫୁଲ ! ଏ ଯେ ବନଖାଲ, ଆଉ ପଥ କାହିଁ ?"

ଦେବନାଥର ବୁକୁତଳେ ମୁହଁ ଠେକି ଯନ୍ତ୍ରଣାଗ୍ରସ୍ତକଲମାରି ଫୁଲ ଆବେଗଭରା ପ୍ରାଣରେ କହିଲା—"ପଥ ଏହାର ତଳେ ...।"

"ଏ ଯେ ମହାନଦୀ !"

"ଏହାର ଭିତରେ—"

"ଯିବାକୁ ପ୍ରସ୍ତୁତ ଅଛ ?"

"ନ ଯିବାକୁ ଆଉ ଉପାୟ କାହିଁ ?"

× × ×

ଦୂରରେ ତୂର୍ଯ୍ୟଧ୍ୱନି ଶୁଭିଲା—"ଦେବନାଥ !"

ଭଦାୟ ବେଳ ଆଉ ଅଳ୍ପ ସମୟ ଥିଲା । ଚାରିଟି ହାତ ଛନ୍ଦା ଛନ୍ଦି, ତାହାର ପାଖରେ ଦଇଟି ବୁକୁ ଅଶିଗଲା । ମାନବ ପ୍ରାଣର

ରକ୍ତପିପାସା, ମାନବ ହୃଦୟର ସମର ପ୍ରବୃତ୍ତି ଦୁଇଟି ପ୍ରାଣରେ ଶାନ୍ତି ଦେଲା ନାହିଁ । ସେମାନେ ଜଗତରେ ହୃଦୟ ଖୋଲି ମାନବ ସମାଜ ଭିତରେ ଖେଳିବା ପାଇଁ ପଥ ପାଇଲେ ନାହିଁ । ପାହାଡ଼ ରହିଲା ଉପରେ—ସଂସାର ରହିଲା ପଛରେ—ଶତ ଶତ ଅପବାଦ, ଅପମାନ, ଦୁର୍ନାମ ଧୂଳିରେ କଳଙ୍କିତ ହେଲା । ଅମରଯାତ୍ରୀ ଏହି ଦୁଇଟି ମହାପ୍ରାଣୀ ଅନନ୍ତ ଯୁଗରେ ମହାନଦୀ କୂଳରେ ଠିଆ ହୋଇ ନଦୀର ଉଦ୍ଦାମ ଗତିକୁ ଚାହିଁ ରହିଲେ ।

ଫୁଲ କହିଲା—"ଏଇ ପଥ !"

ଦେବନାଥ କହିଲା—"ଏଇ ପଥ !"

ଯାତ୍ରୀ ଦୁହେଁ ମହାନଦୀ ପାର ହେବେ ନାହିଁ; ସଂସାର ପାର ହେବେ । ଅଧରକୁ ଅଧର, ଛାତିକୁ ଛାତି ଛନ୍ଦି ଦେଇ ଦେବନାଥ କହିଲା—

"କହ ଫୁଲ, କଣ କହୁଥିଲୁ !"

ଫୁଲ କହିଲା—

"ପଡ଼ିଲା ଯେ ଦିନ ନୟନ ପ୍ରଥମ ଥର ।"

—ଦେବନାଥ—

"ଉଚ୍ଛୁଳି ଉଠିଲା ହୃଦୟ-ସାଗର ଜଳ !"

—ଫୁଲ—

"ଭୁଲି ଯାଉଥିଲି ତରୁଣୀ ରହିଲି ଚାହିଁ"

—ଦେବନାଥ—

"ଦେଖିଲି ଆବର ମରମେ ସମର ଭୁଇଁ !"

—ଫୁଲ—

'ପଥ ନାହିଁ' ମୋର ଉଠିଲା ମରମ ତଳେ"

—ଦେବନାଥ—

"ଏଇ ପଥ ପ୍ରିୟେ—ଏଇ ମହାନଦୀ ତଳେ !"

ମହାନଦୀର୍ ଘାଟେଲ ଜଳଧାର୍ ଧୂଇଦି ମହାପ୍ରାଣୀର ପାଦ ଢେଉଇଁ ଆଣ୍ଠୁ ଯାଏଁ ଛୁଇଁଲା । ଜଣେ କହିଲା—

"ସମରେ ମାତି ଯେ ପ୍ରଣୟ ଦେଇଛନ୍ତି ବଳି
ସେ ପଥେ ଯାଉଛି ଆମ ସ୍ୟନ୍ଦନ ଚଳି ।"

ଅନ୍ୟ ଜଣେ କହିଲା—

"ନାହିଁକି ସମର, ନାହିଁ ହାହାକାର ଯନ୍ତ୍ରା
ଆମର ଦୀପଟି ଜଳି ଗୋ ଉଠିବ ତନ୍ଦ୍ରା !"

ତା ପରେ ଛାତି ବୁଡିଲା—କଣ୍ଠ ବୁଡିଲା—ଶୁଭିଲା—

"ରକ୍ତ ଖୋଜେ ଯେ ନର,
ଧରେ ନାହିଁ କରବାଳ;
ଥାଉ ସେ ପଛରେ ରହି !"

ଅଧରେ ଅଧର କରେ କର ରଖି……
ତା ପରେ ଏକ ତରଙ୍ଗ ! !
ସବୁ ଶେଷ !

× × ×

କୋଣାର୍କର ମହାମନ୍ଦିର ତୋଳା ଯାଇଥିଲା ଏକ ପ୍ରଣୟ ସ୍ତୁପ ଉପରେ; କିନ୍ତୁ ଏ ପ୍ରଣୟ-ସ୍ତୁପ ଉପରେ କେବେ ଯେ ପୁଣି ମହାମନ୍ଦିର ତୋଳା ହେବ, କଣ ଛୁ ତାହା ବୁଝନ୍ତୁ !